RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-173 •BHUBANESWAR •MONDAY •18 DECEMBER 2023 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୭୩ •ଭୁବନେଶ୍ୱର •ସୋମବାର •୧୮ ଡିସେମ୍ବର ୨୦୨୩ •ପୃଷ୍ଠା-୧୬ •ଟ.୬.୦୦




▸ପୃଷ୍ଠା ୧୪ ଦେଖନ୍ତୁ...




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-173 ◆BHUBANESWAR ◆MONDAY ◆18 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୭୩ ◆ଭୁବନେଶ୍ୱର ◆ସୋମବାର ◆୧୮ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦

# ଏଟିଏମ୍ ଭାଙ୍ଗି ୭ ଲକ୍ଷ ଲୁଟ୍

■ **ପାଟଣାଗଡ଼, ୧୭।୧୨ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣଗଡ ଥାନା ୪୨ ନମ୍ବର ରାଜ୍ୟ ରାଜପଥରୁ ମାତ୍ର ୮ କିଲୋମିଟର ଦୂରରେ ଥିବା ସରମୁହାନ ବସଷ୍ଟାଣ୍ଡ ଏସବିଆଇ ଏଟିଏମ୍‌ରୁ ଦୁର୍ବୃତ୍ତମାନେ ଶନିବାର ରାତିରେ ୭ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏଟିଏମ୍ ଭାଙ୍ଗି ଦୁର୍ବୃତ୍ତଙ୍କ ଏଭଳି ଲୁଟ୍ ଆଇନଶୃଙ୍ଖଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ପୁଲିସ ବିଳମ୍ବରେ ଆସି ଏହାର ଛାନଭିନ ଜାରି ରଖିଛି। ଏ ବିଷୟରେ ଏସଡିପିଓ ଓ ଥାନାଧିକାରୀ କୌଣସି ଉତ୍ତର ରଖି ନାହାନ୍ତି। କିଛି ମାସ ପୂର୍ବରୁ ଏହି ୪୨ ନମ୍ବର ରାଜ୍ୟ ରାଜପଥରେ ଚୁଡାପାଲିଠାରୁ ପାଟଣାଗଡ ଭିତରେ ତଥା ସରମୁହାନ, ଭଇଁଷା, ଧୁବଲପଡା, ଉଲବା ଅଞ୍ଚଳରେ ମଧ୍ୟ ସମୟ ସମୟରେ ପ୍ରାୟତ ଛୋଟମୋଟ ଧରଣର ଡକାୟତି ମଧ୍ୟ ହୋଇଆସୁଛି। ଅଞ୍ଚଳବାସୀ ଏହି ଅଞ୍ଚଳରେ ଏକ ପୁଲିସ ଫାଣ୍ଡି ଖୋଲିବା ସହ ପୁଲିସର ପାଟ୍ରୋଲିଙ୍ଗ ବ୍ୟବସ୍ଥାକୁ କଡାକଡି କରିବାକୁ ଦାବି କରିଆସୁଥିଲେ। ପୁଲିସର ଉଦାସୀନତା ଯୋଗୁଁ ଏତେ ବଡ଼ କାଣ୍ଡ ଘଟିଲା ବୋଲି ଏବେ ଅଭିଯୋଗ ହେଉଛି।






୫୦୦ ଟେଷ୍ଟ ୱିକେଟ୍ କ୍ଲବରେ ଲିଅନ

▶କ୍ରୀଡ଼ା ପୃଷ୍ଠାରେ...


• RNI REGD NO: 42041/83
• www.sakalaepaper.com
• /thesakalanews
• /TheSakala
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-173 ♦BHUBANESWAR ♦MONDAY ♦18 DECEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୭୩ ♦ଭୁବନେଶ୍ୱର ♦ସୋମବାର ♦୧୮ ଡିସେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦


# 'ବିକାଶବିରୋଧୀ'ଙ୍କୁ ପାଣ୍ଡିଆନଙ୍କ ଟାର୍ଗେଟ

## ଆଖି ଖୋଲିଲେ ଦିଶିବ ରାଜ୍ୟର ରୂପାନ୍ତରଣ

- ରୂପାନ୍ତରଣରେ ଓଡ଼ିଶା ସୃଷ୍ଟି କରିଛି ବିକାଶର ନୂଆ ପରିଭାଷା
- ଧାର୍ମିକ ପୀଠ, ଶିକ୍ଷା ଓ ସ୍ୱାସ୍ଥ୍ୟ ରୂପାନ୍ତରଣ ଅନନ୍ୟ ପଦକ୍ଷେପ
- କିଛି ଲୋକଙ୍କୁ ଦେଖାଯାଉନାହିଁ ଓଡ଼ିଶାର ସାମଗ୍ରିକ ବିକାଶ
- ରୂପାନ୍ତରଣ କଥା ଶୁଣିବା ବେଳକୁ ଅନ୍ଧ ହୋଇ ଯାଉଛନ୍ତି
- ଐତିହାସିକ ରୂପାନ୍ତରଣ ଦେଖି ମଧ୍ୟ ଅପପ୍ରଚାର କରୁଛନ୍ତି



■ **ବ୍ରହ୍ମପୁର, ୧୭ ।୧୨ (ସମିସ):** ଦୁଇଦିନିଆ ଗଞ୍ଜାମ ଗସ୍ତର ଦ୍ୱିତୀୟ ଦିନରେ ରାଜ୍ୟର 'ବିକାଶ' ବିରୋଧୀଙ୍କୁ ଶାଣିତ କଟାକ୍ଷ କରିଛନ୍ତି '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ରାଜ୍ୟର ରୂପାନ୍ତରଣକୁ ସହ୍ୟ କରିପାରୁ ନ ଥିବା ଓ ବିକାଶକୁ ହଜମ କରିପାରୁ ନ ଥିବା ବିରୋଧୀଙ୍କୁ ଆଖି ଖୋଲି ରୂପାନ୍ତରଣର ପାର୍ଥକ୍ୟକୁ ଦେଖିବାକୁ ଆହ୍ୱାନ ଦେଇଛନ୍ତି । ରାଜ୍ୟର ଐତିହାସିକ ରୂପାନ୍ତରଣ ପ୍ରସଙ୍ଗ ଆସିବା ବେଳକୁ ସେହି 'କିଛି ଲୋକ' କରୁଥିବା ଅନ୍ଧ ଆଚରଣ ଓ ଅପପ୍ରଚାରକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି କାର୍ତ୍ତିକ ।

ଗଞ୍ଜାମ ଜିଲ୍ଲାକୁ ଦୁଇ ଦିନିଆ ଗସ୍ତର ଅନ୍ତିମ ଦିନରେ ଛତ୍ରପୁର ସୁନ୍ଦରେଶ୍ୱର ମନ୍ଦିର ପରିସରରେ ଆୟୋଜିତ ସମାବେଶରେ ଯୋଗ ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଓଡ଼ିଶାରେ ଯେପରି ରୂପାନ୍ତରଣ ଚାଲିଛି ତାହା ଦେଶ ପୂର୍ବରୁ କେବେ ଦେଖି ନଥିଲା । ରୂପାନ୍ତରଣ ନୀତିକୁ ଆଧାର କରି ଓଡ଼ିଶା ସୃଷ୍ଟି କରିଛି ବିକାଶର ନୂଆ ପରିଭାଷା । ଦେଶ ଦୁନିଆରୁ ଓଡ଼ିଶା ଆସୁଥିବା ଲୋକେ ଆମର ରୂପାନ୍ତରଣ ଦେଖି ଚକିତ ହେଉଛନ୍ତି । ସବୁ କ୍ଷେତ୍ରରେ ଓଡ଼ିଶା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମୁକ୍ତକଣ୍ଠରେ ସ୍ୱୀକାର କରୁଛନ୍ତି; କିନ୍ତୁ ଓଡ଼ିଶାରେ କିଛି ଲୋକଙ୍କୁ ବିକାଶ ଦେଖାଯାଉ ନାହିଁ । ସେହି ଲୋକମାନଙ୍କୁ ମୁଁ କହିବାକୁ ଚାହେଁ ଯେ ଆଖି ବନ୍ଦ କଲେ ବିକାଶ ବା ରୂପାନ୍ତରଣ ଦେଖାଯିବ ନାହିଁ; ତେଣୁ ଥରେ ଆଖି ଖୋଲି ଦେଖନ୍ତୁ, ରୂପାନ୍ତରଣ ଜଳ ଜଳ ହୋଇ ଦେଖାଯିବ । ଶିକ୍ଷାରୁ ସ୍ୱାସ୍ଥ୍ୟସେବା, ଗମନାଗମନରୁ ଐତିହ୍ୟସ୍ଥଳୀର ସୌନ୍ଦର୍ଯ୍ୟକରଣ, କ୍ରୀଡ଼ାରୁ ଶିଳ୍ପାୟନ ଓ ଆଇଟି ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଓଡ଼ିଶାରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ଓଡ଼ିଶାର ପ୍ରତ୍ୟେକ ବର୍ଗର ଲୋକଙ୍କ ଜୀବନକୁ ରୂପାନ୍ତରଣ ଅଭିଯାନ ଛୁଇଁଛି । ଲୋକଙ୍କ ସମସ୍ୟା ଦୂର ହେଉଛି, ସେମାନଙ୍କୁ ଉନ୍ନତ ସୁବିଧା ସୁଯୋଗ ମିଳୁଛି, ଆମ ପିଲାମାନେ ଅତ୍ୟାଧୁନିକ ଶିକ୍ଷାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । କିନ୍ତୁ ▶ପୃଷ୍ଠା-୯

# ଅଟୋକୁ ଚାପିଦେଲା ହାଇୱା; ୫ ମୃତ

■ **ସୁନ୍ଦରଗଡ଼, ୧୭ ।୧୨ (ସମିସ):** ରବିବାର ଅପରାହ୍ନରେ ବନ୍ଧପାଲି-କିଞ୍ଜିରକେଲା ରାସ୍ତାର ଟାଙ୍ଗରଭାଡ଼ି ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୫ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ସୁନ୍ଦରଗଡ଼ ସହରର ୩ଟି ସଂଖ୍ୟାଲଘୁ ପରିବାରର ୬ ସଦସ୍ୟ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସରସ୍ୱତୀ ନାଳା ଅଞ୍ଚଳକୁ ବଣଭୋଜି କରିବାକୁ ଏକ ଅଟୋରେ ଯାଇଥିଲେ । ବଣଭୋଜି ସାରି ଅପରାହ୍ନରେ ସେମାନେ ଘରକୁ ଫେରୁଥିବା ବେଳେ ଦୁଲିଏନ ନିକଟରେ ବିପରୀତ ଦିଗରୁ ଆସୁଥିବା ବାଲି ବୋଝେଇ ହାଇୱା ଅଟୋକୁ ସାମ୍ନାରୁ ଧକ୍କା ଦେଇଥିଲା । ଧକ୍କା ପରେ ଉଭୟ ଗାଡ଼ି ରାସ୍ତା ପାଖର ପ୍ରାୟ ୧୦ ଫୁଟ ତଳେ ଥିବା ବିଲକୁ ଓଲଟି ପଡ଼ିଥିଲା । ଅଟୋରେ ଥିବା ସମସ୍ତ ଲୋକେ ଗାଡ଼ି ତଳେ କାଦୁଅ ମଧ୍ୟରେ ଫସି ରହିଥିଲେ । ▶ପୃଷ୍ଠା-୯



ମୁଖ୍ୟମନ୍ତ୍ରୀଙ୍କ ଶୋକ: ୩ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା

# ହାତୀ ଆକ୍ରମଣରେ ୩ ମୃତ

■ ଚାଷୀଙ୍କ ସହ ଶ୍ରମିକଙ୍କୁ ଦଳିଦେଲା
■ ଆକ୍ରମଣରେ ଦିନମଜୁରିଆ ମୃତ

■ **ଭେଡେନ/ଥୁଆପାଲି/ବୈଶିଙ୍ଗା, ୧୭।୧୨ (ସମିସ):** ବରଗଡ଼ ଜିଲ୍ଲା ଭେଡେନ ଥାନାଞ୍ଚଳରେ ରବିବାର ହାତୀ ଆକ୍ରମଣରେ ଦୁଇ ଜଣଙ୍କ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଦୁଇ ଜଣ ଯୁବକ ହେଲେ ଗାଇସିଲେଟ କଠଉମାଲର ସେବଲାଲ ସୁନା (୫୦) ଓ ଦେଶଭଟଲି ପଞ୍ଚାୟତ ବିଶିପାଲି ଗ୍ରାମର ବଳରାମ ସାହୁ (୨୫) । ସୂଚନା ଅନୁସାରେ, କେନାଲ କାମ ଚାଲୁଥିବାରୁ ଗତ ୭ ତାରିଖ ଗାଇସିଲେଟ କଠଉମାଲର ୧୬ ଜଣ ଓ କନ୍ଧୁମୁଣ୍ଡାର ୫ ଜଣ ସମୁଦାୟ ୨୧ ଜଣ ଶ୍ରମିକ ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିଲେ । ସେହି ଲୋକମାନେ ଭେଡେନ ଥାନା ସଂକ୍ରୀଡ଼ା ପଞ୍ଚାୟତ ଝର୍ନିଆଟିକ୍ରାରେ ରହି କାମ କରୁଥିଲେ । ୪ ଜଣ ଭୋର ସକାଳୁ ଶୌଚ କରିବାକୁ ଯାଇଥିବାବେଳେ ସ୍ଥାନୀୟ ଡୁଙ୍ଗୁରିରେ ଏକ ହାତୀ ବୁଲୁଥିବାରୁ ୩ ଜଣ ଦୌଡ଼ି ପଳାଇଥିବାବେଳେ ସେବଲାଲ ସୁନା ▶ପୃଷ୍ଠା-୯




# ଟୋଲଙ୍ଗପଡ଼ାରେ ଲକ୍ଷ୍ମୀନାରାୟଣ ପୂଜା

**ବେଲବାହାଲି, ୧୭।୧୨ (ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ପଞ୍ଚାୟତର ଟୋଲଙ୍ଗପଡ଼ା ଗ୍ରାମରେ ଲକ୍ଷ୍ମୀନାରାୟଣ ପୂଜାଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବାବୁଲି ସାଙ୍କ ସଂଯୋଜନାରେ ଆୟୋଜିତ କୁରାଳ ପଞ୍ଚମୀ ଉତ୍ସବ ଅବସରରେ କୁମ୍ଭାର ସଂପ୍ରଦାୟର ଏହି କାର୍ଯ୍ୟକ୍ରମ ଏକ ନିଆରା କାର୍ଯ୍ୟକ୍ରମ ହୋଇଥିବାରୁ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୁଶଭଦ୍ରା ନଦୀରୁ ଶ୍ରଦ୍ଧାଳୁ ଓ ଭକ୍ତମାନେ କଳସ ଶୋଭାଯାତ୍ରାରେ ଆଣି ଘଟସ୍ଥାପନ କରିବା ପରେ ଯଥାବିଧି ପୂଜା ଉତ୍ସବ ଆରମ୍ଭ ହୋଇଥିଲା। ଆଜି ପ୍ରତ୍ୟୁଷରୁ ପୂଜା କମିଟି କର୍ମକର୍ତ୍ତାମାନଙ୍କ ସହ ଯୋଗରେ ବାଲ୍ୟ ଲୀଳା, ନାରାୟଣ ସେବା କରାଯାଇଥିଲା। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ପାରାୟଣ, ଭାଗବତ ପାଠ କରାଯାଇ କରାଯାଇଥିଲା। ପୂଜାମଣ୍ଡପକୁ ଆଲୋକ ମାଳାରେ ସୁସଜିତ କରାଯାଇଥିବାରୁ ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କ ସମାଗମ ଲାଗି ରହିଥିଲା। କୁମ୍ଭାର ସଂପ୍ରଦାୟର ଏହି ନିଆରା କାର୍ଯ୍ୟକ୍ରମରେ କୁରାଳ ପଞ୍ଚମୀ ଦିବସକୁ ଆଡମ୍ବର ସହକାରେ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାନସ ସା, ସନ୍ତୋଷ ସା, ଆଲୋକ ସା, ଅଶୋକ ସା, ପ୍ରଦୀପ ସା, ରଞ୍ଜନ ସା , ଦୀପା ବେହେରା, ସୁମନ୍ତ ବେହେରା, ଦିନବନ୍ଧୁ ବେହେରା, ପ୍ରକାଶ ସା, ମୋହନ ସା, ମନୋଜ ସା, ତାପସ ସା, ଶ୍ରୀକାନ୍ତ ବେହେରା, ରଞ୍ଜନ ବେହେରା, ସୁବ୍ରତ ସା, ତପନ ସା, ଅନିଲ ସା, କାର୍ତ୍ତିକ ସା ଓ ଗଣେଶ୍ୱର ବେହେରା ପ୍ରମୁଖ ପରିଚାଳନା କରିଥିଲେ।



## ଆନନ୍ଦପୁରରେ ମିଳୁନି ବିଏସ୍ଏନ୍ଏଲ୍ ସେବା

# ଗ୍ରାମାଞ୍ଚଳ ଏକ୍ସଚେଞ୍ଜ ଅଚଳ; ଉପଭୋକ୍ତା ହନ୍ତସନ୍ତ

**ଆନନ୍ଦପୁର, ୧୭।୧୨ (ସମିସ)**

ଟେଲିଫୋନ ସେବା କ୍ଷେତ୍ରରେ ଭାରତୀୟ ସଞ୍ଚାର ନିଗମ ଲିମିଟେଡ୍ ସବୁଠାରୁ ଆଗରେ ଥିବା ବେଳେ ବର୍ତ୍ତମାନ ଏହି ସେବା ବିପର୍ଯ୍ୟସ୍ତ ହୋଇପଡିଛି। ପରିଚାଳନାଗତ ତ୍ରୁଟି ଓ ରକ୍ଷଣାବେକ୍ଷଣ ଅଭାବରୁ ଏହି ସଂସ୍ଥାର ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ବେଳେ କର୍ମଚାରୀ ଅଭାବରୁ ବିଏସ୍ଏନ୍ଏଲ୍ ସେବା ଅନେକାଂଶରେ ବାଧାପ୍ରାପ୍ତ ହୋଇ ବର୍ତ୍ତମାନକୁ ଅଚଳ ପ୍ରାୟ ହୋଇପଡିଛି। ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ଆନନ୍ଦପୁର ଉପଖଣ୍ଡରେ। ଏଠାରେ ଥିବା ବିଏସ୍ଏନ୍ଏଲ୍ର ୫ଶହ କେଭି ଏକ୍ସେଚେଞ୍ଜ ବ୍ୟବସ୍ଥାରେ ଉନ୍ନତିକରଣ କରାଯାଉନଥିବାରୁ ଗ୍ରାମାଞ୍ଚଳ କଥା ଦୂରେ ଥାଉ ଆନନ୍ଦପୁର ସହରାଞ୍ଚଳର ଅନେକ ସ୍ଥାନରେ ନେଟ୍ୱର୍କ ପାଉନଥିବାରୁ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ବିଏସ୍ଏନ୍ଏଲ୍ ନେଟ୍ୱର୍କ ପାଉନଥିବାରୁ ରୋଗୀ ସେବା ସମ୍ପର୍କିତ ସୂଚନା ବାଧାପ୍ରାପ୍ତ ହୋଇଛି। ଏୟାରଟେଲ୍ ଓ ଜିଓ ଭଳି ଘରୋଇ ସଂସ୍ଥା ୫ଜି ସେବା ଯୋଗାଇ ଦେଇଥିବା ବେଳେ ବିଏସ୍ଏନ୍ଏଲ୍ର ୨ଜି ଓ ୩ଜି ନେଟ୍ୱର୍କ ଠିକ୍ ଭାବେ କାମ କରୁନାହିଁ। ଶାଳପଡ଼ା ଠାରେ ଥିବା ଏହାର ମୁଖ୍ୟ କାର୍ଯ୍ୟାଳୟ ଓ ଏହାର ଆଖପାଖ ଅଞ୍ଚଳ ଜଅଁରା, ସୁଡୁସୁଡିଆ, ଘସିପୁରା, ଖପରାଖାଇ, ମୁରାବାଲି, ପୋଡ଼ାଖମଣ, ଶୈଳଙ୍ଗ ଅଞ୍ଚଳରେ ବିଏସ୍ଏନ୍ଏଲ୍ ନେଟ୍ୱର୍କ ଅନେକ ସମୟରେ ରହୁନଥିବାରୁ ଏହି ସେବା ଅନେକ ସମୟରେ ବାଧାପ୍ରାପ୍ତ ହୋଇଛି। ଆନନ୍ଦପୁର ଗ୍ରାମାଞ୍ଚଳରେ ଥିବା ଧକୋଠା ଏକ୍ସଚେଞ୍ଜ ଅଚଳ ହୋଇପଡିଥିବା ବେଳେ ରାମଚନ୍ଦ୍ରପୁର ଏକ୍ସଚେଞ୍ଜ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କୋଡପଡ଼ାରେ ଆଦୌ ନେଟ୍ୱର୍କ ରହୁନଥିବା ବେଳେ କେଶଦୁରାପାଳରେ ଟାୱର ସମସ୍ୟା ଲାଗିରହିଛି। ବିଦ୍ୟୁତ ସରବରାହ ସମୟରେ ଏ ଏକ୍ସଚେଞ୍ଜଗୁଡିକୁ ଚାଲୁ କରିବା ପାଇଁ ବ୍ୟାଟେରୀ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ କର୍ମଚାରୀ ଅଭାବରୁ ରକ୍ଷଣାବେକ୍ଷଣ ହୋଇନପାରି ଗ୍ରାମାଞ୍ଚଳ ଏକ୍ସଚେଞ୍ଜ ଗୁଡିକ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବା ଜଣାଯାଇଛି। ଘସିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରିଡିହା ରେ ନେଟ୍ୱର୍କ ରହୁନଥିବା ଓ ପ୍ରାୟ ସମୟରେ ବିଏସ୍ଏନ୍ଏଲ୍ ସେବା ମିଳୁନଥିବାରୁ ଏହି ଅଞ୍ଚଳର ଉପଭୋକ୍ତାମାନେ ବିଏସ୍ଏନ୍ଏଲ୍କୁ ପରିବର୍ତ୍ତନ କରି ଅନ୍ୟ ଘରୋଇ ନେଟ୍ୱର୍କକୁ ଆପଣେଇ ନେଉଥିବା ଚିନ୍ତାର କାରଣ ହୋଇଛି। ସର୍ବାଧିକ ଗ୍ରାହକ ଥିବା କେନ୍ଦୁଝର ଜିଲ୍ଲାର ବୃହତମ ଆନନ୍ଦପୁର ଉପଖଣ୍ଡରେ ଏପରି ଅବ୍ୟବସ୍ଥା ଗତ ପ୍ରାୟ ୫ ବର୍ଷ ହେବ ଲାଗିରହିଥିଲେ ମଧ୍ୟ ଏଥିରେ ସୁଧାର ଆଣିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଉଦ୍ୟମ କରୁନଥିବା ଅତ୍ୟନ୍ତ ପରିତାପର ବିଷୟ।

ଆନନ୍ଦପୁର ଅଞ୍ଚଳର ସିଙ୍ଗନାଳୀଠାରେ ୧୦୦ ମିଲିଅନ ହାଇଡ୍ରୋ ପାୱାର ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏହି ଅଞ୍ଚଳକୁ ନୀତିପ୍ରତିଦିନ ଅନେକ ପରିଦର୍ଶକଙ୍କ ସମାଗମ ହୋଇଥାଏ। ହେଲେ ଏଠାରେ ମୋବାଇଲ ନେଟ୍ୱର୍କ ରହୁନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଣୁ ବିଏସ୍ଏନ୍ଏଲ୍ ଉଚ୍ଚ କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ସହିତ ଏଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପଭୋକ୍ତାମାନଙ୍କ ମହଲରେ ଦାବି ହୋଇଛି।




## ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ

# ବିଗିଡି ଗଲାଣି ପରିମଳ ବ୍ୟବସ୍ଥା

**ଆନନ୍ଦପୁର, ୧୭।୧୨(ସମିସ)**

ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପରିମଳ ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ି ଯାଉଥିବା ପରିଲକ୍ଷିତ ହୋଇଛି। ପୂର୍ବ ଅପେକ୍ଷା ଅଧିକ ସଂଖ୍ୟକ ସଫେଇ କର୍ମଚାରୀ ନିୟୋଜିତ ହୋଇଥିଲେ ମଧ୍ୟ ରୋଗୀମାନେ ରହୁଥିବା ବିଭିନ୍ନ ୱାର୍ଡର ପରିଷ୍କାର ପରିଚ୍ଛନ୍ନତାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଡାକ୍ତରଖାନା ପରିସରରେ ଦିନକୁ ଦିନ ନୂଆ ନୂଆ କୋଠାବାଡ଼ି ଓ ଘରଦ୍ୱାର ନିର୍ମାଣ କରାଯାଇ ଏହାର କଳେବର ଯଥେଷ୍ଟ ବଢିଯାଇଥିବା ବେଳେ ଉପଯୁକ୍ତ ତଦାରଖ ଅଭାବରୁ ଡାକ୍ତରଖାନା ପରିସର ନିୟମିତ ଠିକ ସମୟରେ ସଫେଇ ହୋଇପାରୁନଥିବା ରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ସଚିବ ଓ ଆନନ୍ଦପୁର ବିଧାୟକଙ୍କ ତାଗିଦ ପରେ ବି ପରିମଳ ବ୍ୟବସ୍ଥାରେ କୌଣସି ସୁଧାର ଆସି ପାରିନାହିଁ। ଠିକାସଂସ୍ଥା ଜରିଆରେ ନିୟୋଜିତ ହୋଇଥିବା ସଫେଇ କର୍ମଚାରୀ ମାସକୁ ମାସ ନିୟମିତ ଦରମା ଓ ଉଚିତ ପ୍ରାପ୍ୟ ପାଉନଥିବାରୁ କର୍ମଚାରୀମାନଙ୍କ ମଧ୍ୟରେ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ଗୃହ ସମ୍ମୁଖରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଅନେକ ସମୟରେ ପଡ଼ିରହୁଥିବା ବେଳେ ରୋଗୀମାନଙ୍କ ବେଡସିଟ୍ ସଫେଇ କରାଯାଉଥିବା ଅଞ୍ଚଳରେ ଅଳିଆ ଆବର୍ଜନା ଅନେକ ଦିନ ଧରି ପଡିରହୁଛି। ସେହିପରି ମା' ଓ ଶିଶୁ ଚିକିତ୍ସା ବିଭାଗର ୱାର୍ଡ ଓ ଏହାର ପରିସରକୁ ନିୟମିତ ସଫେଇ କରାଯାଉନଥିବାରୁ ଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା କର୍ତ୍ତୃପକ୍ଷ ପରିମଳ ବ୍ୟବସ୍ଥାର ତଦାରଖ କରିବା ସହିତ ଡାକ୍ତରଖାନା ପରିସରକୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



# କେନ୍ଦୁଝରରେ 'ସକାଳ' ପ୍ରତିନିଧି ଓ ଏଜେଣ୍ଟଙ୍କ ବନ୍ଧୁମିଳନ

**କେନ୍ଦୁଝର,୧୭।୧୨(ସମିସ)**

କେନ୍ଦୁଝରଠାରେ ରବିବାର 'ସକାଳ' ପ୍ରତିନିଧି ଓ ଏଜେଣ୍ଟମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର ମାଧପୁରସ୍ଥିତ ହୋଟେଲ କାଶଭିର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ସକାଳ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ଦାସ ଯୋଗଦେଇ କହିଥିଲେ, "ସକାଳ" ଏକ ପରିବାର। ଏକ ମନ, ଏକ ପ୍ରାଣ ହୋଇ କାମ କଲେ ଆଗକୁ ବଡ଼ି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବୁ। ମାନବିକ ସମ୍ବେଦନଶୀଳ ଖବର ପ୍ରକାଶ ସମ୍ପର୍କରେ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାପନ ବିଭାଗର ଡିଜିଏମ୍ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ଯୋଗଦେଇ ପ୍ରତିନିଧିମାନଙ୍କ ସହ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ତର ଓଡ଼ିଶା ସଂସ୍କରଣର ବ୍ୟୁରୋ ମୁଖ୍ୟ ଅସୀମ ମହାପାତ୍ର ଯୋଗଦେଇ ଜିଲ୍ଲାର ସାମ୍ବାଦିକମାନେ 'ସକାଳ'କୁ ସବୁଥିରେ ଏକ ନମ୍ବର କରିବାକୁ ଏକାଠି ହୋଇ କାମ କରିବାକୁ ପ୍ରତିନିଧିମାନଙ୍କୁ କହିଥିଲେ। ପ୍ରସାରଣ ବିଭାଗର ଏଜିଏମ୍ ପ୍ରମୋଦ କୁମାର ନାୟକ ଜିଲ୍ଲାର ସକାଳର ପ୍ରସାରଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। 'ସକାଳ'ର କେନ୍ଦୁଝର ଜିଲ୍ଲା ପ୍ରତିନିଧି ଶରତ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେବା ସହ ଜିଲ୍ଲାରେ ପ୍ରସାରଣ, ବିଜ୍ଞାପନ ବୃଦ୍ଧି, ଅଧିକା ଖବର ପ୍ରେରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରସାରଣ ବିଭାଗର ପ୍ରିୟବ୍ରତ ଦାସ, ପ୍ରଶାନ୍ତ କୁମାର ବିହାରୀ, ଉମାକାନ୍ତ ମାଝୀ, ମାନବ ସମ୍ବଳ ବିଭାଗର କମଳଲୋଚନ ଖୁଣ୍ଟିଆ, ବିଜ୍ଞାପନ ବିଭାଗର ମାନସ ମହାପାତ୍ର ପ୍ରମୁଖ ଏହି ବନ୍ଧୁ ମିଳନରେ ସାମିଲ ହୋଇ ପ୍ରତିନିଧିମାନଙ୍କ ସହ ବାର୍ତ୍ତାଳାପ କରିଥିଲେ।

ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଆନନ୍ଦପୁର ଉପଖଣ୍ଡ ପ୍ରତିନିଧି ମଦନ ପାଣି, ରାମଚନ୍ଦ୍ରପୁର ପ୍ରତିନିଧି ଗତିକୃଷ୍ଣ ଭୂୟାଁ, ଆନନ୍ଦପୁର ସହର ପ୍ରତିନିଧି ସୋମନାଥ ମିଶ୍ର, ଘଷିପୁରା ପ୍ରତିନିଧି ସମରେନ୍ଦ୍ର ଦାସ, ବେଲବାହାଲି ପ୍ରତିନିଧି ମନୋଜ ବାରିକ, ହାଟଡ଼ିହି ପ୍ରତିନିଧି ସଞ୍ଜୀବ ମହାନ୍ତି, ଘଟଗାଁ ପ୍ରତିନିଧି ପ୍ରଦୀପ ସା, ତେଲକୋଇ ପ୍ରତିନିଧି ଅନୁକୂଳ ବିଶ୍ୱାଳ, ପାଟଣା ପ୍ରତିନିଧି ବିପ୍ଳବ ପୃଷ୍ଟି, ଝୁମ୍ପୁରା ପ୍ରତିନିଧି ଏମ୍ଡି ଅସଗର ଆଲାମ, ବାଲିବନ୍ଧ ପ୍ରତିନିଧି ଡମ୍ବରୁଧର ଦାସ, ନାରଦପୁର ପ୍ରତିନିଧି କିଶୋର କୁମାର ନାଏକ, ଯୋଡ଼ା ପ୍ରତିନିଧି ରତ୍ନାକର ମହାପାତ୍ର, ବଡ଼ବିଲ ପ୍ରତିନିଧି ଦେବକାନ୍ତ ଦାସ, ଚମ୍ପୁଆ ପ୍ରତିନିଧି ସଞ୍ଜୀବ କୁମାର ରାଜ, କେନ୍ଦୁଝର ଟାଉନ ଏଜେଣ୍ଟ ସୁଷମା ବେହେରା, ଛେନାପଦି ଏଜେଣ୍ଟ ରବୀନ୍ଦ୍ର ଆଇଚ ପ୍ରମୁଖ ଯୋଗଦେଇଥିଲେ।






# ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ ସମାରୋହ

**ପାଟଣା/ତୁରୁମୁଙ୍ଗା, ୧୭।୧୨(ସମିସ):** ସାହାରପଡା ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ ସମାରୋହ ଉଦଯାପିତ ହୋଇଯାଇଛି। ସ୍ଥାନୀୟ ଷ୍ଟାଡିୟମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୮ଟି ଫୁଟବଲ ଦଳ କ୍ରୀଡ଼ା ସମାରୋହରେ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଗୋରାସ ପଞ୍ଚାୟତର କଣ୍ଟିଡିହା ଦଳ ଏବଂ ଦିଗିପଶି ପଞ୍ଚାୟତର ଏସ୍କେ କ୍ଲବ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲ୍ଟି ସୁଟ ଆଉଟରେ ୭-୬ରେ କଣ୍ଟିଡିହା ଦଳ ବିଜୟ ଲାଭ କରିଥିଲା। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସହକାରୀ ଯନ୍ତ୍ରୀ ବୈଶାଖୁ ସିଂ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ୍ୟା ରୀନା ନାଏକ, ବ୍ଲକ ଉପାଧକ୍ଷା ଛବିରଣୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ବୁଦ୍ଧଦେବ ମହାକୁଡ, ସଭ୍ୟା ଚମ୍ପାବତୀ ଟୁଡୁ, ବିଡିଓ ମାଧବ ଚନ୍ଦ୍ର ବିରୁଆ, ଏସ୍ଡିସି ସଭ୍ୟା ରମ୍ଭାବତି ଦେହୁରୀ, ସାମାଜିକ କର୍ମୀ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତ ରୁ ପାରମ୍ପରିକ ନୃତ୍ୟ ଦଳଙ୍କୁ ନେଇ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇଡିହା ଗ୍ରାମର ହୋ ନୃତ୍ୟ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟରେ ସାହାରପଡା ଗ୍ରାମପଞ୍ଚାୟତର ତଣ୍ଡୋ ଗ୍ରାମର ଚାଙ୍ଗୁ ନୃତ୍ୟ ଦଳ ଏବଂ ତେଣ୍ଡରା ଗ୍ରାମର ସାନ୍ତାଳୀ ନୃତ୍ୟ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ୱେଚ୍ଛାସେବୀ ସତ୍ୟ ନାରାୟଣ ପଣ୍ଡା, ବିପ୍ଳବ ପୃଷ୍ଟି, ତରଣିସେନ ମହାନ୍ତ, ଉପେନ୍ଦ୍ର କୁମାର ମହାନ୍ତ, ଭବାନୀ ଶଙ୍କର ମହାନ୍ତ, ମୋହନ ନାଏକ, ସମୀର କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।



ସନ୍ଥେଭଞ୍ଜ ନୋଡାଲ ହାଇସ୍କୁଲ ପଳାଶପଙ୍ଗାର ସୁବର୍ଣ୍ଣଜୟନ୍ତୀ ଉଦ୍‌ଯାପନୀ ଉତ୍ସବର ମୁଖ୍ୟଅତିଥି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ଜୁବିଲି କମିଟି ସଭାପତି ସୌମ୍ୟ ଶଙ୍କର ଚକ୍ର ପ୍ରମୁଖ ମଞ୍ଚାସିନ।

## ନାବାଳିକା ଦୁଷ୍କର୍ମ ଘଟଣାରେ ନାବାଳକ ଗିରଫ

**କେନ୍ଦୁଝର,୧୭।୧୨(ସମିସ):** କେନ୍ଦୁଝର ଜିଲ୍ଲାର ରୁଗୁଡି ଥାନା ଅଞ୍ଚଳରେ ଜଣେ ୧୫ ବର୍ଷୀୟା ନାବାଳିକାକୁ ବିବାହ କରିବାକୁ ନିଜ ଘରକୁ ନେବା ଏବଂ ଏହି ନାବାଳିକା ଯମଜ ସନ୍ତାନ ଜନ୍ମ ଦେବା ଘଟଣାରେ ନାବାଳକକୁ କେନ୍ଦୁଝର ଟାଉନ ପୁଲିସ ଗିରଫ କରି ରାଉରକେଲାସ୍ଥିତ ଶିଶୁସଦନକୁ ପଠାଇଛି। ସୁନ୍ଦରଗଡ ଜିଲ୍ଲାର କୋଇଡ଼ା ନିକଟସ୍ଥ ହରିଶ୍ଚନ୍ଦ୍ରପୁର ପୁଲିସ ଥାନା ଅଞ୍ଚଳରୁ କିଶୋର ନ୍ୟାୟ ବୋର୍ଡରେ ହାଜର କରିବା ପରେ ଶିଶୁସଦନକୁ ପଠାଯାଇଛି। ଏହି ଘଟଣାରେ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି।

## କମୁନି ହାତୀ ଉପଦ୍ରବ

# ଭାଙ୍ଗିଲେ ଘର, ଖାଇଗଲେ ଧାନ ଚାଉଳ

**ଚମ୍ପୁଆ,୧୭।୧୨(ସମିସ):** ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ କମିବାରେ ନାଁ ଧରୁନାହିଁ। ଦିନକୁ ଦିନ ଚାଷୀ ଓ ଚାଷର କ୍ଷୟକ୍ଷତି ବଢି ଚାଲିଥିବା ବେଳେ ପରିବା ଚାଷ ଠାରୁ ଆରମ୍ଭ କରି ଅମଳ ହୋଇଥିବା ଧାନ ଏବଂ ଚାଉଳକୁ ହାତୀପଲ ଖାଇବା ସହ ନଷ୍ଟ କରିଚାଲିଛନ୍ତି। ଚମ୍ପୁଆ ବ୍ଲକ ଅନ୍ତର୍ଗତ ହୁଞ୍ଜପଶି ଗ୍ରାମରେ ଗତ ରାତିରେ ହାତୀପଲ ସତିଶ ଚନ୍ଦ୍ର ମହାନ୍ତଙ୍କ ଘରଭାଙ୍ଗି ଦେଇଥିଲେ। ଉକ୍ତ ଗ୍ରାମର ଶଙ୍କର୍ଷଣ ମହାନ୍ତଙ୍କ ଘର ଭାଙ୍ଗିବାସହିତ ଘରେ ଥିବା ଧାନଚାଉଳ ଖାଇବା ସହିତ ଖଳାରେ ଥିବା ୨୦୦ ଧାନବିଢା ଖାଇ ନଷ୍ଟ କରିଛନ୍ତି। ଏପରିକି ଘରର ବାସନକୁଶନ ଠାରୁ ଆରମ୍ଭ କରି ଆସବାବପତ୍ର ନଷ୍ଟ କରିଦେଇଛନ୍ତି। ଏହି ହାତୀପଲ ଗତକାଲି କଙ୍କଡ଼ାପାଟ ଅଞ୍ଚଳରେ ମାତ୍ରାଧିକ ପରିବା ଚାଷ ନଷ୍ଟ କରିଥିଲେ। ଏହି ହାତୀପଲରେ ୨୩ଟି ହାତୀ ରହିଥିବା ବେଳେ ରାତିହେଲେ ଗାଁ ମୁହାଁ ହୋଇ ଉପଦ୍ରବ ଚଳାଇ ଚାଲିଛନ୍ତି। ଏ ନେଇ ବନପାଳ ନଗେନ୍ଦ୍ର ଜେନାଙ୍କୁ ପଚାରିବାରୁ କହିଛନ୍ତି ଯେ ହାତୀପଲ ରାତିହେଲ ଭାଗ ହୋଇଯାଉଛନ୍ତି। ଗାଁ ମୁହାଁ ହେଉଥିବା ବେଳେ ତାଙ୍କ ଉପରେ ବନବିଭାଗ କର୍ମଚାରୀ ନଜର ରଖିଛନ୍ତି। କ୍ଷୟକ୍ଷତି ବାବଦକୁ ସରକାରୀ ନିୟମ ଅନୁସାରେ ସହାୟତା ପ୍ରଦାନ କରାଯିବ।



# ପକ୍ଷାଘାତ ଆକ୍ରାନ୍ତ ପିତାଙ୍କ ସେବା ପାଇଁ ଅବିବାହିତ ପୁଅ

**ତୁରୁମୁଙ୍ଗା, ୧୭।୧୨ (ସମିସ)**

ଗୋଟିଏ ପଟେ ବୃଦ୍ଧ ବାପା ମାଆଙ୍କୁ ପୁଅ ବୋହୂ ହତାଦାର କରୁଥିବା ଖବର ଆସୁଥିବା ବେଳେ ଅନ୍ୟ ପଟେ ବାପାଙ୍କ ଦେଖାଶୁଣା କରିବାକୁ ପୁଅ ଆଜୀବନ ଅବିବାହିତ ରହିବା ଏବଂ ଲକ୍ଷାଧିକ ଟଙ୍କାର ଦରମା ପାଉଥିବା ଚାକିରି ଛାଡ଼ି ଆସିବା ନିଶ୍ଚୟ ଅନ୍ୟ ପାଇଁ ଏକ ଉଦାହରଣ। ଏଭଳି ଉଦାହରଣ ସୃଷ୍ଟି କରିଛନ୍ତି କେନ୍ଦୁଝର ଜିଲ୍ଲା ଫୁଲକଅଁଳେଇ ଗ୍ରାମର ବିପିନ ବିହାରୀ କର ଚୌଧୁରୀଙ୍କ ପୁଅ ସୁଶାନ୍ତ।

ଟାଟା କମ୍ପାନୀରେ ଚାକିରି କରୁଥିଲେ ବିପିନ୍। ହେଲେ ଅବସରଗ୍ରହଣ କରିବା କିଛି ଦିନ ପୂର୍ବରୁ ସିଭିୟର୍ ବ୍ରେନ୍ ଷ୍ଟୋକ୍ରେ ଆକ୍ରାନ୍ତ ହୋଇ କୋମାକୁ ଚାଲିଗଲେ। ସମସ୍ତେ ତାଙ୍କର ବଞ୍ଚିବା ଆଶା ଛାଡି ଦେଇଥିଲେ। ହେଲେ ଏକମାତ୍ର ପୁତ୍ର ସୁଶାନ୍ତ କିନ୍ତୁ ଆଶା ଛାଡି ନଥିଲେ। ବାପାଙ୍କୁ ଭୁବନେଶ୍ୱରରୁ ଗୌହାଟି ଯାଏ ନେଇ ସମସ୍ତ ପ୍ରକାର ଚିକିତ୍ସା କରାଇଲେ। କେବଳ ଚିକିତ୍ସା ନୁହେଁ, ବାପାଙ୍କୁ ବିଛଣାରୁ ଉଠାଇ, ଦିନରାତି ଛାଇ ଭଳି ରହି ତାଙ୍କର ଖାଇବା ଠାରୁ ଶୋଇବା ଯାଏଁ ସମସ୍ତ ସେବା କଲେ। ଧୀରେ ଧୀରେ ସୁସ୍ଥ ହେଲେ ବିପିନ୍। ପକ୍ଷାଘାତ ରୋଗରେ ଆକ୍ରାନ୍ତ ବିପିନ୍ ଏବେ ଅନେକ କାମ କରିବାକୁ ଅସମର୍ଥ। ତେଣୁ ଏକମାତ୍ର ପୁତ୍ର ୩୭ ବର୍ଷୀୟ ସୁଶାନ୍ତ ଅବିବାହିତ ରହି ୫ ବର୍ଷ ଧରି ବାପାଙ୍କ ସେବା କରି ଚାଲିଛନ୍ତି। ବାପାଙ୍କୁ ନିଜ କାନ୍ଧରେ ଉଠାଇ ବୁଲାଇବା ଭଳି ସମସ୍ତ କାମ ସେ ଏକାକି କରି ଆସୁଛନ୍ତି। ପ୍ରତ୍ୟେକ ପୁଅ ପାଇଁ ବାପାମାଆଙ୍କ ସେବା ଏକ କର୍ତ୍ତବ୍ୟ ହୋଇଥିବା ବେଳେ ଆଜିର ସମାଜରେ ଅନେକାଂଶରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। କିନ୍ତୁ ସୁଶାନ୍ତଙ୍କ ଏଭଳି ପିତୃଭକ୍ତି ଓ ପିତୃ ସେବା ଯୁବପିଢିଙ୍କ ପାଇଁ ସୃଷ୍ଟି କରିଛି ଏକ ଉଦାହରଣ। ବିବାହ ପରେ ବାପାଙ୍କ ସେବା ବ୍ୟାହତ ହେବା ଆଶଙ୍କାରେ ଟାଟା କମ୍ପାନୀରେ କାର୍ଯ୍ୟରତ ସୁଶାନ୍ତ ନିଜେ ଅବିବାହିତ ରହିବା ସହ ଲୋଭନୀୟ ଚାକିରି ମଧ୍ୟ ଛାଡ଼ି ଦେଇଛନ୍ତି। ବିପିନଙ୍କ ମା' କନକ ନାତି ସୁଶାନ୍ତଙ୍କ ପାଇଁ ନିଜ ପୁଅର ଜୀବନ ବଞ୍ଚି ଯାଇଥିବା କହିଥିବା ବେଳେ ସୁଶାନ୍ତଙ୍କ ମାଆ ଅହଲ୍ୟା କର ଚୌଧୁରୀ ପୁଅର ଏଭଳି କାର୍ଯ୍ୟ ତାଙ୍କ ସଂସାରକୁ ଅକ୍ଷୁଣ୍ଣ ରଖିଛି ବୋଲି କହିଛନ୍ତି।



## ଏ ଯୁଗର ଶ୍ରବଣ କୁମାର

# ଗ୍ରାମାଞ୍ଚଳକୁ ମାଡ଼ିଗଲାଣି ଧଳା ଜହର

**ହାଟଡିହି, ୧୭।୧୨(ସମିସ):** ହାଟଡିହି ବ୍ଲକର ବିଭିନ୍ନ ଛକ ବଜାର ଓ ଗ୍ରାମାଞ୍ଚଳର ଯୁବପିଢ଼ି ଧଳାଜହର କବଳରେ ପଡ଼ି ବାଟବଣା ହେଉଛନ୍ତି। ଧଳା ଜହର ସେବନ ପାଇଁ ଦୈନିକ ୩ଶହରୁ୫ଶହ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ସେମାନେ ଏଥିପାଇଁ ଅସାମାଜିକ କାର୍ଯ୍ୟାକଳାପ କରୁଛନ୍ତି। ଦିନ ଦିପ୍ରହରରେ ଧଳାଜହର ବେପାରୀ ଖୁଲମଖୁଲା ନିଜର ବେପାର ଚଳାଉଥିଲେ ମଧ୍ୟ ପୁଲିସ୍ ସନ୍ଧାନ ପାଇପାରୁନି। କିଛି ଦିନ ତଳେ ଚଷାଖଣ୍ଡ ଗାଁ ନିକଟରୁ ଜଣେ ଯୁବକଙ୍କୁ ସମ୍ବଲପୁର ଅବକାରୀ ବିଭାଗ ଗିରଫ କରି ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଧଳାଜହର ଜବତ କରିଥିଲା। ସ୍ଥାନୀୟ ପୁଲିସ୍ ସତର୍କ ରହୁନଥିବାରୁ ବ୍ୟାବସାୟୀ ପାଇଁ ଅକ୍ଳେଶରେ ନିଜର ବେପାର ଚଳାଇ ଆସୁଛନ୍ତି। ଯଦି ପ୍ରଶାସନ ଏଥିପ୍ରତି ଧ୍ୟାନ ନ ଦିଅନ୍ତି ତେବେ ଆଗାମୀ ଦିନରେ ଯୁବପିଢି ଅବାଟକୁ ଯିବା ସହିତ ଆଇନ ଶୃଙ୍ଖଳ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-173 ♦BHUBANESWAR ♦MONDAY ♦18 DECEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୭୩ ♦ଭୁବନେଶ୍ୱର ♦ସୋମବାର ♦୧୮ ଡିସେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦

**ଓଏଏସ୍ ସ୍ତରରେ ଅଦଳବଦଳ**

# ଶ୍ରୀକାନ୍ତ ତରାଇ ବୋର୍ଡ ସଭାପତି

**ଭୁବନେଶ୍ୱର,୧୭ ।୧୨(ସମିସ):** ରାଜ୍ୟ ସରକାର ଓଏଏସ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିବା ଶ୍ରୀକାନ୍ତ ତରାଇଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ)ର ସଭାପତି ଭାବେ ଅବସ୍ଥାପିତ ଦିଆଯାଇଛି । ସେହିପରି ଜଗତସିଂହପୁର ଜିଲ୍ଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭେବ କାର୍ଯ୍ୟ କରୁଥିବା ରୁଦ୍ରନାରାୟଣ ଦାଶଙ୍କୁ ରାଜ୍ୟ ସରକାର ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରିଛନ୍ତି । ଏହାସହିତ ତାଙ୍କୁ ବିଏମ୍ସି ଯୁଗ୍ମ କମିସନର ଭାବେ କରାଯାଇଥିବା ବଦଳିକୁ ରାଜ୍ୟ ସରକାର ବାତିଲ କରିଛନ୍ତି । ଏସ୍ଟି ଓ ଏସ୍ସି ଉନ୍ନୟନ ଓ ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଥିବା ମଧୁସୁଦନ ବେହେରାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି ହୋଇଛି । ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ସୌରଭ ଚକ୍ରବର୍ତ୍ତୀଙ୍କୁ ଯଜାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର୍ (ପ୍ରଶାସନିକ) ଭାବେ ବଦଳି କରାଯାଇଛି । ସ୍କୁଲ ଓ ଗଣଶିକ୍ଷା ବିଭାଗ ଅନୁସଚିବ ସମ୍ପଦ ଦଳେଇଙ୍କୁ ଓସ୍ମାରଜେନେରାଲ୍ମ୍ୟାନେଜରଭାବେବଦଳିକରାଯାଇଛି ।




**ଖୋଲୁଛି କାଶ୍ମୀର ଆତଙ୍କବାଦୀ ସୟଦ ଇଶାନ ବୁଖାରୀ ଗୁମର**

# ଆଇଏସ୍ଆଇ ଏଜେଣ୍ଟ ସହ କରୁଥିଲା ଚାଟିଂ

- ଫୋନ୍ ରିଟ୍ରାଇଭ୍ ପାଇଁ ଏସ୍ଏଫଏସ୍ଏଲ୍'କୁ ଗଲା ମୋବାଇଲ୍
- ଅଚଳ କରାଯିବ ବୁଖାରୀର ୬ ବ୍ୟାଙ୍କ୍ ଆକାଉଣ୍ଟ
- ମାମଲାର ତଦନ୍ତ କରିପାରେ ଇଣ୍ଟେଲିଜେନ୍ସ ବ୍ୟୁରୋ



**ଭୁବନେଶ୍ୱର,୧୭ ।୧୨(ସମିସ):** ଯାଜପୁରରୁ ଗିରଫ ହୋଇଥିବା ସନ୍ଦିଗ୍ଧ ଯୁବକ ସୟଦ ଇଶାନ ବୁଖାରୀଙ୍କ ଆତଙ୍କୀ ଲିଙ୍କ୍ ଧୀରେ ଧୀରେ ପଦାରେ ପଡୁଛି । ଏସ୍ଟିଏଫ ତଦନ୍ତ କରିବା ପରେ ତାର ଆତଙ୍କବାଦୀ ସଂଗଠନ ଆଇଏସ୍ଆଇ ସହ ଲିଙ୍କ୍ ରହିଥିବା ତଦନ୍ତରୁ ଜଣାପଡ଼ିଛି । ଏସ୍ଟିଏଫ ଏସ୍ପି କେ ପି ପାଣିଗ୍ରାହୀ କହିବା ଅନୁସାରେ, ବୁଖାରୀର ହ୍ୱାଟ୍ସଆପ୍ ଚାଟ୍ରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ପାକିସ୍ତାନର ଆଇଏସ୍ଆଇ ଏଜେଣ୍ଟଙ୍କ ସହ ଲିଙ୍କରେ ଥିଲା ଇଶାନ ବୁଖାରି । ବୁଖାରି ନିକଟରୁ ଜବତ ହୋଇଥିବା ୪ ଟି ଫୋନରୁ କିଛି ଏଭଳି ତଥ୍ୟ ଲାଗିଛି ଏସଟିଏଫ ହାତରେ । ଆଇଏସଆଇ ଏଜେଣ୍ଟଙ୍କ ସହ ହ୍ୱାଟସ୍ଆପରେ ଚାଟିଂ କରୁଥିଲା ଏହି ସନ୍ଦିଗ୍ଧ । କେବଳ ଚାଟିଂ ନୁହେ; ଦେଶ ବିରୋଧୀ ତତ୍ତ୍ୱଙ୍କ ସହ ନିୟମିତ ଯୋଗାଯୋଗରେ ଥିଲା ଏହି ଅଭିଯୁକ୍ତ । ଇଶାନ ବୁଖାରି ଏବେ ବିଚାର ବିଭାଗୀୟ ହାଜତରେ ଥିବା ବେଳେ ଖୁବଶୀଘ୍ର ରିମାଣ୍ଡରେ ଆଣି ଅଧିକ ତଥ୍ୟ ବାହାର କରିବ ଏସ୍ଟିଏଫ । ସୟଦ ଇଶାନ ବୁଖାରିକୁ ସାତ ଦିନିଆ ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରିବ ଏସ୍ଟିଏଫ । ରିମାଣ୍ଡରେ ଆଣିବା ପରେ ଆତଙ୍କବାଦୀ ଲିଙ୍କ୍ ନେଇ ଅଧିକ ଖୋଳତାଡ଼ କରାଯିବ ଏସ୍ଟିଏଫ ଏସ୍ପି ସୂଚନା ଦେଇଛନ୍ତି । ବୁଖାରୀ ନିକଟରୁ ଜବତ ହୋଇଥିବା ୪ଟି ଫୋନକୁ ଷ୍ଟେଟ ଫରେନସିକ ସାଇନ୍ସ ଲାବୋରୋଟୋରିକୁ ପଠାଯିବ । ତଦନ୍ତ ବେଳେ ଫୋନ ଗୁଡିକରୁ ଅନେକ ତଥ୍ୟ ଡିଲିଟ ହୋଇଥିବା ଜାଣିବାକୁ ପାଇଛି ଏସଟିଏଫ । ତେଣୁ ଫୋନରେ ଡିଲିଟ ହୋଇଥିବା ସବୁ ତଥ୍ୟକୁ ରିଟ୍ରାଇଭ୍ ▶ପୃଷ୍ଠା-୯

# ୧୦ ଡିଗ୍ରୀ ତଳେ ୧୧ ସହର

**ଭୁବନେଶ୍ୱର, ୧୭ ।୧୨ (ସମିସ):** ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି । ତାପମାତ୍ରା ହ୍ରାସ ଯୋଗୁଁ ଅନେକ ସ୍ଥାନରେ ଥଣ୍ଡା ବଢ଼ିଛି । ତାପମାତ୍ରା ହ୍ରାସ ହେବା କାରଣରୁ ଗତ ୨୪ ଘଣ୍ଟାରେ ରାଜ୍ୟର ୧୧ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଛି । ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ ହେବା ସହ ଏଠାରେ ପାରଦ ୮ ଡିଗ୍ରୀ ରହିଛି । ସେହିପରି କିରେଇରେ ୮.୨, ଜି.ଉଦୟଗିରିରେ ୮. ୬, ରାଉରକେଲାରେ ୮. ୮, ଅନୁଗୁଳ ୯, ରାଣୀତାଲ ୯.୪, ଦାରିଙ୍ଗବାଡ଼ି ୯.୫, ସୁନ୍ଦରଗଡ଼ ୯.୫, କେନ୍ଦୁଝର ୯.୬, କୋରାପୁଟ ୯.୬ ଓ ଝାରସୁଗୁଡ଼ାରେ ତାପମାତ୍ରା ୯.୮ ଡିଗ୍ରୀ ରେକର୍ଡ କରାଯାଇଛି । ଏହା ପୂର୍ବଦିନ ରାଜ୍ୟର ୬ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା । ଏବେ ଆଉ କିଛି ସହରରେ ତାପମାତ୍ରା ହ୍ରାସ ହେବା ଯୋଗୁଁ ଏହି ସଂଖ୍ୟା ବୃଦ୍ଧି ପାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ▶ପୃଷ୍ଠା-୯

**ବନ୍ୟା ବିପ୍ଳବ: ଓଡ଼ିଶାର ବାର୍ଷିକ ହାରାହାରି କ୍ଷତି ୫୯୬ କୋଟି ଟଙ୍କା**

# କେନ୍ଦ୍ର ସହାୟତା ସମୁଦ୍ରକୁ ଶଙ୍ଖେ

**ଭୁବନେଶ୍ୱର,୧୭ ।୧୨(ସମିସ):** ପ୍ରାକୃତିକ ବିପର୍ଯ୍ୟୟର ଚିର ସହଚର ଓଡ଼ିଶା ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର କ୍ଷତି ସହୁଛି । ତେବେ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ କେନ୍ଦ୍ର ସରକାର ବନ୍ୟା ମୁକାବିଲା ତଥା ଏହି ବିପର୍ଯ୍ୟୟର ସବୁଦିନିଆ ମୁକାବିଲା ପାଇଁ ଯେତିକି ସହଯୋଗ

- ଗତ ପାଞ୍ଚ ବର୍ଷରେ ରାଜ୍ୟ ଖର୍ଚ୍ଚ କରିଛି ୩୭୪୩ କୋଟି ଟଙ୍କା
- କେନ୍ଦ୍ର ସରକାର ଦେଇଛନ୍ତି ମାତ୍ର ୧୧୯ କୋଟି ଟଙ୍କା ସହାୟତା
- କେନ୍ଦ୍ରମନ୍ତ୍ରୀଙ୍କ ବେତଣ୍ଡା ଯୁକ୍ତି, ବନ୍ୟା ପରିଚାଳନା ରାଜ୍ୟର ଦାୟିତ୍ୱ

ନିଜ ସାମର୍ଥ୍ୟ ବଳରେ ଓଡ଼ିଶା ନିୟମିତ ଭାବେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରୁଥିବା ବେଳେ ଏନେଇ ପର୍ଯ୍ୟାପ୍ତ ଅର୍ଥ ମଧ୍ୟ ଖର୍ଚ୍ଚ କରୁଛି । କରିବା କଥା କରୁନାହାନ୍ତି । ଏନେଇ ବିଭିନ୍ନ ମହଲରେ ଅଭିଯୋଗ ହୋଇ ଆସୁଥିବା ବେଳେ ସିଧାସଳଖ ନ ହେଲେ ମଧ୍ୟ ଏହାକୁ କେନ୍ଦ୍ର ସରକାର ପରୋକ୍ଷରେ ସ୍ୱୀକାର କରିଛନ୍ତି । କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଅନୁଯାୟୀ ବନ୍ୟା ପରିଚାଳନା କ୍ଷେତ୍ରରେ ୨୦୧୭ ମସିହାରୁ ୨୦୨୨ ମଧ୍ୟରେ ମାତ୍ର ୧୧୯ କୋଟି ୪୨ ଲକ୍ଷ ଟଙ୍କା ମିଳିଛି । ଅପରପକ୍ଷେ ରାଜ୍ୟ ସରକାର ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟରେ ବନ୍ୟା ପରିଚାଳନା ସହ ଏହାର ମୁକାବିଲା ପାଇଁ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପ୍ରାୟ ୩୭୪୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ।

ତେବେ କେନ୍ଦ୍ରମନ୍ତ୍ରୀ ବନ୍ୟା ପରିଚାଳନା ନିମନ୍ତେ ରାଜ୍ୟ ସରକାର ବିପୁଳ ଅର୍ଥ ବ୍ୟୟ କରିବା ସ୍ୱୀକାର କରିଥିଲେ ହେଁ ▶ପୃଷ୍ଠା-୯

# ମାଈହାତୀର ମୃତଦେହ ଠାବ

**ବାରିପଦା, ୧୭ ।୧୨ (ସମିସ):** ଶିମିଳିପାଳ ଅଭୟାରଣ୍ୟରେ ହାତୀମୃତ୍ୟୁରେ ରୋକ ଲାଗିପାରୁନାହିଁ । ପୁଣି ଏକ ମାଈହାତୀର ମୃତଦେହ ଅଭୟାରଣ୍ୟର କବାଟଘାଇ ରେଞ୍ଜ ଜଙ୍ଗଲରୁ ଠାବ ହୋଇଛି । ରବିବାର ବନବିଭାଗ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ ଅନ୍ତର୍ଗତ କବାଟଘାଇ-୧ ବିଟର ଜଡିଦାର ଜଙ୍ଗଲ ଅଞ୍ଚଳରୁ ମୃତଦେହକୁ ଠାବ କରିଛି ।



ମୃତ ମାଈହାତୀର ବୟସ ୧୨ବର୍ଷ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ▶ପୃଷ୍ଠା-୯

# ଦୁର୍ଘଟଣାରେ ୨ ମୃତ

**କୋକସରା/ବେହେରା, ୧୭।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଖପରାମାଳ-ବେହେରା ରାସ୍ତାରେ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ଦ୍ୱୟ ହେଲେ ସ୍ଥାନୀୟ ମୂଷାପାଲି ଗ୍ରାମର ଜିତେନ୍ଦ୍ର ଦୁର୍ଗା (୨୪) ଓ ଉହଗାଁର ପବିତ୍ର ବାଗ (୪୦) ବୋଲି ଜଣାପଡିଛି । ରବିବାର ଅପରାହ୍ଣରେ ଖପରାମାଳ ▶ପୃଷ୍ଠା-୯

## ଲୋକକଥା



ଉନ୍ନତିକରଣ ପଥରେ ଓଡ଼ିଶା
ମା'ମାନେ ଶକ୍ତିଶାଳୀ,
ଯୁବକଙ୍କୁ ଯୋଡ଼ି ବିକାଶ ସୂତ୍ରରେ
ବାଧାବିଘ୍ନ ଦେବେ ଟାଳି !
ବୁଲିବୁଲି ଗଳିଗଳି,
ପ୍ରଗତି ରଥକୁ ଘୋଷାରି ନିଅନ୍ତି
'୫-ଟି' ମହାବଳି !!

**ଏମ୍ଏସ୍ଏମ୍ଇ ପାଇଁ ଆରମ୍ଭ ହେଲା ସିଏମ୍-ଏସ୍ଆରଆଇଏମ୍ ପୋର୍ଟାଲ**

# ଋଣ ସୁଧ ଫେରିପାଇବେ ଉଦ୍ୟୋଗୀ

**ଭୁବନେଶ୍ୱର, ୧୭ ।୧୨ (ସମିସ):** ରାଜ୍ୟର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରତିବନ୍ଧକ ଦୂର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ସହିତ ଗ୍ରାମାଞ୍ଚଳର ଅର୍ଥନୀତିକୁ ଚଳଚଞ୍ଚଳ କରି ରଖୁଥିବା ଏମ୍ଏସ୍ଏମ୍ଇ ପାଇଁ ଆରମ୍ଭ ହୋଇଛି 'ମୁଖ୍ୟମନ୍ତ୍ରୀ ସୁଧ ଫେରସ୍ତ ଯୋଜନା' । କୋଭିଡ୍ ମହାମାରୀ ପାଇଁ ରାଜ୍ୟର ଏମ୍ଏସ୍ଏମ୍ଇ କ୍ଷେତ୍ର ବେଶ୍ କ୍ଷତିର ସମ୍ମୁଖୀନ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ସେମାନଙ୍କର କ୍ଷତିଭରଣା ପାଇଁ ସରକାର ସୁଧ ଫେରସ୍ତ ବ୍ୟବସ୍ଥା କରିଛନ୍ତି । ଚଳିତ ମାସ ୧୫ ତାରିଖରୁ ସୁଧ ଫେରସ୍ତ ପାଇବା ପାଇଁ ଆବେଦନ ଗ୍ରହଣ ଆରମ୍ଭ ହୋଇଛି । ମାର୍ଚ୍ଚ ୩୧, ୨୦୨୦ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବା ଏମ୍ଏସ୍ଏମ୍ଇ ୟୁନିଟ୍ ଏଥିପାଇଁ ଆବେଦନ କରିପାରିବେ ।

ଅଣୁ ଓ କ୍ଷୁଦ୍ର ଉତ୍ପାଦନକାରୀ ଉଦ୍ୟୋଗଗୁଡ଼ିକ ଦ୍ୱାରା ରପ୍ତାନି ପାଇଁ କାର୍ଯ୍ୟ କରୁଥିବା ପୁଞ୍ଜି ସମେତ ବ୍ୟାଙ୍କଗୁଡ଼ିକରୁ ପ୍ରାପ୍ତ କାର୍ଯ୍ୟର ପୁଞ୍ଜି ଋଣର ସୁଧ ଭାର ହ୍ରାସ କରିବା ଲକ୍ଷ୍ୟରେ ଏହି ଯୋଜନା ଆରମ୍ଭ କରାଯାଉଛି । ବ୍ୟାଙ୍କ ଗୁଡ଼ିକରୁ ପାଉଥିବା ପୁଞ୍ଜି ଋଣ ଯେଉଁଠାରେ ନଗଦ କ୍ରେଡିଟ୍ (ରପ୍ତାନି କ୍ଷେତ୍ରରେ ପ୍ରାକ୍-ପରିବହନ/ପ୍ୟାକିଂ କ୍ରେଡିଟ୍) ୧୦ ଲକ୍ଷ ଟଙ୍କା ସୀମା ପର୍ଯ୍ୟନ୍ତ ଅର୍ଥ ସମ୍ପୂର୍ଣ୍ଣ ରୂପେ ଫେରସ୍ତ ଦିଆଯିବ । ରପ୍ତାନି କ୍ଷେତ୍ରରେ ନଗଦ କ୍ରେଡିଟ୍ ୧୦ ଲକ୍ଷ ଟଙ୍କାରୁ ୩ କୋଟି ଟଙ୍କା ସୀମା ପର୍ଯ୍ୟନ୍ତ, ୨୫% ହାରରେ ଫେରସ୍ତ କରାଯିବ । ୧୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁଧର ୭୫% ଫେରସ୍ତ ଦିଆଯିବ । ସେହିପରି ୫୦ ଲକ୍ଷରୁ ୧ କୋଟି ଟଙ୍କା ଋଣର ସୁଧ ଉପରେ ୫୦% ଏବଂ ୧ କୋଟିରୁ ୩ କୋଟି ଟଙ୍କା ଋଣ ▶ପୃଷ୍ଠା-୯



### ବାସହୀନଙ୍କ ପାଇଁ ବରଦାନ 'ସେଲ୍‌ଟର ଫର୍ ଅର୍ବାନ ହୋମ୍‌ଲେସ୍'

# ଉପକୃତ ହେଲେଣି ୧୦ ହଜାର ନିରାଶ୍ରୟ



**ବାରିପଦା,୧୭।୧୨(ସମିସି)**

ସହରାଞ୍ଚଳର ବାସହୀନଙ୍କୁ ଆଶ୍ରୟ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣୀତ ସେଲଟର ଫର ଅର୍ବାନ ହୋମଲେସ (ଏସ୍‌ୟୁଏଚ) ଯୋଜନାରେ ମୟୂରଭଞ୍ଜ ଜିଲ୍ଲାରେ ୧୦ ହଜାରରୁ ଉର୍ଦ୍ଧ୍ୱ ନିରାଶ୍ରୟ ଉପକୃତ ହୋଇଥିବା ଜଣାପଡ଼ିଛି। ସରକାରଙ୍କ ଏହି ଯୋଜନା ତତ୍କାଳୀନ ବାରିପଦା ପୌରପାଳିକା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ସଦର ଉପଜିଲ୍ଲାପାଳ ଆବୋଲି ନରୱଣେଙ୍କ ସମୟରେ ମୟୂରଭଞ୍ଜ ଜିଲ୍ଲାରୁ ଏସୟୁଏଚର ନାମକରଣ ଆଶ୍ରୟ ଭାବେ ପରିବର୍ତ୍ତନକୁ ସମଗ୍ର ରାଜ୍ୟରେ ଗ୍ରହଣୀୟ ହୋଇଥିଲା। ୨୦୧୭ ମେ ୪ତାରିଖରେ ଜିଲ୍ଲାର ସଦର ମହକୁମା ବାରିପଦାରେ ଏହି ଯୋଜନାରେ ୱାଡର୍ ନଂ ୧ ବେଲଗଡ଼ିଆ।। ଅଗ୍ନିଶମ ସେବା କେନ୍ଦ୍ର ନିକଟରେ ୨ଟି ଆଶ୍ରୟସ୍ଥଳ ସ୍ଥାପନ ହୋଇଥିଲା। ୫୦-୫୦ ଜଣଙ୍କ ପାଇଁ ଉଦ୍ଦିଷ୍ଟ ପୃଥକ ଆଶ୍ରୟସ୍ଥଳରେ ମୋଟ ୧୦୦ ଜଣ ବାସହୀନ ଲୋକ ରହିବା ବ୍ୟବସ୍ଥା କରାଯାଇଥିଲା। ସହରାଞ୍ଚଳରେ ଆଶ୍ରୟହୀନ ଭାବେ ବସଷ୍ଟାଣ୍ଡ, ରେଳଷ୍ଟେସନ, ଫୁଟପାଥ, ଦୋକାନ ବାରଣ୍ଡା ଓ ଗଛମୂଳ ଆଦି ସ୍ଥାନରେ ବସବାସ କରୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା କାର୍ଯ୍ୟକାରୀ ପରେ ସମ୍ପୃକ୍ତ ଲୋକ ଉପକୃତ ହୋଇଛନ୍ତି। ତତ୍‌ସହିତ ଦିବ୍ୟାଙ୍ଗ, ମେଡ଼ିକାଲ କଲେଜକୁ ଆସୁଥିବା ଗରିବ ରୋଗୀ ଓ ସମ୍ପର୍କୀୟ ଏପରିକି ଅଫିସ ଓ ଦୈନନ୍ଦିନ କାର୍ଯ୍ୟରେ ଆସି ଘରକୁ ଫେରିପାରୁ ନ ଥିବା ଗରିବ ଲୋକ ମଧ୍ୟ ଆଶ୍ରୟ ନେଇ ଉପକୃତ ହେଉଛନ୍ତି। ବାରିପଦା ପୌରପରିଷଦ ପକ୍ଷରୁ ପରିଚାଳିତ ୨ଟି ଆଶ୍ରୟସ୍ଥଳର ପରିଚାଳନା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଚାଲିଛି। ନିୟମାନୁଯାୟୀ ସକ୍ଷମ ବ୍ୟକ୍ତି ୨୪ଘଣ୍ଟିଆ ରହଣୀ ପାଇଁ ମାତ୍ର ୨୦ଟଙ୍କା ଫିସ୍ ଦେବାକୁ ପଡୁଥିବାବେଳେ ଅନ୍ୟମାନେ ନିଶୁଳ୍କଭାବେ ଆଶ୍ରୟ ନେଇପାରିବେ। ଆଶ୍ରୟସ୍ଥଳରେ ଦୁଇଓଳି ଜଳଖିଆ ସାଙ୍ଗକୁ ମିଳର ମଧ୍ୟ ବ୍ୟବସ୍ଥା ରହିଛି। ରହଣୀ ଭିତରେ ଅନ୍ତେବାସୀଙ୍କ ପାଇଁ ଯୋଗ, ବ୍ୟାୟାମ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ ପର୍ବପର୍ବାଣି ଓ ବିଶେଷ ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହିତ ତତଦନୁସାରେ ଖାଦ୍ୟପେୟ ବ୍ୟବସ୍ଥା ସବୁ ମହଲରେ ପ୍ରଶଂସା ସାଉଁଟୁଛି। ଖରା, ବର୍ଷା, ଶୀତ ଓ ଜରୁରୀ ସ୍ଥିତିରେ ଖୋଲା ଆକାଶ ତଳେ ବାଧ୍ୟବାଧକତାରେ ପ୍ରାଣୀତୁଲ୍ୟ ଜୀବନ ଜୀଉଁଥିବା ଅସହାୟଙ୍କ ପାଇଁ ଏହି ଯୋଜନା ବରଦାନ ପାଲଟିଛି।

## ଖୁବ୍‌ଶୀଘ୍ର ୩୦୦ ଶଯ୍ୟା ବିଶିଷ୍ଟ ଅତିରିକ୍ତ କେନ୍ଦ୍ର ନିର୍ମାଣ ହେବ

### ସେମାନେ ଯାହା କୁହନ୍ତି



ମୁଁ ଜଣେ ଦିବ୍ୟାଙ୍ଗ। ବାପାଙ୍କ ଅନ୍ତେ ୩୫କିମି ଦୂର ଘର ଛାଡ଼ି ସହରକୁ ପଳାଇ ଆସିଥିଲି। ନିଜେ ବଞ୍ଚିବା ଓ ଘରେ ୨ଭଉଣୀ ଓ ମା'ଙ୍କୁ ବଞ୍ଚାଇବା ସଂଘର୍ଷରେ ଆଶ୍ରୟସ୍ଥଳ ମୋ ପାଇଁ ଦେବାଳୟ ସଦୃଶ୍ୟ ପାଲଟିଛି।

**ସୁଦର୍ଶନ ସାହୁ, ଆଶ୍ରିତା ଅନ୍ତେବାସୀ**



ସରକାରଙ୍କ ଏହି ଯୋଜନା ପ୍ରଶଂସନୀୟ। ଆଶ୍ରୟ-୧ ସ୍ଥଳର ଦାୟିତ୍ୱ ଆମେ ପ୍ରାରମ୍ଭରୁ ସୁଚାରୁରୂପେ ପରିଚାଳନା କରିଆସୁଛୁ। ୬ ଜଣ ସଦସ୍ୟ ମହତ୍ତ୍ୱ କାର୍ଯ୍ୟରେ ସାମିଲ ହେବା ସମସ୍ତଙ୍କ ପାଇଁ ସୌଭାଗ୍ୟର ବିଷୟ।

**ଚନ୍ଦନ କୁମାର ଦାସ, ମେମ୍ବର ସେକ୍ରେଟାରୀ ଦାସୀ ସ୍ୱେଚ୍ଛାସେବୀ ସଂଗଠନ**



କେବଳ ସହରାଞ୍ଚଳ ନୁହେଁ; ଜିଲ୍ଲାରେ ଗ୍ରାମାଞ୍ଚଳରେ ବାସହୀନ ଜୀବନ ବିତାଉଥିବା ଅନେକଙ୍କୁ ଉଦ୍ଧାର କରାଯାଇ ଏହି ଆଶ୍ରୟସ୍ଥଳରେ ରଖାଯାଉଛି। ଜିଲ୍ଲା ମୁଖ୍ୟାଳୟକୁ ବିଭିନ୍ନ ସମୟରେ ଆସୁଥିବା ଲୋକେ ରାତ୍ରରହଣି ପାଇଁ ସୁବିଧା ପାଉଛନ୍ତି। ସରକାରଙ୍କ ଏହି ଯୋଜନା ବରଦାନ ସାଜିଛି। ଆଗାମୀ ଦିନରେ ଏକ ୩ ଶହ ଶଯ୍ୟା ବିଶିଷ୍ଟ ଆଶ୍ରୟସ୍ଥଳୀ ନିର୍ମାଣ ଯୋଜନା ରହିଛି।

**କୃଷ୍ଣାନନ୍ଦ ମହାନ୍ତି, ନଗରପାଳ**



ପ୍ରଣିତ ଯୋଜନା ଫଳପ୍ରଦ ହୋଇଛି। ଆଗାମୀ ଦିନରେ ବାରିପଦାରେ ଏପରି ଅଧିକ ସ୍ଥଳୀ ସ୍ଥାପନ ସାଙ୍ଗକୁ ରାଇରଙ୍ଗପୁର, କରଞ୍ଜିଆ, ଉଦଳା ଓ ବେତନଟୀରେ ମଧ୍ୟ ଆଶ୍ରୟସ୍ଥଳୀ ସ୍ଥାପନ କରାଗଲେ ଆଶ୍ରୟହୀନ ଉପକୃତ ହେବେ।

**ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ଅଧ୍ୟକ୍ଷ, ମୟୂରଭଞ୍ଜ ଜିଲ୍ଲା ସିଟିଜେନ ଫୋରମ**

## ବିନ୍ଧାଣି ଲୋହାରସ ସମ୍ପ୍ରଦାୟର କର୍ମୀ ସମ୍ମିଳନୀ



**ବାରିପଦା, ୧୭।୧୨(ସମିସ):** ନିଖିଳ ଓଡ଼ିଶା ବିନ୍ଧାଣି ଲୋହାରସ ସମ୍ପ୍ରଦାୟ ଉନ୍ନୟନ ମହାସଂଘର କର୍ମୀ ସମ୍ମିଳନୀ ବାରିପଦା ସ୍ଥିତ ଗାନ୍ଧୀ ମାର୍କେଟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀ ଜରିଆରେ ଜାତିଗତ ପ୍ରମାଣପତ୍ର ଜମି ପଟ୍ଟା ଆଧାର ପ୍ରଦାନ ନ କରି ସ୍ଥାନୀୟ ଅଧିକାରୀଙ୍କ ଜରିଆରେ ତଦନ୍ତ କରି ପଟ୍ଟାରେ ଉଚିତ ଜାତିଗତ ସଂଶୋଧନ କରିବାକୁ ଦାବି କରାଯାଇଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ସମେତ କେନ୍ଦୁଝର, ସୁନ୍ଦରଗଡ଼ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ବହୁ ବର୍ଷ ଧରି ଏହି ସମ୍ପ୍ରଦାୟର ଲୋକେ ମୂଳ ଆଦିବାସୀ ଭାବେ ବସବାସ କରୁଛନ୍ତି। କୋହ୍ଲ, ଲୋହାରାସ, ମୁଣ୍ଡାଲୋହାର ଏବଂ ଥାରୁଆ ବିନ୍ଧାଣୀ ଆଦି ଜନଜାତିକୁ ସ୍ଥାନୀୟ ଲୋକେ ଜମିପଟ୍ଟାର ଆଳ ଦେଖାଇବା ସହିତ ଚକ୍ରାନ୍ତ କରି ଏବଂ ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇ ଜଞ୍ଜକତା କରି ଜାତି ପରିବର୍ତ୍ତନ କରି ଦିଆଯାଉଛି। ଯଦ୍ୱାରା ନିରୀହ ଏବଂ ଗରିବ ଆଦିବାସୀ ତାଙ୍କର ଜନ୍ମଗତ ଅଧିକାରୀରୁ ସବୁଦିନ ପାଇଁ ବଞ୍ଚିତ ହେଉଛନ୍ତି। ଯାହା ଫଳରେ ଜମି ପଟ୍ଟାରେ ଭୁଲ ଜାତିଗତ ପ୍ରମାଣ ରହୁଛି। ତେଣୁ ରାଜ୍ୟ ସରକାର ଉକ୍ତ ପଟ୍ଟା ଗୁଡିକ ଠିକ କରି ସ୍ଥାନୀୟ ଅଧିକାରୀ ତଦନ୍ତ କରି ଉଚିତ ଜାତିଗତ ପ୍ରମାଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଉକ୍ତ ସ୍ଥଳେ ବିଭାଗୀୟ କର୍ମଚାରୀ ଏହାକୁ ଅମାନ୍ୟ କରୁଥିବା ମହାସଂଘ ପକ୍ଷରୁ ସଦସ୍ୟ ପ୍ରମୋଦ କୁମାର ବିନ୍ଧାଣି ଅଭିଯୋଗ କରିଛନ୍ତି; ଯାହାକୁ ନେଇ ଉକ୍ତ ସମ୍ପ୍ରଦାୟର ଲୋକମାନେ ବହୁ ହଇରାଣ ହରକତ ହେଉଛନ୍ତି। ବହୁ ଲୋକଙ୍କ ଜମି ବାଡ଼ି ନଥିବା ବେଳେ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁକରି ରାଜ୍ୟ ସରକାର ସମସ୍ୟା ପ୍ରତି ଦୃଷ୍ଟି ଦେଇ ଭୁଲ୍ ରିପୋର୍ଟକୁ ତୁରନ୍ତ ପ୍ରତ୍ୟାଖ୍ୟାନ ଏବଂ ନିୟମ ଅନୁସାରେ ସର୍ଭେ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର କର୍ମକର୍ତ୍ତା ସମେତ ଅନ୍ୟାନ୍ୟ ଜିଲ୍ଲାର କର୍ମୀ ମଧ୍ୟ ଯୋଗ ଦେଇଥିଲେ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ତରୁଣ

**ବାରିପଦା, ୧୭।୧୨(ସମିସ):** ଜନ୍ମ ଦିନକୁ କେକ କାଟି ସାଙ୍ଗ ସାଥୀଙ୍କ ମଧ୍ୟରେ ମଜାମଜଲିସ ଭିତରେ ପାଳନ କରିଥାନ୍ତି। କିନ୍ତୁ ନିଜର ଜନ୍ମ ଦିନକୁ ନିଆରା ଢଙ୍ଗରେ ବାରିପଦାର ତରୁଣ ପାଳିଛନ୍ତି। ବାରିପଦା ସହର ସମେତ ଜିଲ୍ଲାବ୍ୟାପୀ ବର୍ତ୍ତମାନ ସମୟରେ ହାଡ଼ଭଙ୍ଗା ଶୀତ ପଡ଼ିଛି। ରାତିରେ ପାରଦ ଅନେକ ହ୍ରାସ ପାଇବାରୁ ରାସ୍ତା କଡରେ ଶୋଉଥିବା ଅସହାୟ ଲୋକମାନେ ବହୁ କଷ୍ଟରେ ସମ୍ମୁଖୀନ ହେଉଛନ୍ତି। ତେଣୁକରି ଉକ୍ତ ଅସହାୟ ମୁହଁରେ ହସ ଫୁଟାଇବା ପାଇଁ ବାରିପଦାର ଷ୍ଟେସନ ବଜାର ଅଞ୍ଚଳର ଯୁବକ ତରୁଣ କୁମାର ନାୟକ ତାଙ୍କ ଜନ୍ମଦିନରେ ନିଆରା ପ୍ରୟାସ କରିଛନ୍ତି। ସେ ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ଥିବାବେଳେ ଜନ୍ମ ଦିନରେ ସମାଜସେବା କରିଛନ୍ତି। ବାରିପଦା ସହରର ବିଭିନ୍ନ ସ୍ଥାନରେ ରାତିରେ ବୁଲି ରାସ୍ତା କଡରେ ଶୋଇଥିବା ଅସହାୟଙ୍କୁ କମ୍ବଳ ଓ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ଏଥିସହିତ ରଘୁନାଥପୁର ସ୍ଥିତ ଅନାଥଶ୍ରମରେ ଅନ୍ତେବାସୀଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରିଥିଲେ। ସମାଜରେ ଅସହାୟଙ୍କୁ ସହଯୋଗ ନିମନ୍ତେ ସାଧ୍ୟ ମୁତାବକ ସହାୟତାର ହାତ ସମସ୍ତେ ବଢ଼ାଇବା ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।



## କୃଷ୍ଣଚନ୍ଦ୍ର ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାରିପଦା, ୧୭।୧୨(ସମିସ):** କୃଷ୍ଣଚନ୍ଦ୍ର ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରୁହିଆ ମାର୍ଣ୍ଡି, ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ବିଶ୍ୱାଳ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଚିତ୍ରାନନ୍ଦ ସେଠୀ, ଏସ.ଏସ.ଡି. ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜକିଶୋର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କମଳ ଲୋଚନ ଅଧିକାରୀ, ଦୀପକ କୁମାର ବିଶୋଇ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଭଞ୍ଜ କିଶୋର ନାଏକ ତଥା ଅନ୍ୟ ସଭ୍ୟ/ସଭ୍ୟା ଓ କଣ୍ଟାପାଳ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ଯୋଗଦାନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ନବୀନ କୁମାର ଚୌଧୁରୀ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ କୁମାରୀ ଅନିତା ଦଳସିଂହ ସଭା ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀ ମାନଙ୍କର ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଭିଏଁ ମନଭରି ଉପଭୋଗ କରିଥିଲେ। ଉଦଯାପନି ସଭାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଡ. ପ୍ରଶାନ୍ତ ମହାନ୍ତି, ଦିପ୍ତି ନାଏକ, ବାଙ୍ଗିରିପୋଷି ଗୋଷ୍ଠୀ ଶିକ୍ଷାଧିକାରୀ କେତନ ପାତ୍ର, ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ୍ୱର ଗିରି, ସୁଦର୍ଶନ ପଣ୍ଡା ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ଉନ୍ନତି ପାଇଁ ମୂଲ୍ୟବାନ ଉପଦେଶ ଦେଇଥିଲେ। ସହକାରୀ ଶିକ୍ଷକ ବୁଧୁରାମ ସିଂ, ଦିବ୍ୟରଞ୍ଜନ ଦାସ, ପ୍ରାଣୀପ୍ରଭା ଗିରି, କୁସଭଦ୍ରା ସି, ଲକ୍ଷ୍ମୀପ୍ରିୟା ହେମ୍ବ୍ରମ, ନିଳିମା ମହାନ୍ତ, ଦଳିମଣି ବେହେରା, ଶିକ୍ଷା କର୍ମଚାରୀ ଚନ୍ଦ୍ରକାନ୍ତ ବେହେରା, ଦୀପକ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ନୂଆ-ଓ' କାର୍ଯ୍ୟକ୍ରମର ପୁରସ୍କାର ବଣ୍ଟନ ଉତ୍ସବ



**ବାରିପଦା ୧୭।୧୨(ସମିସ):** ପୂଣ୍ୟଶ୍ଲୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ତମ ଜନ୍ମୋତ୍ସବ ଦିବସ ଅବସରରେ ରବିବାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନୂତନ ଉନ୍ନତ ଅଭିଳାଷ ଓଡ଼ିଶା ନୂଆ-ଓ କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, କୁଳସଚିବ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଲକ୍ଷ୍ମୀଧର ଗିରି, ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଗଣ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସଭାମଞ୍ଚରେ କୁଳପତି ପ୍ରଫେସର ତ୍ରିପାଠୀ ନୂଆ-ଓ ୨୦୨୩ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସାଂସ୍କୃତିକ, କ୍ରୀଡ଼ା ଓ ସମାଜସେବା କ୍ଷେତ୍ରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ପ୍ରଫେସର କବିତା କୁମାର ସାହୁ, ସାଂସ୍କୃତିକ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡ. ପ୍ରିୟଦର୍ଶିନୀ ସଂଘମିତ୍ରା ସାହୁ, କ୍ରୀଡ଼ା କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡ. ପ୍ରଭଞ୍ଜନ ମଲ୍ଲିକ ଓ କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ଡ. ବସନ୍ତ କୁମାର ମହାନ୍ତ, ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ମଞ୍ଚ ପରିଚାଳନା ଓ ସହକାରୀ ପ୍ରଫେସର ଶୁଭେନ୍ଦୁ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମେଧା ଅନ୍ୱେଷଣ



**ବାରିପଦା, ୧୭।୧୨(ସମିସ):** ଲକ୍ଷ୍ମୀପୋଷି ଏମଏସଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ୍ ଦ୍ୱାରା ଆୟୋଜିତ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମେଧା ଅନ୍ୱେଷଣ ପ୍ରତିଯୋଗିତା ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଧା ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା ଓ ପଶ୍ଚିମବଙ୍ଗର ୮୫ଟି ସ୍କୁଲର ୩୮୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସର୍ବାଧିକ ନମ୍ବର ରଖୁଥିବା ବାଙ୍ଗିରିପୋଷି ବ୍ଲକର ଶରତ ଚନ୍ଦ୍ର ବିଦ୍ୟାପୀଠର ଛାତ୍ର ନୟନ ରଞ୍ଜନ ମହାରଣା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଜାତଳା ବ୍ଲକର କାନପାଟ ହାଇସ୍କୁଲର ଛାତ୍ରୀ ଭାଗ୍ୟସ୍ମିତା ଦେଓ ଦ୍ୱିତୀୟ ଏବଂ ୩ୟ ସ୍ଥାନ ଅଧିକାର କରିଥିବା ବାରିପଦା ସହରର ମହାରାଣୀ ପ୍ରେମକୁମାରୀ ବାଳିକା ବିଦ୍ୟାଳୟରଛାତ୍ରୀ ରଶ୍ମିରେଖା ଦାସଙ୍କୁ ଅର୍ଥରାଶି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ପରିଷଦ ସଦସ୍ୟ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଏବଂ ସମ୍ପାଦକ ଇଂ ଧରମ ବୀର ବୁଗୁଡେଇ ଯୋଗଦେଇ ପିଲାମାନଙ୍କର ଉନ୍ନତ ଭବିଷ୍ୟତର ଶୁଭକାମନା କରିବା ସହିତ ଜୀବନରେ ବଡ ଏବଂ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ କିରାଣିଙ୍କ ଆତ୍ମହତ୍ୟା

**ବାରିପଦା, ୧୭।୧୨(ସମିସ):** ଭାରତୀୟ ଦୂର ସଞ୍ଚାର ନିଗମର ଅବସରପ୍ରାପ୍ତ ବରିଷ୍ଠ କିରାଣୀ ଦାମନ ନାୟକ (୬୭) ଆତ୍ମହତ୍ୟା କରିଥିବା ଜଣାପଡିଛି। ରବିବାର ରାତିରେ ଭୁଗୁଡ଼ାକଟା ୱାର୍ଡ ନଂ ୨୬ସ୍ଥିତ ତାଙ୍କ ବାସଭବନରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ କିଛି ମାସ ହେବ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଭଞ୍ଜପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ଶବବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁ ଖବର ପାଇ ୱାର୍ଡ କାଉନସିଲର ଲକ୍ଷ୍ମୀଧର ହାବୋଡା, ଚିନ୍ମୟ ମିଶନର ସମ୍ପାଦକ ଅଜିତ ବେହେରା, ସହ ସମ୍ପାଦକ ଗିରିଜା ଶଙ୍କର ମହାନ୍ତି, ବିରଞ୍ଚି ନାରାୟଣ ବେହେରା, ଉପସଭାପତି ସମ୍ପଦ ଦାସ, ଭୁଗୁଡାକଟା ରାମ ମନ୍ଦିର ପ୍ରତିଷ୍ଠାତା ସରୋଜ ପାତ୍ର, ଶତ୍ରୁଘନ ଜେନା, ବଟକୃଷ୍ଣ ସାମଲ ଶେଷ ଦର୍ଶନ କରିଥିଲେ। ଚିନ୍ମୟ ମିଶନ ଓଡିଶାର ପ୍ରମୁଖ ସ୍ୱାମୀ ସଦାନନ୍ଦ ସରସ୍ୱତୀ ବାରିପଦା ଚିନ୍ମୟ ମିଶନ ବାରିପଦା ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ଚିନ୍ମୟ ମିଶନ ରାଉରକେଲାର ଆଚାର୍ଯ୍ୟ ବ୍ରହ୍ମଚାରିଣୀ ପ୍ରତିଭା ଚୈତନ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।



### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ତମ ଜୟନ୍ତୀ ପାଳିତ

# ପ୍ରଶାସନିକ କ୍ଷେତ୍ରରେ ଆଣିଥିଲେ ସଂସ୍କାର




**ବାରିପଦା, ୧୭।୧୨(ସମିସ)**

ନବ ଓଡିଶାର ନିର୍ମାତା ତଥା ମୟୂରଭଞ୍ଜର ତତ୍କାଳୀନ ପ୍ରଜାନୁରଞ୍ଜକ ଶାସକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ତମ ଜୟନ୍ତୀ ରବିବାର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହୋଇଛି। ଏହି ଜୟନ୍ତୀ ପାଳନ ଉତ୍ସବ ପାଇଁ ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବାରିପଦା ପୌରପାଳିକାର ମିଳିତ ସହଯୋଗ କରିଥିବା ବେଳେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଏହି ଦିବସର ସଂଯୋଜନା ଓ ପରିଚାଳନା କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ରବିବାର ପ୍ରାତଃରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ବାରିପଦା ପୌରପାଳିକା ପକ୍ଷରୁ ଡ଼ାକବାଜି ଯନ୍ତ୍ରଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇ ସହର ପରିକ୍ରମା କରାଯାଇଥିଲା । ପରେ ବାରିପଦା ବ୍ଲକ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ନିକଟରେ ନିମନ୍ତ୍ରିତ ଅତିଥି, ଜିଲ୍ଲାର ସମସ୍ତ ପ୍ରସାଶସନିକ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ କାର୍ଯ୍ୟାଳୟ ପରିସର ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ଏସ. ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ବାରିପଦା ଉପଜିଲ୍ଲପାଳ, ଈଶ୍ୱରଚନ୍ଦ୍ର ନାୟକ, ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରା, ମୋରଡା ବିଧାୟକ ରାଜକିଶୋର ଦାସ, ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡଃ ଦେବାଶିଷ ମାର୍ଣ୍ଡି ପ୍ରମୁଖ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଅତିଥିମାନେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ସମ୍ମୁଖରେ ଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲାପାଳ ବିନୀତ ଭରଦ୍ୱାଜ କହିଥିଲେ ଯେ, ଓଡିଆ ସାହିତ୍ୟ ଜଗତର ଜଣେ ମହାନ ପୃଷ୍ଠପୋଷକ ତଥା ଉନବିଂଶ ଶତାବ୍ଦୀର ଓଡିଆ ଭାଷା ଆନ୍ଦୋଳନର ଅନ୍ୟତମ ଗତିଶୀଳ ଆତ୍ମା ମହାରାଜା ଭଞ୍ଜଦେଓ ରାଜ୍ୟରେ ଉତ୍ତମ ପ୍ରଶାସନ ପାଇଁ ଭାଷା, ସ୍ୱାସ୍ଥ୍ୟ, ସାହିତ୍ୟ ଏବଂ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିଥିଲେ ଏବଂ ସେହି ମହାନ ମାଟିର ପ୍ରବାଦ ପୁରୁଷ ମହାରାଜା ଭଞ୍ଜଦେଓଙ୍କ ୧୫୩ତମ ଜୟନ୍ତୀ ପାଳନ ଜିଲ୍ଲା ପ୍ରଶାସନ ହର୍ଷ ଓ ଉଲ୍ଲାସ ମଧ୍ୟରେ କରୁଛି। ବିଗତ ଦିନରେ ଏହି ଦିବସ ପାଳନ ଅବସରରେ ଅନୁଷ୍ଠିତ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୋରଡା ବିଧାୟକ ଶ୍ରୀ ଦାସ ମହାରାଜାଙ୍କର ଶାସନ ବ୍ୟବସ୍ଥା ବିଷୟରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



### ଭଞ୍ଜସେନା ପକ୍ଷରୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ସେହିପରି ପ୍ରଜାବତ୍ସଳ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ ତମ ଜୟନ୍ତୀ ଭଞ୍ଜସେନା ପକ୍ଷରୁ ପାଳିତ ହୋଇଛି। ରବିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ନୀରବ ପ୍ରାର୍ଥନା କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ସଂଯୋଜକ ସୂର୍ଯ୍ୟ ବର୍ଦ୍ଧନ ସିଂହଦେଓ, ସଞ୍ଜୟ ମହାର୍ନା, ମୁକ୍ତି ଦତ୍ତ ପରିଡ଼ା,ସଞ୍ଜୟ ମହାନ୍ତ, ସୁନୀଲ ମହାପାତ୍ର, ଶମ୍ଭୁନାଥ ରଣା, ବିଶ୍ୱଜିତ୍ ପ୍ରଧାନ, ରୁଦ୍ର ପଟ୍ଟନାୟକ, ଦେବବ୍ରତ ବିଶ୍ୱାଳ, ବାବୁ ମହାନ୍ତ, ସୁରଜ୍ ବିନ୍ଧାଣୀ, ବିଶ୍ୱଜିତ୍ ପ୍ରଧାନ, ଏସ୍.କେ ସହିଦ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିଲା ପ୍ରତିଶ୍ରୁତି

# ଭଞ୍ଜସେନାର ଜାତୀୟ ରାଜପଥ ହରତାଳ ସ୍ଥଗିତ

ବାରିପଦା, ୧୭ ।୧୨(ସମିସ)

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବ ରେଗୁଲାର କୋର୍ସ ଏବଂ ପୁରୁଣା କର୍ମଚାରୀଙ୍କୁ କେନ୍ଦୁଝରରେ ସ୍ଥିତ ଦ୍ୱିତୀୟ କ୍ୟାମ୍ପସରୁ ଫେରାଇ ଆଣିବା ଏବଂ ବାରିପଦା ସ୍ଥିତ ବିଶ୍ୱବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ଗଢ଼ିତୋଳିବା ଦାବି ନେଇ ସୋମବାର ପୂର୍ବାହ୍ନ ୧୦ଟାରୁ ୧୮ ନଂ ଜାତୀୟ ରାଜପଥର ବିଭିନ୍ନ ଜାଗାରେ ହେବାକୁ ଥିବା ହରତାଳକୁ ସ୍ଥଗିତ ରଖାଯାଇଛି। ଜିଲ୍ଲା ପ୍ରଶାସନ ଏଭଳି ଗୁରୁତର ପ୍ରସଙ୍ଗକୁ ହୃଦୟଙ୍ଗମ କରି ରବିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜରୁରୀକାଳୀନ ଏକ ବୈଠକ ଡ଼ାକିଥିଲେ। ବୈଠକରେ ଉପଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ, ଏଡିଏମ ଦୌଲତଚନ୍ଦ୍ର କର, ବାରିପଦା ଥାନାଧିକାରୀ



ଉପସ୍ଥିତ ରହି ଆଲୋଚନା କରିବା ସହିତ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁସାରେ, ଆସନ୍ତା ୨୩ ତାରିଖ ଶନିବାର ଭୁବନେଶ୍ୱରରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସହ ଭଞ୍ଜସେନାର ପ୍ରତିନିଧି ମଣ୍ଡଳୀଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଣୁ ସୋମବାର ହରତାଳକୁ ଭଞ୍ଜସେନା ସ୍ଥଗିତ ରଖିବା ସହ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଆଲୋଚନାର କୌଣସି ସୁଫଳ ନ ମିଳିଲେ ଜିଲ୍ଲାବ୍ୟାପୀ ସମସ୍ତ ମହାବିଦ୍ୟାଳୟରେ ଛାତ୍ର ସଚେତନତା କରିବା ସହ ଭଞ୍ଜ ସେନାର କର୍ମକର୍ତ୍ତା ଆମରଣ ଅନଶନ ପାଇଁ ପ୍ରସ୍ତୁତ ରହିବେ ବୋଲି ବୈଠକରେ ଉପସ୍ଥିତ ଥିବା ସଂଗଠନର ସମସ୍ତ ନେତୃ ମଣ୍ଡଳୀ ଜଣାଇଛନ୍ତି। ବୈଠକରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଓବିସି ଶାଖା ସଭାପତି ରାକେଶ ବେହେରା, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, କାର୍ଯ୍ୟକାରି ସଭାପତି ସାମନ୍ତ ଶେଖର ପାଲ୍, ଉପସଭାପତି ରାକେଶ ମହାନ୍ତି, ମୁଖପାତ୍ର ମାନସ୍ ବେହେରା, ଯୁବ ଛାତ୍ର ସଂଯୋଜକ ଏସ କେ ରାଜା ଖାନ, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ସଂଯୋଜକ ସୂର୍ଯ୍ୟ ବର୍ଦ୍ଧନ ସିଂଦେଓ ଓ ଯୁବ ନେତା ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନିରୋଜ ପୋଥାଲଙ୍କୁ 'ଅନ୍ତଃରାଷ୍ଟ୍ରୀୟ ରକ୍ତକ୍ରାନ୍ତି ସମ୍ମାନ'



**ବାରିପଦା, ୧୭ ।୧୨(ସମିସ):** ବାରିପଦାର ରକ୍ତଦାତା ଡ. ନିରୋଜ କୁମାର ପୋଥାଲଙ୍କୁ ଅନ୍ତଃରାଷ୍ଟ୍ରୀୟ ରକ୍ତକ୍ରାନ୍ତି ସମ୍ମାନ ପ୍ରଦାନ କରାଯାଇଛି। ପଶ୍ଚିମବଙ୍ଗର ଆଲିପୁର ଦ୍ୱାରଠାରେ ଏସଟି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ତଥା ରକ୍ତଦାତା ଡ. ପୋଥାଲଙ୍କୁ ବିର୍ସା ମୁଣ୍ଡା ଅନ୍ତଃରାଷ୍ଟ୍ରୀୟ ରକ୍ତକ୍ରାନ୍ତି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ଅନ୍ତଃରାଷ୍ଟ୍ରୀୟ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ନେପାଲ, ଭୁଟାନ, ସାଉଦିଆରବ ସମେତ ଭାରତର ବିଭିନ୍ନ ରାଜ୍ୟରୁ ରକ୍ତଦାତା ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ନିୟମିତ ରକ୍ତଦାତାଙ୍କୁ ଚୟନ କରାଯାଇ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସମ୍ମାନ ସମାରୋହ ଉତ୍ସବରେ ବରିଷ୍ଠ ସମାଜସେବୀ ରଞ୍ଜିତ ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ୧୯୭୧ ଭାରତ ପାକିସ୍ଥାନ ଯୁଦ୍ଧର କର୍ଣ୍ଣେଲ ହେମସିଂହ ସେଖାୱତ, ସମ୍ମାନିତ ଅତିଥି ଭାବରେ କ୍ୟାପଟେନ ସୁରେଶ ସେଇନି, ମହେନ୍ଦ୍ର ଯୋଶୀ ଓ ବୈଶାଳୀ ପାଣ୍ଡ୍ୟା ପ୍ରମୁଖ ଯୋଗ ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ଖୁଣ୍ଟା/କୁଆମରା,୧୭।୧୨(ସମିସ):** ଖୁଣ୍ଟା ଥାନା ଅଧୀନ ଜାମଶୂଳି ଗ୍ରାମର ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ଅଗ୍ନିଶମ ବିଭାଗ। ବାହାନଡ଼ା ପଞ୍ଚାୟତର ଜାମଶୂଳି ଗ୍ରାମର ଅନିରୁଦ୍ଧ ପାତ୍ର (୪୬) ରବିବାର ମଧ୍ୟାହ୍ନରେ ଗାଧୋଇବା ପାଇଁ ଗ୍ରାମ ପୋଖରୀକୁ ଯାଇଥିଲେ। ତେବେ ଅନିରୁଦ୍ଧଙ୍କ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ସେ ପୋଖରୀରେ ବୁଡିଯାଇଥିବା ପରିବାର ଲୋକେ ଦେଖିଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନିରୁଦ୍ଧଙ୍କୁ ପାଣିରୁ ଉଦ୍ଧାର କରି ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ସରୋଜ ନାୟକ ମେମୋରିଆଲ ଫୁଟବଲ; କଳିଙ୍ଗ ସ୍ପୋର୍ଟିଂ ଚାମ୍ପିଅନ



**କୁଆମରା, ୧୭ ।୧୧(ସମିସ):** ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଆରପଟା ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ୬୧ତମ ଏକ ଦିବସୀୟ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର, ପପୁଲାର ଏକାଡେମୀ ଢେଙ୍କାନାଳ, ସୁପ୍ରିମ ଫୁଟବଲ ଟିମ୍ କଟକ, ଉତ୍ତରାଣ ଏକାଡେମୀ କଲିକତା, ବିଏଫସିସି ଜାମସେଦପୁର, ସ୍ପୋର୍ଟସ ହଷ୍ଟେଲ ବାରିପଦା, ଡାଇମଡ ଏଫସି ଖୋର୍ଦ୍ଧା ଓ ୟୁନାଇଟେଡ ଜୟଦୁର୍ଗା କ୍ଲବ ପାରାଦ୍ୱୀପ ଅଂଶଗ୍ରହଣ କରିଥିଲେ। ଫାଇନାଲରେ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ପେନାଲଟି ଜରିଆରେ ୟୁନାଇଟେଡ ଜୟଦୁର୍ଗା କ୍ଲବକୁ ହରାଇ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟର ସଭାପତି ମନୋରଞ୍ଜନ ପରିଡା ଓ ସଂପାଦକ ସଞ୍ଜୀବ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ବାଲେଶ୍ୱର ସାଂସଦ ଖାରବେଳ ସ୍ୱାଇଁ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରାଜ୍ୟସଭା ସାଂସଦ ବୀରଭଦ୍ର ସିଂ, ସରୋଜିନୀ ହେମ୍ବ୍ରମ, ପୂର୍ବତନ ବସ୍ତା ବିଧାୟକ ପ୍ରଭୁ ମହାନ୍ତି, ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସୋରେନ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ବଡସାହି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ପୂର୍ବତନ ଡେପୁଟି ମେୟର ଭାରତୀ ସିଂ, ଉଦଳା ପ୍ରକଳ୍ପ ଅଧିକାରୀ ନରେନ୍ଦ୍ର ଖମାରୀ, ବିଡିଓ କରୁଣାକର ଧିନ୍ଦା, ବାଲେଶ୍ୱର ପୂର୍ବତନ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ।

## ୩ ଦୋକାନରୁ ଚୋରି ଉଦ୍ୟମ ବିଫଳ

**ରାଇରଙ୍ଗପୁର,୧୭ ।୧୨(ସମିସ):** ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୩ଟି ଦୋକାନର ତାଲା ଭାଙ୍ଗି ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ୧ଟାରେ ରାଇରଙ୍ଗପୁର ବଜାର ମୁଖ୍ୟ ମାର୍ଗରେ ଦୁଇ ଜଣ ଦୁର୍ବୃତ୍ତ ମଦ ଦୋକାନର ତାଲାକୁ କଟରରେ କାଟିଥିଲେ; ହେଲେ ସଫଳ ହୋଇ ନ ଥିଲେ। ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଏହି ଘଟଣା ସିସି କ୍ୟାମେରାରେ କଏଦ ହୋଇଯାଇଛି। ଦୋକାନ ଟାଉନ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟ ଏକ ଘଟଣା ବହଳଦା ଥାନା କାଦୁଆଣି ମୁଖ୍ୟ ଜାତୀୟ ରାଜପଥ ୨୨୦ ପାଶ୍ୱର୍ରେ ଥିବା ଷ୍ଟେସନାରୀ ଓ ଅନ୍ୟ ଏକ ଗ୍ରାହକ ସେବା କେନ୍ଦ୍ରରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକ ଟାଟା ସୁମୋରେ ଆସି ପହଞ୍ଚିଥିଲେ। ପରେ ଦୁଇଟି ଦୋକାନର ତାଲା କାଟିଥିଲେ; କିନ୍ତୁ ସେଠାରେ ମଧ୍ୟ ବିଫଳ ହୋଇଥିଲେ। ଏହି ଦୁଇଟିଯାକ ଘଟଣା କ୍ୟାମେରାରେ କଏଦ ହୋଇଛି। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସାମ୍ବତ୍ସରିକ ଉତ୍ସବ ଉଦ୍‌ଯାପିତ



**ଖୁଣ୍ଟା,୧୭।୧୨(ସମିସ):** ବିସିପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଦଶମ ସାମ୍ବତ୍ସରିକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ପ୍ରଚଳିତ ଶିକ୍ଷା ପଦ୍ଧତିରେ ସଂସ୍କୃତି ସମ୍ପନ୍ନ ଶିକ୍ଷା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ଗୁରୁକୁଳ ଶିକ୍ଷା ପଦ୍ଧତି ମାଧ୍ୟମରେ ଶିକ୍ଷାଦାନ ହିଁ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଖୁବ ଉଚ୍ଚକୁ ନେଇପାରିବ। ସଂସ୍କାର ପୂର୍ଣ୍ଣ ଶିକ୍ଷାରେ ବିପ୍ଳବ ଆଣିଦେଇପାରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାନେତ୍ରୀ ନିଶାମଣି ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସଦସ୍ୟ ଶିବଶଙ୍କର ଭୂୟାଁ ମଞ୍ଚ ପରିଚାଳନା କରିଥିଲେ। ଉଦଘାଟନ ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶାର ସମ୍ପାଦକ ଯୋଗେନ୍ଦ୍ର ଦାଶ, ମୁଖ୍ୟ ଅତିଥିଭାବେ ଦେବାଶିଷ ମାର୍ଣ୍ଡି, ମୁଖ୍ୟ ବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ଶେଷଦେବ ପାତ୍ର, ପରିଷଦ ସଦସ୍ୟ ସୁରଜ ବାରିକ, ଶିକ୍ଷାବିତ ନଗେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ମଧୁସ୍ମିତା ସାମଲ ବାର୍ଷିକ ବିବରଣୀ ପାଠ ଓ ସମ୍ପାଦକ ଶାନ୍ତି ପ୍ରବୀର ରାଉତ ଶିକ୍ଷା କେନ୍ଦ୍ର ଗଠନର ଆବଶ୍ୟକତା ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାଜ୍ୟସ୍ତରରେ ମେଧାବୃତ୍ତିରେ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପଞ୍ଚମ ଶ୍ରେଣୀର ବିଶ୍ୱଜିତ ସିଂଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସଦସ୍ୟ ସମ୍ବିତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଷ୍ଟା ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

ବଡ଼ସାହି,୧୭।୧୨(ସମିସ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ଜିଲ୍ଲାସ୍ତରୀୟ ଶିଶୁଉତ୍ସବ ବ୍ଲକ ଅନ୍ତର୍ଗତ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଛେଳିଆ(କ)ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ପ୍ରଥମ ଦିନର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ମୁଖ୍ୟବକ୍ତା ପ୍ରାକ୍ତନ ସମ୍ପାଦକ ଭରତ ଚନ୍ଦ୍ର ବରାଳ, ସମ୍ମାନିତ ଅତିଥି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କିଶୋର କୁମାର ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ ପ୍ରୀୟଲତା ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀନବନ୍ଧୁ ବେହେରେଣିଆ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। 'ଶିଶୁ ହସିଲେ ଦୁନିଆ ହସେ' ପ୍ରକୃତରେ ଏହି ସ୍ଲୋଗାନ ର ତାତ୍ପର୍ଯ୍ୟ ରଖିବା ପାଇଁ ଓଷ୍ଟାର କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ। ପରେ ୮ଟି ବିଭାଗକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ରଞ୍ଜନ କୁମାର



ଦାଶ ଏବଂ ଏକାଡେମୀକ୍ ସମ୍ପାଦକ ପ୍ରଣବ କୁମାର ଜେନା ଯୋଗଦେଇ ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

ଉଦ୍‌ଯାପନୀ ଦିବସରେ ପ୍ରଥମେ ତର୍କ ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଓଷ୍ଟାର ଉପସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ, ମୁଖ୍ୟ ବକ୍ତା ମୟୂରଭଞ୍ଜ-୨ର ସମ୍ପାଦକ ଦୁର୍ଯ୍ୟୋଧନ ବେହେରା, ସମ୍ମାନିତ ଅତିଥି ପ୍ରାକ୍ତନ ସମ୍ପାଦକ ଭାରତ ଚନ୍ଦ୍ର ବରାଳ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁବଳ ଚନ୍ଦ୍ର ଦାସ ମହାପାତ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା ଯୋଗଦେଇଥିଲେ। କାର୍ତ୍ତିକ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ଅନନ୍ତ କର ସ୍ମୃତି ସମ୍ମାନ କପ୍ତିପଦା ବ୍ଲକ ସମ୍ପାଦକ ନାରାୟଣ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଜୀବନ ବ୍ୟାପୀ ସଂଘର ସାଧନା ପାଇଁ ବ୍ଲକ ସଭାପତି ସରୋଜ କୁମାର ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଜାତଳାରେ ଧାନ ମଣ୍ଡି ଉଦ୍‌ଘାଟିତ

**ରାଇରଙ୍ଗପୁର,୧୭ ।୧୨(ସମିସ):** ବିଜାତଳା ଲ୍ୟାମ୍ପସରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଅନିରୁଦ୍ଧ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦ†ାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରାଣୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ସମବାୟ କ୍ଷେତ୍ରର ସହକାରୀ ଉପ ନିବନ୍ଧକ ମନୋରଞ୍ଜନ ବେହେରା, ବ୍ଲକ କୃଷି ଅଧିକାରୀ ପ୍ରଦୀପ୍ତ ନାଏକ ଏବଂ ଲ୍ୟାମ୍ପସ ପରିଚାଳନା ସମିତିର ସଭାପତି ରାମଚନ୍ଦ୍ର ବେଶ୍ରା ଯୋଗ ଦେଇ ମଣ୍ଡିକୁ ଉଦଘାଟନ କରିଥିଲେ। ଯେଉଁ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବେ ଏବଂ ଟୋକନ ପାଇଥିବେ, ସେମାନେ ନିର୍ଦ୍ଧାରିତ ସମୟରେ ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ଧାନ ବିକ୍ରି କରିପାରିବେ ବୋଲି ପରିଚାଳନା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଚଳିତ ଥର ସାଧାରଣ ମାନର ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ରହିଛି। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପସ କର୍ମଚାରୀ ଭାଗିରଥି ମୁର୍ମୁ, ସଞ୍ଜୟ କୁମାର ବେହେରା, ରାମଜିତ ବେଶ୍ରା, ଶଙ୍କର ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ମୃତ; ଜଣେ ଗୁରୁତର

**ବାରିପଦା/ଖୁଣ୍ଟା, ୧୭ ।୧୨(ସମିସ):** ଶନିବାର ରାତିରେ ଖୁଣ୍ଟା ଥାନା ଅଞ୍ଚଳ ଶିଳଘାଟି ଛକ ନିକଟରେ ଏକ ମର୍ମନ୍ତୁଦ ବାଇକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଶିଳଘାଟୀ ଗ୍ରାମକୁ ଗୋଟିଏ ବାଇକ ଯୋଗେ ୩ଜଣ ଯୁବକ ଫେରୁଥିବା ବେଳେ କୌଣସି କାରଣରୁ ଦୁର୍ଘଟଣାରେ ଶିକାର ହୋଇ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ଦେଖି ସଙ୍ଗେ ସଙ୍ଗେ ଖୁଣ୍ଟା ଥାନା ଓ ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ୩ ଯୁବକଙ୍କୁ ଉଦ୍ଧାର କରି ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଦୁଇ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନେ ହେଲେ ଶିଳଘାଟୀ ଗ୍ରାମର ଦାସ ସିଂଙ୍କ ପୁଅ ଛୋଟରାୟ (୨୦) ଓ ସ୍ୱର୍ଗତ ଭୀମ ମୁର୍ମୁଙ୍କ ପୁଅ ତପନ (୧୮)। ଅନ୍ୟ ଜଣେ ଯୁବକଙ୍କ ଗୁରୁତର ଅବସ୍ଥାରେ ଚିକିତ୍ସା କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ପରିଚୟ ମିଳିପାରିନାହିଁ।



ବିଶ୍ୱର ଅଧିକାଂଶ ସମସ୍ୟା ପଛରେ କିଛି ଲୋକଙ୍କର ନିଜ ଗୁରୁତ୍ୱକୁ ଜାହିର କରିବାର ମାନସିକତା ହିଁ ଦାୟୀ।
-ଟି ଏସ୍ ଏଲିଅଟ୍

ସକାଳ
THE SAKALA

## ଉତ୍କଟ ହେଉଛି ଜଳବାୟୁ ସଙ୍କଟ

# କୋପ୍-୨୮ ରୁ ନୂଆ ଆଶାର ଝଲକ

ସାମ୍ପ୍ରତି ବିଶ୍ୱର କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରାକୁ ଶିଳ୍ପ ବିପ୍ଳବ ପୂର୍ବବର୍ତ୍ତୀ ସମୟର ତାପମାତ୍ରାଠାରୁ ସର୍ବାଧିକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ସୀମିତ ରଖିବା ପାଇଁ ଗତ କିଛି ବର୍ଷ ହେଲା ଆରମ୍ଭ ହୋଇଥିବା ଉଦ୍ୟମରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି ଦୁବାଇଠାରେ ସଦ୍ୟ ସମାପ୍ତ ପରିବେଶ ଓ ଜଳବାୟୁ ଶୀର୍ଷ ସମ୍ମିଳନୀ କୋପ୍ ୨୮। ଯେଉଁ ହାରରେ ତାପମାତ୍ର ବୃଦ୍ଧି ପାଇ ଚାଲିଛି ଓ କାର୍ବନ ନିର୍ଗମନ ବଢ଼ିବାରେ ଲାଗିଛି ତାହାକୁ ଦେଖିଲେ ଏହି ଲକ୍ଷ୍ୟ ହାସଲ ଯେ ସୁଦୂର ପରାହତ ତାହାକୁ ଅସ୍ୱୀକାର କରି ହେବ ନାହିଁ। ଏହାସତ୍ତ୍ୱେ ଏହି ଶୀର୍ଷ ସମ୍ମିଳନୀରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତୈକ ସୃଷ୍ଟି ହୋଇପାରିଛି ଏବଂ ଦୀର୍ଘମିଆଦୀ ଭିତ୍ତିରେ ବିଶ୍ୱତାପମାତ୍ର ନିୟନ୍ତ୍ରଣ ମଧ୍ୟରେ ରହିବ ବୋଲି କିଛିଟା ଆଶା ସଞ୍ଚାର ହୋଇଛି।

ଏହାପୂର୍ବରୁ ୨୭ ଥର ଅନୁଷ୍ଠିତ ହୋଇସାରିଥିବା ଜଳବାୟୁ ସମ୍ପର୍କିତ ଶୀର୍ଷ ସମ୍ମିଳନୀଠାରୁ ଦୁବାଇ ଶୀର୍ଷ ସମ୍ମିଳନୀ(କୋପ୍ ୨୮) ଯେଉଁ କେତେକ ଦୃଷ୍ଟିରୁ ଭିନ୍ନ ଥିଲା ତାହା ହେଉଛି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ କ୍ରମବର୍ଦ୍ଧିଷ୍ଣୁ ତାପମାନ ନିୟନ୍ତ୍ରଣ ପାଇଁ ଏ ପର୍ଯ୍ୟନ୍ତ ବିଭିନ୍ନ ରାଷ୍ଟ୍ର କ'ଣ ପଦକ୍ଷେପ ନେଇଛନ୍ତି (ଗ୍ଲୋବାଲ୍ ଷ୍ଟକ୍‌ଟେକ୍)ର ରିପୋର୍ଟ କାର୍ଡ ପ୍ରଦର୍ଶନ। ଜଳବାୟୁ ସମ୍ପର୍କିତ ପ୍ୟାରିସ୍ ବୁଝାମଣା ଆଧାରରେ ଏଭଳି ସମୀକ୍ଷା ପ୍ରତି ପାଞ୍ଚବର୍ଷ ଅନ୍ତରରେ ହେବ ବୋଲି ସ୍ଥିର ହୋଇଥିବା ବେଳେ କୋପ୍୨୮ ପ୍ରଥମ ଅବସର ଥିଲା। ଏହି ରିପୋର୍ଟ କାର୍ଡ ସନ୍ତୋଷଜନକ ନ ହେଲେ ମଧ୍ୟ ନୈରାଶ୍ୟଜନକ ନୁହେଁ। ଏହି ପ୍ରସଙ୍ଗରେ ଭାରତ ତା'ର ଦୃଷ୍ଟିକୋଣ ସ୍ପଷ୍ଟ କରିବା ସହିତ କାର୍ବନ ଓ ମିଥେନ୍ ନିର୍ଗମନ ହ୍ରାସ ଦିଗରେ ସମସ୍ତଙ୍କର ସମାନ ସହଭାଗିତା ଓ ଜୀବାଶ୍ମ ଇନ୍ଧନ ବ୍ୟବହାରରେ ନ୍ୟାୟପୂର୍ଣ୍ଣ ସର୍ତ୍ତ ଧାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଆରୋପ କରିଛି। ଏହାଛଡ଼ା ପ୍ରଥମ ଥର ପାଇଁ କୋପ୍-୨୮ ରେ ମିଥେନ୍ ବାଷ୍ପର ନିର୍ଗମନକୁ ପର୍ଯ୍ୟାୟକ୍ରମେ ଯଥାସମ୍ଭବ ହ୍ରାସ କରି ଏବଂ ୨୦୩୦ ସୁଦ୍ଧା ୭ ବିଲିୟନ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରି ୨୦୫୦ ବେଳକୁ ଶୂନ୍ୟରେ ପହଞ୍ଚାଇବା ପାଇଁ ବିକଳ୍ପ ଇନ୍ଧନର ଉପଯୋଗିତାକୁ ସର୍ବସମ୍ମତ ସ୍ୱୀକାରୋକ୍ତି ମିଳିଛି। ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ କରିବାକୁ ପୂର୍ବରୁ ମତ ପ୍ରକାଶ ପାଇ ଆସୁଥିଲେ ମଧ୍ୟ ଏଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରାଯାଇ ନଥିଲା। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଅକ୍ଷୟ ଶକ୍ତିର ଉତ୍ପାଦକୁ ବର୍ତ୍ତମାନର କ୍ଷମତାଠାରୁ ତିନିଗୁଣ ବୃଦ୍ଧି କରିବା ପାଇଁ ସମସ୍ତ ସଦସ୍ୟ ଦେଶଙ୍କୁ ଆହ୍ୱାନ କରାଯାଇଛି। କିନ୍ତୁ ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ନକ୍ସା ପ୍ରସ୍ତୁତ କରାଯାଇ ନ ଥିବାରୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ସମ୍ଭାବନା ଦ୍ୱନ୍ଦ୍ୱ ସୃଷ୍ଟି କରିବା ସ୍ୱାଭାବିକ। ଏଥିସହିତ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତିର ଭରଣା ପାଇଁ ଗତ କୋପ୍ ୨୭ ଶାର୍ମ ଏଲ୍ ଶେଖ୍ ବୈଠକରେ ନିଆଯାଇଥିବା ପାଣ୍ଠି ଗଠନ ନିଷ୍ପତ୍ତିର ବାସ୍ତବ ରୂପାୟନ ଓ ଏହାକୁ ଅଧିକ କ୍ରିୟାଶୀଳ କରିବା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଛି। କୋଇଲା ଉତ୍ପାଦନ ଓ ବ୍ୟବହାର ହ୍ରାସ କରିବା ଲାଗି କୋପ୍-୨୮ ରେ ଏକ ପ୍ରସ୍ତାବ ରଖାଯାଇଥିଲା ଯେ କୌଣସି ଦେଶ ଆଉ ନୂଆ ତାପଜ ବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା କରିବେ ନାହିଁ। କିନ୍ତୁ ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାର ଆପତ୍ତି ପରେ ଏହି ପ୍ରସ୍ତାବକୁ ହଟାଯାଇ ୨୦୨୧ ଗ୍ଲାସ୍‌ଗୋ ଜଳବାୟୁ ଶିଖର ସମ୍ମିଳନୀରେ ଗୃହୀତ ପ୍ରସ୍ତାବକୁ ପାରିତ କରାଯାଇଥିଲା, ଯେଉଁଥିରେ ପର୍ଯ୍ୟାୟକ୍ରମ କୋଇଲା ବ୍ୟବହାର ହ୍ରାସ କରିବାକୁ ସର୍ବସମ୍ମତ ସଂକଳ୍ପ ପାରିତ ହୋଇଥିଲା। ଆଉ ଏକ ଉଲ୍ଲେଖନୀୟ ବିଷୟ ହେଉଛି ବିଶ୍ୱତାପମାତ୍ରା ବୃଦ୍ଧିର ଅନ୍ୟତମ କାରଣ ଭାବରେ ଆମେ ବ୍ୟବହାର କରୁଥିବା ଶୀତଳୀକରଣ ଉପକରଣର ଯୋଗଦାନ ବୃଦ୍ଧି ପାଉଥିବା କୋପ୍-୨୮ ରେ ସ୍ୱୀକାର କରାଯାଇଥିଲା। ତେଣୁ ୨୦୫୦ ସୁଦ୍ଧା ଏହି ସବୁ ଉପକରଣର ଉତ୍ପାଦନ ଓ ବ୍ୟବହାର ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଯଦି କୋପ୍-୨୮ ର ସବୁଠାରୁ ସଫଳତା ବିଷୟରେ ସୂଚିତ କରାଯାଏ ତେବେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ଭରଣା ପାଣ୍ଠି ବା କ୍ଲାଇମେଟ୍ ଫାଇନାନ୍ସ ବିଷୟରେ ଗମ୍ଭୀର ଆଲୋଚନାକୁ ଇଙ୍ଗିତ କରାଯାଇପାରେ। ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ବିଶ୍ୱର ସିଂହଭାଗ ଜୀବାଶ୍ମ ଇନ୍ଧନ ବ୍ୟବହାର କରୁଥିବା ଶିଳ୍ପୋନ୍ନତ ତଥା ବିକଶିତ ଦେଶମାନେ ହିଁ ପରିବେଶ ପ୍ରଦୂଷଣ ପାଇଁ ଅଧିକ ପରିମାଣରେ ଦାୟୀ। କିନ୍ତୁ ଏଥିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ବିକାଶଶୀଳ ଓ ଗରିବ ଦେଶମାନେ। ପରିବେଶ ପ୍ରଦୂଷଣ ବା ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ବିକାଶଶୀଳ ଓ ଅନୁନ୍ନତ ଦେଶମାନେ ସମ୍ମୁଖୀନ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟର କ୍ଷୟକ୍ଷତି ଭରଣା କରିବା ସହିତ ସେଠାକାର ଜନସାଧାରଣଙ୍କୁ ବିପର୍ଯ୍ୟୟ ପରବର୍ତ୍ତୀ ଥଇଥାନ, ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇ ଦେବା ପାଇଁ ଜଳବାୟୁ ସମ୍ବଳ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ଲକ୍ଷ୍ୟରେ ବିକଶିତ ଦେଶଗୁଡ଼ିକ ୨୦୨୦ରୁ ୨୦୨୫ ପର୍ଯ୍ୟନ୍ତ କ୍ଲାଇମେଟ୍ ଫାଇନାନ୍ସ ବାବଦରେ ପ୍ରତିବର୍ଷ ୧୦୦ ବିଲିୟନ ଡଲାର୍ ଲେଖାଏଁ ଯୋଗଦାନ ଦେବେ ବୋଲି ଅନୌପଚାରିକ ଭାବେ ପ୍ରତିଶ୍ରୁତିବଦ୍ଧ। ପ୍ରାକୃତିକ ବିପର୍ଯ୍ୟୟର ପରବର୍ତ୍ତି ସମୟରେ ମଧ୍ୟ ଏହି ପାଣ୍ଠିରୁ ମିଳୁଥିବା ଆର୍ଥିକ ସହାୟତା ଜରିଆରେ ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କର ଭିତ୍ତିଭୂମି ନିର୍ମାଣ, କୃଷି, ସ୍ୱାସ୍ଥ୍ୟ, ପରିବହନ ଓ ଶିଳ୍ପ ବିକାଶ କ୍ଷେତ୍ରରେ ଉପଯୋଗ ହୋଇଥାଏ। କିନ୍ତୁ ଏବେ ଦେଖାଯାଉଛି ଯେ ବିକଶିତ ଦେଶମାନେ ସେମାନଙ୍କ ପ୍ରତିଶ୍ରୁତିରୁ ଓହରିବାରେ ଲାଗିଛନ୍ତି ଏବଂ କ୍ଲାଇମେଟ୍ ଫାଇନାନ୍ସର ପରିମାଣ ମଧ୍ୟ ହ୍ରାସ ପାଇ ଚାଲିଛି। ତେଣୁ ଏହି ପାଣ୍ଠି(ଲସ୍ ଆଣ୍ଡ ଡ୍ୟାମେଜ୍)କୁ କ୍ରିୟାଶୀଳ କରିବା ପାଇଁ ହୋଇଥିବା ଆନୁଷ୍ଠାନିକ ମତୈକ ସ୍ୱାଗତଯୋଗ୍ୟ।

ମୋଟ ଉପରେ ଦେଖିଲେ କୋପ୍-୨୮ ଜଳବାୟୁ ଶୀର୍ଷ ସମ୍ମିଳନୀରେ କେତେକ ଆଶା ସହିତ କେତେକ ବିରୋଧାଭାସ ମଧ୍ୟ ରହିଛି। ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ ଚଳିତ ବର୍ଷ ଏହି ଶୀର୍ଷ ସମ୍ମିଳନୀ ଏଭଳି ଏକ ଅଞ୍ଚଳରେ ଆୟୋଜିତ ହୋଇଛି ଯାହା ସମଗ୍ର ବିଶ୍ୱର ଜୀବାଶ୍ମ ଇନ୍ଧନ ଭଣ୍ଡାର ରୂପେ ପରିଗଣିତ। ଏହା ମଧ୍ୟ ସର୍ବଜନବିଦିତ ଯେ ଜୀବାଶ୍ମ ଇନ୍ଧନର ବ୍ୟବହାରରେ ଉଲ୍ଲେଖନୀୟ ହ୍ରାସ ନ ଘଟିବା ପର୍ଯ୍ୟନ୍ତ ବିଶ୍ୱ ତାପମାନ ବୃଦ୍ଧି ଧାରାରେ ଅଙ୍କୁଶ ଲାଗିବ ନାହିଁ। ଯଦି ଏହି ଅଙ୍କୁଶ ଲାଗିବ ତେବେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ ଆରବ ଓ ଉପସାଗରୀୟ ଦେଶସମୂହ। ତେଣୁ ବିଶ୍ୱ ତାପମାନ ନିୟନ୍ତ୍ରଣ ପାଇଁ ଏହି ଶୀର୍ଷ ସମ୍ମିଳନୀ ଏକ ଚିରାଚରିତ ତଷ୍ଟୁକୁଟା କାର୍ଯ୍ୟକ୍ରମରେ ପରିଣତ ହେବ ବୋଲି ବିଶେଷଜ୍ଞମାନେ ଯେଉଁ ପୂର୍ବାନୁମାନ କରିଥିଲେ ତାହା କେତେକାଂଶରେ ସତ ସାବ୍ୟସ୍ତ ହୋଇଛି। ଏହାଛଡ଼ା ବିଶ୍ୱର ବିକଶିତ ଦେଶମାନେ ଜୀବାଶ୍ମ ଇନ୍ଧନର ଅଧିକ ବ୍ୟବହାର କରୁଥିବାରୁ ମିଥେନ୍ ଗ୍ୟାସ୍‌ର ପରିମାଣ ବଢ଼ି ଚାଲିଛି ବୋଲି ବିକାଶଶୀଳ ଓ ଅନୁନ୍ନତ ଦେଶମାନେ ଅଭିଯୋଗ କରୁଥିବା ବେଳେ ଭାରତ, ଚୀନ୍, ଦକ୍ଷିଣ ଆମେରିକୀୟ ଓ ଆଫ୍ରିକୀୟ ରାଷ୍ଟ୍ରମାନଙ୍କର ଚାଷ ଓ ଗୋପାଳନରୁ ଅଧିକ ମିଥେନ୍ ଉତ୍ପନ୍ନ ହେଉଥିବା ବିକଶିତ ଦେଶମାନେ ପାଲଟା ଅଭିଯୋଗ କରୁଛନ୍ତି। ତେଣୁ ବିଶ୍ୱ ତାପମାନ ବୃଦ୍ଧିରେ ଅଧିକ ଯୋଗଦାନ ଥିବା ମିଥେନ୍ ବାଷ୍ପର ଉତ୍ସ ଶିଳ୍ପ ନା କୃଷି ତାହାକୁ ନେଇ ନୂଆ ବିବାଦ ଓ ବିତର୍କ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତର ସମାନ ସହଭାଗିତା ଓ ନ୍ୟାୟିକ ଉପଯୋଗିତା ମନ୍ତ୍ର ଅଧିକ ଗୁରୁତ୍ୱ ବହନ କରେ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଧନୀରାଷ୍ଟ୍ରଙ୍କ ସମର ବିଳାସ

**ଗୌରୀ ପ୍ରସାଦ ମହାପାତ୍ର**
ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

ସାମ୍ପ୍ରତିକ ଜଗତୀକରଣ ଯୁଗରେ ଯୁଦ୍ଧର ଅର୍ଥନୈତିକ-ସାମାଜିକ ପ୍ରଭାବ ଆଉ କେବଳ ଦୁଇଦେଶ କିମ୍ବା ଅଞ୍ଚଳ ମଧ୍ୟରେ ସୀମିତ ହୋଇ ରହିନାହିଁ। ପୃଥିବୀର ଯେକୌଣସି କୋଣରେ ଯୁଦ୍ଧ, କନ୍ଦଳ, ଅନ୍ତଦ୍ୱର୍ନ୍ଦ୍ୱ ସୃଷ୍ଟି ହେଲେ ତାହା ସମଗ୍ର ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି। ରୁଷ-ୟୁକ୍ରେନ୍ ଯୁଦ୍ଧର ପ୍ରଭାବକୁ ଏହାର ସଦ୍ୟତମ ଉଦାହାରଣ ରୂପେ ନିଆଯାଇପାରେ। ଅର୍ଥନୀତିଜ୍ଞଙ୍କ ମତରେ ବିଶ୍ୱଯୁଦ୍ଧ ହେଉ କି ଗୃହଯୁଦ୍ଧ, ଏହାର ଗୁରୁତର ପ୍ରଭାବ ଅର୍ଥନୀତିକୁ ଅତିକମ୍‌ରେ ଦଶବର୍ଷ ପଛକୁ ନେଇଯାଏ। ଏହାସତ୍ତ୍ୱେ ଯୁଦ୍ଧକୁ ଯଥାସମ୍ଭବ ଟାଳିବା ପରିବର୍ତ୍ତେ ସର୍ବୋତ୍ତମ ବିକଳ୍ପ ରୂପେ ବିଭିନ୍ନ ରାଷ୍ଟ୍ରର ଶାସନମୁଖ୍ୟମାନେ ଆବହମାନ କାଳରୁ ବାଛି ନେବା ହିଁ ପୃଥିବୀର ସବୁଠାରୁ ବଡ଼ ଦୁର୍ଭାଗ୍ୟ। ଅଧିକନ୍ତୁ ଯୁଦ୍ଧ ଇତିହାସକୁ ଅନୁଶୀଳନ କଲେ ଏହା ପଛରେ ସୁଫଳ ଓ ସମସ୍ୟା ସମାଧାନ ଆଶା ତୁଳନାରେ ପ୍ରତିହିଂସା ପରାଣୟତା, ବିସ୍ତାରବାଦୀ ଆଭିମୁଖ୍ୟ, ବିନାଶକାରୀ ପ୍ରବୃତ୍ତି ଅଧିକ ଥିବା ବହୁଳ ପ୍ରମାଣିତ ହୋଇସାରିଛି। ବିଶେଷକରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ସାମରିକ କ୍ରିୟାକଳାପ ଓ ଆନୁଷଙ୍ଗିକ ବ୍ୟପାର ଧନୀ ରାଷ୍ଟ୍ରମାନଙ୍କ ପ୍ରଭୁତ୍ୱବାଦୀ ମାନସିକତାର ଏକପ୍ରକାର ବିଳାସରେ ପରିଣତ ହୋଇଯାଇଛି। ଯୁଦ୍ଧ ଏଭଳି ଏକ ମାନବିକ ନିଷ୍ପତ୍ତି, ଯାହାର ରୂପାୟନ ସବୁଠାରୁ ବ୍ୟୟବହୁଳ, ଅଥଚ ସବୁଠାରୁ କମ୍ ଉତ୍ପାଦନଭିତ୍ତିକ ଓ ଅବାଞ୍ଛିତ ଫଳପ୍ରସୂ। ତଥାପି ମାନବ ସଭ୍ୟତାର ବିଭିନ୍ନ ଗୋଷ୍ଠୀ ନିଜ ନିଜ ଭିତରେ ଅସ୍ତିତ୍ୱ ଓ ଅହଂ ଲକ୍ଷ୍ୟରେ ଏହି ଭୟାନକ, ନାରକୀୟ, ବିଧ୍ୱଂସକାରୀ ଓ ହିଂସାତ୍ମକ ପଥକୁ ହିଁ ଆବୋରି ନେଇଛନ୍ତି।

ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ପ୍ରତିଯୋଗିତା ଏବେ ଜନମଙ୍ଗଳ ଓ ବିକାଶ କାର୍ଯ୍ୟଧାରା ଭିତ୍ତିକ ବଦଳରେ ପ୍ରତିରକ୍ଷା ବ୍ୟୟବରାଦ ଓ ଯୁଦ୍ଧାସ୍ତ୍ର ଆହରଣ ଭିତ୍ତିକ ହେବାରେ ଲାଗିଛି। ଗୋଟିଏ ରାଷ୍ଟ୍ରର ପ୍ରତିରକ୍ଷା ବଜେଟ୍ ଯେତିକି ବୃଦ୍ଧି ପାଉଛି, ତା'କୁ ଟପିଯିବା ପାଇଁ ଆଉ ଗୋଟିଏ ରାଷ୍ଟ୍ର ଚେଷ୍ଟା କରୁଛି ଏବଂ ଯୁଦ୍ଧାସ୍ତ୍ର ଆହରଣ ପ୍ରତିଯୋଗିତା ମଧ୍ୟ ତଦନୁସାରେ ବୃଦ୍ଧି ପାଇବାରେ ଲାଗିଛି। ଯୁଦ୍ଧର କ୍ଷୟକ୍ଷତି ମଧ୍ୟ ଅକଳନୀୟ ଓ ତାହାର ପ୍ରଭାବ ସମୟାତୀତ। ଏହାର ଦୀର୍ଘକାଳୀନ ପ୍ରଭାବ କେତେ ବର୍ଷ ପର୍ଯ୍ୟନ୍ତ ଏବଂ କେଉଁ କେଉଁ କ୍ଷେତ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ ତାହାର ମଧ୍ୟ କୌଣସି ସୀମା ନାହିଁ। ମାନବ ସମାଜର ଏହି ଧ୍ୱଂସାତ୍ମକ ପ୍ରବୃତ୍ତି ଯୋଗୁଁ କେତେ ବାଣିଜ୍ୟିକ କ୍ଷତି ହେଉଛି, ଅର୍ଥନୀତି ଉପରେ କେତେ ବୋଝ ପଡ଼ୁଛି, ତାହାର କୌଣସି ନିର୍ଦ୍ଦିଷ୍ଟ ହିସାବ ଏ ପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ହୋଇନାହିଁ। କେବଳ ରାଷ୍ଟ୍ରମାନଙ୍କର ପ୍ରତିରକ୍ଷା ବଜେଟ୍, ସାମରିକ ବ୍ୟୟବରାଦ ଓ ଯୁଦ୍ଧାସ୍ତ୍ର କାରବାରରୁ ଏ ସମ୍ପର୍କରେ କିଛିଟା ଅନୁମାନ କରାଯାଇପାରେ।

ବିଶ୍ୱର ଏକମାତ୍ର ବିଧିବଦ୍ଧ ସଂସ୍ଥା ଭାବରେ ଏ କ୍ଷେତ୍ରରେ ଗବେଷଣା କରୁଥିବା ଷ୍ଟକହୋମ୍ ଇଣ୍ଟରନ୍ୟାଶନାଲ୍ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁସନ(ସିପ୍ରି)ର ତଥ୍ୟାନୁଯାୟୀ, ବିଶ୍ୱର କେବଳ ପାଞ୍ଚଟି ରାଷ୍ଟ୍ରଙ୍କ ପ୍ରତିରକ୍ଷା ବଜେଟ୍ ଦେଖିଲେ ଆଖି ଖୋସି ହୋଇଯିବ। ବିଶ୍ୱର ଏହି ପ୍ରମୁଖ ପାଞ୍ଚଟି ରାଷ୍ଟ୍ର ଆମେରିକା, ଚୀନ୍, ଭାରତ, ରୁଷ, ସାଉଦି ଆରବର ସାମଗ୍ରିକ ସାମରିକ ବ୍ୟୟ ବିଶ୍ୱର ଏ କ୍ଷେତ୍ରରେ ମୋଟ ବ୍ୟୟର ୬୩%। ସମର ସୌଦାଗର ଆମେରିକା ଆସନ୍ତା ବର୍ଷ ତା'ର ପ୍ରତିରକ୍ଷା ବଜେଟ୍‌ରେ ତିନି ପ୍ରତିଶତ ବୃଦ୍ଧି କରି ୮୮୬ ବିଲିୟନ ଡଲାରରେ ପହଞ୍ଚାଇବାକୁ ଯାଉଛି। ଚୀନ୍‌ର ପ୍ରତିରକ୍ଷା ବଜେଟ୍ ୨୯୨ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇବାକୁ ଯାଉଥିବା ବେଳେ ରୁଷ୍ ଗତ ବର୍ଷ ସମର କ୍ଷେତ୍ରରେ ୮୬ ବିଲିୟନ ଡଲାର ଖର୍ଚ୍ଚ କରିଛି ଏବଂ ଆଗାମୀ ଆର୍ଥିକ ବର୍ଷ ପାଇଁ ପ୍ରତିରକ୍ଷା ବଜେଟ୍‌କୁ ଜିଡିପିର ୬% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା କରିଛି, ଯାହା ଆଧୁନିକ ବିଶ୍ୱରେ ଯେ କୌଣସି ରାଷ୍ଟ୍ରର ପ୍ରତିରକ୍ଷା ବଜେଟ୍ ତୁଳନାରେ ସର୍ବାଧିକ। ଭାରତ ଭଳି ବିକାଶଶୀଳ ରାଷ୍ଟ୍ର ମଧ୍ୟ ଆଗାମୀ ଆର୍ଥିକ ବର୍ଷରେ ତା'ର ପ୍ରତିରକ୍ଷା ବଜେଟ୍‌କୁ ୧୩% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା କରିଥିବା 'ସିପ୍ରି' ଆକଳନ କରିଛି। ବିଡ଼ମ୍ବନା ଏହା ଯେ ଯେଉଁ ଦେଶରେ ଜନସଂଖ୍ୟାର ୭୦ ଭାଗ ବିପିଏଲ୍ ବର୍ଗ, ସେ ରାଷ୍ଟ୍ର ବିଶ୍ୱର ସର୍ବବୃହତ୍ ଯୁଦ୍ଧାସ୍ତ୍ର ଆମଦାନିକାରୀ। ପଡ଼ୋଶୀ ଚୀନ୍ ଓ ପାରମ୍ପରିକ ଶତ୍ରୁ ପାକିସ୍ତାନଠାରୁ ଯେକୌଣସି ସମୟରେ ବିପଦ ଆଶଙ୍କାରେ ରହୁଥିବା ଭାରତର ଏଭଳି ବିଶାଳ ପ୍ରତିରକ୍ଷା ବ୍ୟୟବରାଦ ଯୁକ୍ତିଯୁକ୍ତ ହୋଇପାରେ। କାରଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ କେବଳ ବିକାଶକୁ ନୀତି ଓ ଲକ୍ଷ୍ୟ କରିଥିବା ଜାପାନ୍ ମଧ୍ୟ ଚୀନ୍‌ଠାରୁ ବିପଦ ଆଶଙ୍କା କରି ତା'ର ପ୍ରତିରକ୍ଷା ବଜେଟ୍‌କୁ ୨୦୨୭ ସୁଦ୍ଧା ଜିଡିପିର ୨.୫ ପ୍ରତିଶତ ବୃଦ୍ଧି କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ସେହିପରି ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଫ୍ରାନ୍ସ ତା'ର ସାମରିକ ବଜେଟ୍ ୪୦ ପ୍ରତିଶତ ବୃଦ୍ଧି କରିବାକୁ ଯାଉଛି। ପୋଲାଣ୍ଡ ପରି କ୍ଷୁଦ୍ର ରାଷ୍ଟ୍ର ମଧ୍ୟ ତା'ର ପ୍ରତିରକ୍ଷା ବଜେଟ୍ ଦ୍ୱିଗୁଣା କରିବ ବୋଲି ଯୋଜନା କରିଛି। ସାଉଦି ଆରବ ୭.୫ ବିଲିୟନ ଡଲାର ପ୍ରତିରକ୍ଷା ବାବଦରେ ଖର୍ଚ୍ଚ କରୁଥିବା ବେଳେ ନାଟୋର ୩୧ଟି ସଦସ୍ୟ ରାଷ୍ଟ୍ରମଧ୍ୟରୁ ୭ଟି ରାଷ୍ଟ୍ର ସେମାନଙ୍କ ଜିଡିପିର ୨% ବା ୧୫୦ ବିଲିୟନ ଆମେରିକୀୟ ଡଲାର ପ୍ରତିରକ୍ଷା ବାବଦରେ ବ୍ୟୟ କରୁଛନ୍ତି।

ସାମଗ୍ରିକ ଭାବେ ୨୦୨୨ରେ ବିଶ୍ୱର ଏହି ଧନୀ ରାଷ୍ଟ୍ରମାନଙ୍କ ପ୍ରତିରକ୍ଷା ବ୍ୟୟବରାଦ ୨୨୪୦ ବିଲିୟନ ଡଲାର ଥିଲା, ଯାହା ପୂର୍ବବର୍ଷ, ଅର୍ଥାତ୍ ୨୦୨୧ଠାରୁ ୩.୭ ପ୍ରତିଶତ ଅଧିକ, ବିଶ୍ୱ ଜିଡିପିର ୨.୨% ଏବଂ ବିଶ୍ୱ ଜନସଂଖ୍ୟାର ମୁଣ୍ଡପିଛା ବୋଝ ହିସାବରେ ୨୮୨ ଆମେରିକୀୟ ଡଲାର। ତଥାପି ଏହା ଶୀତଳ ଯୁଦ୍ଧ ସମୟର ଜିଡିପି ଅନୁପାତଠାରୁ କମ୍ ହୋଇଥିବାରୁ ଯୁଦ୍ଧ ଅର୍ଥନୀତିଜ୍ଞମାନଙ୍କ ପାଇଁ ଆଶ୍ୱସ୍ତିକର ହୋଇଛି। ଏବେ କିନ୍ତୁ ପ୍ରାୟ ସମାନ କ୍ଷମତାଶାଳୀ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଲାଗିଲେ ତାହା ସମ୍ପୃକ୍ତ ଦେଶର ମୋଟ ଜିଡିପିର ୪୦ ରୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ ବୋଲି ଆକଳନ କରାଯାଇଛି।

'ସିପ୍ରି'ର ଗବେଷଣାଲବ୍ଧ ତଥ୍ୟାନୁଯାୟୀ, ୧୯୮୮ ରୁ ୨୦୨୨ ମଧ୍ୟରେ ବିଶ୍ୱର ମୋଟ ସାମରିକ ବ୍ୟୟବରାଦର ସର୍ବାଧିକ ୪୨ ପ୍ରତିଶତ ଆମେରିକାର ହୋଇଥିବା ବେଳେ ଏସିଆ ଓ ଦ୍ୱୀପଦେଶଗୁଡ଼ିକର୨୬ ପ୍ରତିଶତ, ୟୁରୋପୀୟ ସଂଘର ୨୨ ପ୍ରତିଶତ, ମଧ୍ୟପ୍ରାଚ୍ୟର ୮.୩ ପ୍ରତିଶତ ଓ ଆଫ୍ରିକୀୟ ଦେଶଗୁଡ଼ିକର ସର୍ବନିମ୍ନ ୧.୮ ପ୍ରତିଶତ। ୨୦୨୨ରେ ଆମେରିକା, ଚୀନ୍ ଓ ରୁଷିଆର ମିଳିତ ସାମରିକ ଖର୍ଚ୍ଚ ବିଶ୍ୱର ମୋଟ ସାମରିକ ଖର୍ଚ୍ଚର ୫୬ ପ୍ରତିଶତ। ସେହିପରି ସାମରିକ ବ୍ୟୟବରାଦରେ ବିଶ୍ୱର ପ୍ରମୁଖ ୧୫ଟି ଅଗ୍ରଣୀ ରାଷ୍ଟ୍ରର ମୋଟ ସାମରିକ ବ୍ୟୟବରାଦ ୧୮୪୨ ବିଲିୟନ ଡଲାର, ଯାହା ବିଶ୍ୱର ମୋଟ ସାମରିକ ଖର୍ଚ୍ଚର ୮୨ ପ୍ରତିଶତ।

୨୦୨୨ରେ ଆମେରିକାର ପ୍ରତିରକ୍ଷା ବଜେଟ୍ ଥିଲା ୮୭୭ ଆମେରିକୀୟ ଡଲାର। ଏହା ବିଶ୍ୱର ମୋଟ ସାମରିକ ଖର୍ଚ୍ଚର ୩୯% ଓ ଚୀନଠାରୁ ପ୍ରାୟ ତିନିଗୁଣା ଅଧିକ। ୨୦୨୨ରେ ଚୀନ୍ ୨୯୨ ଆମେରିକୀୟ ଡଲାର ଖର୍ଚ୍ଚ କରିଥିଲା, ଯାହା ୨୦୨୧ଠାରୁ ୪.୨% ଓ ୨୦୧୩ ତୁଳନାରେ ୬୩% ଅଧିକ। ବିସ୍ତାରବାଦୀ ଆଭିମୁଖ୍ୟ ପୋଷଣ କରିଆସୁଥିବା ଓ ଆମେରିକା ପଛକୁ ବିଶ୍ୱର ଦ୍ୱିତୀୟ ମହାଶକ୍ତି ଭାବେ ଉଭା ହୋଇଥିବା ଭାରତର ଏହି ପଡ଼ୋଶୀ ରାଷ୍ଟ୍ର ତା'ର ପ୍ରତିରକ୍ଷା ବଜେଟ୍‌କୁ ୧୯୯୩ରୁ ୨୦୦୨ ମଧ୍ୟରେ ୧୨୨%, ୨୦୦୩ରୁ ୨୦୧୨ ମଧ୍ୟରେ ୧୫୨ ପ୍ରତିଶତ ବୃଦ୍ଧି କରିଛି। ଅପରପକ୍ଷରେ ବିଶ୍ୱର ଅନ୍ୟତମ ମହାଶକ୍ତି ରୁଷିଆ ୨୦୨୨ରେ ତା'ର ସାମରିକ କାର୍ଯ୍ୟକଳାପରେ ୮୬.୪ ବିଲିୟନ ଡଲାର ବ୍ୟୟ କରିଥିଲା, ଯାହା ପୂର୍ବବର୍ଷ ତୁଳନାରେ ୯.୨% ଅଧିକ ଥିଲା। ପୁଣି ସେହିବର୍ଷ ବଜେଟ୍ ବ୍ୟୟବରାଦଠାରୁ ଏହା ଥିଲା ୩୪% ଅଧିକ। ଯୁଦ୍ଧବିଧ୍ୱସ୍ତ ୟୁକ୍ରେନ୍‌ର ପ୍ରତିରକ୍ଷା ବ୍ୟୟବରାଦ ୨୦୨୧ ତୁଳନାରେ ୨୦୨୨ରେ ୬୪୦ ପ୍ରତିଶତ ବୃଦ୍ଧି ପାଇ ୪୪ ବିଲିୟନ ଡଲାରରେ ପହଞ୍ଚିଥିଲା, ଯାହା ସେ ଦେଶର ଜିଡିପର ୩୪% ଓ ୨୦୨୨ ବଜେଟ୍ ବ୍ୟୟବରାଦଠାରୁ ୪୦% ଅଧିକ। ଆଚମ୍ବିତ କଲାଭଳି ତଥ୍ୟ ହେଉଛି ୨୦୧୩ରୁ ୨୦୨୨ ମଧ୍ୟରେ ୟୁକ୍ରେନ୍‌ର ସାମରିକ ଖର୍ଚ୍ଚ ୧୬୬୧ ପ୍ରତିଶତ ବୃଦ୍ଧି ପାଇଛି।

ଭାରତ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନି। ମୋଟ ସାମରିକ ବ୍ୟୟବରାଦ କ୍ଷେତ୍ରରେ ଭାରତ ବିଶ୍ୱର ତୃତୀୟ ସ୍ଥାନରେ ରହିଛି। 'ସିପ୍ରି'ର ଆକଳନ ଅନୁଯାୟୀ, ୨୦୨୨ରେ ଭାରତ ପ୍ରତିରକ୍ଷା ବାବଦରେ ମୋଟ ୭୬.୬ ବିଲିୟନ ଡଲାର ଖର୍ଚ୍ଚ କରିଥିଲା। ଏହି ଖର୍ଚ୍ଚ ୨୦୨୦ ତୁଳନାରେ ୦.୯ ପ୍ରତିଶତ ଓ ୨୦୧୨ ଠାରୁ ୩୩ ପ୍ରତିଶତ ଅଧିକ। ୨୦୨୧ରେ ଭାରତ ପ୍ରତିରକ୍ଷା ବଜେଟ୍‌ର ୬୪% କେବଳ ଘରୋଇ ଯୁଦ୍ଧାସ୍ତ୍ର ନିର୍ମାଣ ଓ କିଣିବାରେ ଖର୍ଚ୍ଚ କରିଥିଲା।

ପ୍ରତିରକ୍ଷା ବାବଦରେ ବା ସାମରିକ କ୍ରିୟାକଳାପରେ ବଜେଟ୍‌ର ସିଂହଭାଗ ବ୍ୟୟ ହେଲେ ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ବଜେଟ୍ ବ୍ୟୟ ବରାଦ କାଟ୍ଛାଣ୍ଟ ହେବା ସ୍ୱାଭାବିକ। ସାମରିକ ଅର୍ଥନୀତିଜ୍ଞଙ୍କ କହିବା ଅନୁଯାୟୀ, ଆକସ୍ମିକ ଓ ସ୍ୱଳ୍ପମିଆଦୀ ଯୁଦ୍ଧ ଖର୍ଚ୍ଚ ଭରଣା କରିବା ପାଇଁ ମୁଖ୍ୟତଃ ଅତିରିକ୍ତ ଋଣ ଉପରେ ନିର୍ଭର କରାଯାଉଥିବା ବେଳେ ଦୀର୍ଘମିଆଦୀ ଯୁଦ୍ଧ ପାଇଁ ଲୋକଙ୍କଠାରୁ ଅତିରିକ୍ତ ଟିକସ ଆକାରରେ ସମ୍ବଳ ସଂଗ୍ରହ କରାଯାଏ। ଏହି ଧାରା ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବବର୍ତ୍ତୀ ସମୟରୁ ବର୍ଲିନ ପ୍ରାଚୀର ଭାଙ୍ଗିବା ପର୍ଯ୍ୟନ୍ତ ପ୍ରଚଳିତ ହୋଇଆସୁଥିଲା। ଶୀତଳଯୁଦ୍ଧ ସମୟରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଏ ବାବଦ ରାଜସ୍ୱ ସଂଗ୍ରହ ସେମାନଙ୍କ ଜିପିଡିର ୩୨% ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। କୌତୁହଳର କଥା ହେଉଛି ଯୁଦ୍ଧ ଖର୍ଚ୍ଚ ଭରଣା ପାଇଁ ସଂଗ୍ରହ କରାଯାଉଥିବା ଟିକସ ଯୁଦ୍ଧ ସମ୍ବଳ କିମ୍ବା ଯୁଦ୍ଧ ଜନିତ କ୍ଷୟକ୍ଷତି ଭରଣା ପାଇଁ ନୁହେଁ, ବରଂ ଶାନ୍ତି ରକ୍ଷା ନାଁରେ ସଂଗ୍ରହ କରାଯାଏ। ଆଉ କେତେକ ଅର୍ଥନୀତିଜ୍ଞଙ୍କ ମତାନୁଯାୟୀ, ଯୁଦ୍ଧର ସିଧାସଳଖ ପ୍ରଭାବ ପାଇକାରୀ ଓ ଖୁଚୁରା ମୁଦ୍ରାସ୍ଫୀତି ଉପରେ ପଡ଼େ। ତେଣୁ ଯୁଦ୍ଧ ସମୟର ମୁଦ୍ରାସ୍ଫୀତିକୁ ପରୋକ୍ଷ ଯୁଦ୍ଧ ଟିକସ ଭାବେ ସେମାନେ ଅଭିହିତ କରନ୍ତି।

ଏବେ ମାନବ ସଭ୍ୟତା ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ସଙ୍କଟ, ଭୂକମ୍ପ, ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ ଭଳି ଅନେକ ସଙ୍କଟ ଦେଇ ଗତି କରୁଛି। ଅପରପକ୍ଷରେ ଯୁଦ୍ଧ କେବଳ ବିସ୍ତାରବାଦୀ ଆଭିମୁଖ୍ୟର ପରିଚାୟକ ହୋଇରହିଯାଇଛି। ରାଷ୍ଟ୍ରମାନେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ସାମାଜିକ ସଶକ୍ତୀକରଣ ତୁଳନାରେ ଯୁଦ୍ଧ ପ୍ରସ୍ତୁତି ଓ ପ୍ରତିରକ୍ଷା ପାଇଁ କାହିଁ କେତେ ଶତଗୁଣ ଅଧିକ ବ୍ୟୟ କରୁଛନ୍ତି। ଅବଶ୍ୟ ରାଷ୍ଟ୍ରର ନୀତିନିର୍ଦ୍ଧାରକମାନେ ଯୁକ୍ତି କରିପାରନ୍ତି ଯେ ଲୋକମାନଙ୍କୁ ସୁରକ୍ଷା ଦେବା ରାଷ୍ଟ୍ରର କର୍ତ୍ତବ୍ୟ। ଏହା ସତ, ମାତ୍ର ଦେଶବାସୀଙ୍କୁ ବାହ୍ୟଶତ୍ରୁ କବଳରୁ ସୁରକ୍ଷା ଯେତିକି ଦାୟିତ୍ୱପୂର୍ଣ୍ଣ ଶାନ୍ତି, ସହାବସ୍ଥାନ, ଖାଦ୍ୟ ନିରାପତ୍ତା, ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ସୁଖୀ ଜୀବନ ବଞ୍ଚିବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ମଧ୍ୟ ଏକ ଜନମଙ୍ଗଳ ରାଷ୍ଟ୍ରର ତତୋଧିକ ଆହ୍ୱାନପୂର୍ଣ୍ଣ। ଏବେ ସମୟ ଆସିଛି ଆମେ ବଞ୍ଚୁଥିବା ପୃଥିବୀକୁ ଧ୍ୱଂସ ମୁଖରୁ ସୁରକ୍ଷା ଦେବା ପାଇଁ ବିସ୍ତାରବାଦୀ ଆଭିମୁଖ୍ୟ ଓ ଆତଙ୍କବାଦକୁ ସମ୍ପୂର୍ଣ୍ଣ ପରିହାର କରିବାକୁ ପଡ଼ିବ। ବିଶେଷକରି ବିଶ୍ୱର ପ୍ରମୁଖ ବିକଶିତ ଧନୀ ଦେଶମାନେ ସେମାନଙ୍କ ସାମରିକ ବିଳାସ ତ୍ୟାଗ କରି ଜନମଙ୍ଗଳକୁ ଅପରିହାର୍ଯ୍ୟ ଆବଶ୍ୟକତା ଭାବରେ ଗ୍ରହଣ କରିବାକୁ ହେବ। ନିକଟ ଭବିଷ୍ୟତରେ କିନ୍ତୁ ସେମାନଙ୍କର ଏହି ମାନସିକତା ପରିବର୍ତ୍ତନ ସମ୍ଭାବନା ଓ ଆଶା କ୍ଷୀଣ। ଜଳବାୟୁ ସଙ୍କଟ ସମାଧାନରେ ବିକଶିତ ରାଷ୍ଟ୍ରଙ୍କ ସ୍ୱାର୍ଥପର ମାନସିକତାରୁ ଆପାତତଃ ଏହି ଧାରଣା ସୃଷ୍ଟି ହେଉଛି।

# ଗଣତନ୍ତ୍ରରେ 'ବିପ୍ଳବ'ର ପରିଭାଷା



**ମନୋଜ କୁମାର ସାହୁ**
ଯାଜପୁର, ମୋ: ୮୯୦୮୧୧୧୮୪୪

ବିପ୍ଳବର କଥା ଆସିଲେ ପ୍ରତି ଭାରତୀୟଙ୍କ ସ୍ମରଣକୁ ଆସିଯାଆନ୍ତି ସହିଦ ଭଗତ ସିଂହ, ଯାହାଙ୍କର ସ୍ଲୋଗାନ - 'ବିପ୍ଳବ ଦୀର୍ଘଜୀବୀ ହେଉ, ସାମ୍ରାଜ୍ୟବାଦର ପତନ ହେଉ' ଶୁଣିଲା ମାତ୍ରେ ସ୍ନାୟୁତନ୍ତ୍ରୀରେ ଖେଳିଯାଏ ଦେଶପ୍ରେମର ଏକ ଅଦ୍ଭୁତ ଉଦବେଳନ। ବଳିଦାନର ନବେ ବର୍ଷ ପରେ ମଧ୍ୟ ତାଙ୍କ ବିଚାରଧାରାର ମୌଳିକତା ଅମଳିନ ରହିଛି। କିନ୍ତୁ ସେହି ବିଚାରଧାରାର ଗୁରୁତ୍ୱ ଉପଲବ୍ଧି କରିବା କିମ୍ବା ତାହାର ବାସ୍ତବ ବିଶ୍ଳେଷଣ କରିବା ପାଇଁ ଆଜିର ଯୁବପିଢ଼ିର ଆନ୍ତରିକ ଇଚ୍ଛା ନଥିବା ପରି ମନେ ହୁଏ। ଏ ଧାରଣାକୁ ଆହୁରି ସ୍ପଷ୍ଟ କରିଦେଉଛି ନିକଟରେ 'ଭଗତ ସିଂହ ଫ୍ୟାନ୍ ପେଜ୍'ରେ ଯୋଡ଼ି ହୋଇଥିବା ଦୁଇ ଯୁବକଙ୍କ ଭାରତୀୟ ସଂସଦ ମଧ୍ୟକୁ ଅନୁପ୍ରବେଶ ଏବଂ ଘଟାଇଥିବା ଉନ୍ମତ୍ତ କାଣ୍ଡ। ଅଭିଯୁକ୍ତ ଦୁହେଁ ଲୋକସଭାର ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠ ଦେଇ ପ୍ରବେଶ କରଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସ୍ମୋକ୍ କାନିଷ୍ଟରରୁ ହଳଦିଆ ରଙ୍ଗର ଧୂଆଁ ଛାଡ଼ୁଥିବା ବେଳେ ଅନ୍ୟଜଣେ ସ୍ଲୋଗାନ ଦେଇଥିଲା 'ତାନାସାହି ନହିଁ ଚଲେଗା' (ଏକଛତ୍ରବାଦ ଚାଲିବ ନାହିଁ)।

ଘଟଣାଟି ଯେଉଁ ଢଙ୍ଗରେ ଘଟିଛି, ତାହା ବହୁ ପ୍ରକାର ଆଶଙ୍କାକୁ ଜନ୍ମଦେବା ସ୍ୱାଭାବିକ। ପ୍ରାୟ ବାଇଶ ବର୍ଷ ତଳେ ଆମ ସଂସଦରେ ଯେଉଁଭଳି ଆତଙ୍କବାଦୀ ଦୁର୍ଘଟଣା ଘଟିଥିଲା ତାହାର ପ୍ରାୟତଃ ପୁନରାବୃତ୍ତି ଆଜି ଘଟିଛି, ଯଦିଓ ଭୟାବହତା ଅନେକ କମ୍। ଚାରି ପାଞ୍ଚ ଥାକ ସୁରକ୍ଷା କବଚ ଅତିକ୍ରମ କରି ଦୁଇଜଣ ଯୁବକ ଆତଙ୍କ ସୃଷ୍ଟି ଉଦ୍ଦେଶ୍ୟ ନେଇ ସଂସଦ ଭିତରକୁ କେମିତି ଯୋଜନାବଦ୍ଧ ଭାବେ ଯାଇପାରିଲେ, ତାହା ହେଉଛି ସବୁଠାରୁ ଅଧିକ ଚିନ୍ତାଜନକ କଥା। ଭାରତର ପବିତ୍ର ମନ୍ଦିର ସଂସଦ ଭିତରେ ଯେଉଁ ଅଭାବନୀୟ ଘଟଣା ଘଟିଲା, ସେଥିରେ ଆମ ଦେଶର ସୁରକ୍ଷା ବ୍ୟବସ୍ଥା ସହିତ ଗୁଇନ୍ଦା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି ହେବା ସ୍ୱାଭାବିକ। ଶତ୍ରୁ ବିରୁଦ୍ଧରେ ଯୁଦ୍ଧ ପାଇଁ ଆମେ ସଦାପ୍ରସ୍ତୁତ ବୋଲି ଆମେ ସଦର୍ପେ କହୁଥିବା ବେଳେ ତାହାର ବାସ୍ତବତା ଆଜି ସାରା ବିଶ୍ୱ ଦେଖିଲା।

ବର୍ତ୍ତମାନ ସୁଦ୍ଧା ହୋଇଥିବା ତଦନ୍ତରୁ ଜଣାଯାଉଛି ଯେ ଅଭିଯୁକ୍ତମାନେ ବେରୋଜଗାରୀ, କୃଷକଙ୍କ ସମସ୍ୟା ଓ ମଣିପୁର ହିଂସା ନେଇ ଚିନ୍ତିତ ଥିବା ସହ ଏପରି ଏକ କାଣ୍ଡ ଭିଆଇ ବିପ୍ଳବୀ ଭଗତ ସିଂହଙ୍କ ପରି ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିବେ ବୋଲି ଆଶା କରଥିଲେ। ସମ୍ଭବତଃ ଶାସନ ବ୍ୟବସ୍ଥା ପ୍ରତି ଥିବା ଅସନ୍ତୋଷ ତାଙ୍କୁ ଏପରି କରିବାକୁ ପ୍ରବର୍ତ୍ତାଇଥିବ। ହେଲେ ପ୍ରତିବାଦର ମାର୍ଗ କ'ଣ ଏମିତି? ଜେଲରେ ଥିବା ବେଳେ ଭଗତ ସିଂହ ଓ ତାଙ୍କର ବନ୍ଧୁମାନଙ୍କ ମିଳିତ ଉଦ୍ୟମରେ ପ୍ରସ୍ତୁତ କରାଯାଇଥିବା 'ବିପ୍ଳବୀ କର୍ମସୂଚୀର



ଖସଡ଼ା'ର ଅବତାରଣା ଏଠାରେ କରାଯାଇପାରେ। ଯେଉଁଥିରେ ସ୍ୱୟଂ ଭଗତ ସିଂହ ଜଣେ ବାସ୍ତବବାଦୀ ଭାବରେ ଦୃଢ଼ ଯୁକ୍ତି ସହାୟତାରେ ବୁଝାଇଛନ୍ତି 'କ୍ରାନ୍ତି'ର ଅର୍ଥ। ଏହାର ଉଦ୍ଦେଶ୍ୟ ହେଉଛି ଅନ୍ୟାୟ, ଶୋଷଣ ଦ୍ୱାରା ତିଆରି ହୋଇଥିବା ଏହି ସମାଜ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ। 'କ୍ରାନ୍ତି' ପାଇଁ ରକ୍ତାକ୍ତ ଲଢ଼େଇ ଅନିବାର୍ଯ୍ୟ ନୁହେଁ କି ଏଥିରେ ବ୍ୟକ୍ତିଗତ ପ୍ରତିହିଂସାର କୌଣସି ସ୍ଥାନ ନାହିଁ। ସେମିତି 'ଇନକିଲାବ୍'ର ଅର୍ଥ ପୁଞ୍ଜିବାଦୀମାନଙ୍କ ଦ୍ୱାରା ଉପୁଜୁଥିବା ସମସ୍ୟାଗୁଡ଼ିକର ଅନ୍ତ ଘଟାଇବା। ସର୍ବୋପରି ତାଙ୍କ ଦୃଷ୍ଟିକୋଣରେ 'ବିପ୍ଳବ' ହେଉଛି ଜନଗଣଙ୍କର ସ୍ୱାର୍ଥରେ ଜନଗଣଙ୍କୁ ସାଥିରେ ନେଇ ଶକ୍ତି ଅର୍ଜନ କରିବା।

ବାସ୍ତବରେ ଏହା ହିଁ 'ବିପ୍ଳବ'। ଆଉ ସବୁ 'ବିଦ୍ରୋହ'। ଅଧୁନା ସଂଗଠିତ ସଂଖ୍ୟାଧିକ ଆନ୍ଦୋଳନ, ବିକ୍ଷୋଭ, ଗଣଧାରଣା 'ବିଦ୍ରୋହ'(ସଶସ୍ତ୍ର ନୁହେଁ) ପର୍ଯ୍ୟାୟଭୁକ୍ତ ହୋଇପାରେ। ସଂସଦରେ ଧୂଆଁମାଡ଼ କରିବା ଘଟଣାରେ ଯେଉଁମାନେ ଜଡ଼ିତ ସେମାନେ ପ୍ରକୃତ 'କ୍ରାନ୍ତି' କ'ଣ ଜାଣନ୍ତି କି? ନା କେବଳ 'ଭଗତ ସିଂହ ଫ୍ୟାନ୍ କ୍ଲବ' ଖୋଲି ଜଣେ ମହାନ ବିପ୍ଳବୀଙ୍କ ବିଚାରବୋଧକୁ ମ୍ଳାନ କରିବାର ହତଚେଷ୍ଟା କରିଛନ୍ତି? ଭଗତ ସିଂହଙ୍କର ଦୃଢ଼ୋକ୍ତି ଥିଲା - 'ବିପ୍ଳବର ତରବାରୀ ଚିନ୍ତନର ଶାଣ ପଥରରେ ପଜ୍ଜା ହେବା ଦରକାର।' ସେଥିଲାଗି ତ ସେ ଅଧ୍ୟୟନକୁ ବାଛି ନେଇଥିଲେ ନିଜ ସ୍ୱୀକୃତ ମତ ସପକ୍ଷରେ ସଜ୍ଜିତ ହେବାର ମାଧ୍ୟମ ରୂପରେ। 'ସାମ୍ୟବାଦର ଦର୍ଶନ', 'ଭାରତରେ ସ୍ୱଦେଶୀ ଆନ୍ଦୋଳନର ଇତିହାସ', 'ମୃତ୍ୟୁର ଦ୍ୱାର ଦେଶରେ' ଇତ୍ୟାଦି ଶହେରୁ ଊର୍ଦ୍ଧ୍ୱ ପ୍ରାବନ୍ଧିକ, କବି, ଦାର୍ଶନିକଙ୍କର ପୁସ୍ତକଗୁଡ଼ିକୁ ମନନଶୀଳ ଦୃଷ୍ଟିଭଙ୍ଗୀ ନେଇ ଆତ୍ମସ୍ଥ କରଥିଲେ। ବନ୍ଦୀ ଜୀବନ ଥିଲା ତାଙ୍କ ପାଇଁ ରାଜନୈତିକ ବିଚାରବିମର୍ଶର ପ୍ରକୃଷ୍ଟ କ୍ଷେତ୍ର। ନ୍ୟାୟାଳୟରେ ଫାଶୀଦଣ୍ଡ ଘୋଷଣା ହେଲା ପରେ ବି ହ୍ରାସ ପାଇ ନ ଥିଲା ବିପ୍ଳବକୁ ନେଇ ତାଙ୍କର ଅଧ୍ୟୟନ, ଅନୁଶୀଳନ, ତର୍କ ଓ ତର୍ଜମା। ସଭ୍ୟତା, ଆଦିମ ଜୀବନ, ଗୋଷ୍ଠୀ ଜୀବନ, ଗୋଷ୍ଠୀ ଦାସତ୍ୱ, ପରିବାର, ବିବାହ, ରାଜ୍ୟର ଉଦ୍ଭବ, ଜନତା ସରକାରର ସଂଜ୍ଞା, ଧର୍ମ ସ୍ୱାଧୀନତା, ଶ୍ରମିକ ଆଇନ, ପୁଞ୍ଜିବାଦ, କ୍ଷୁଧା ନୈତିକତା, ବନ୍ଦୀର ଅସହାୟତା, ଗଣତନ୍ତ୍ର ଆଦି ବିଷୟ ଉପରେ ବ୍ୟାପକ ଚିନ୍ତନ କରିବା ସହ ସାଥୀମାନଙ୍କୁ ସେ ସେ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଉଥିଲେ। ନିଜର ଏହି ଅଧ୍ୟୟନ ସମ୍ପର୍କରେ ଭଗତ ସିଂହ କହିଛନ୍ତି- 'ଜଣେ ବିପ୍ଳବୀ ଶେଷ ପର୍ଯ୍ୟନ୍ତ ବିପ୍ଳବର ଇତିହାସ ସମ୍ପର୍କରେ ଅଧ୍ୟୟନ କରିବା ଆବଶ୍ୟକ। ତା' ନହେଲେ ଦୁର୍ବଳ ହୋଇଯିବ ବିପ୍ଳବର ବୌଦ୍ଧିକ ପକ୍ଷ।'

ମାତ୍ର ଆଜିର ଯୁବକଙ୍କଠାରେ ଏଭଳି ଅନୁଶୀଳନ ଓ ଆତ୍ମସମୀକ୍ଷା କାହିଁ? ଆଜିକାଲି ଟିକେ ଟିକେ କଥାରେ ରାସ୍ତା ଅବରୋଧ, ପୋଡ଼ାଜଳା, ଭଙ୍ଗାରୁଜା ଆଦି ଅମାନବୀୟ କାର୍ଯ୍ୟ ହେଉଛି। ଆନ୍ଦୋଳନ ନାଁରେ ଗାଡ଼ି ବନ୍ଦ, ରାସ୍ତାଘାଟ ବନ୍ଦ କରି ସର୍ବସାଧାରଣଙ୍କ ସମ୍ପତ୍ତି ନଷ୍ଟ କରାଯାଉଛି। ମନେରଖିବାକୁ ହେବ ଦେଶର ପୋଥି ପୁରାଣ କେବଳ ସେହିମାନଙ୍କ ନାଁ କୁ ମନେରଖିଛି, ଯିଏ ଦେଶର ହିତରେ ଜୀବନ ଦେଇଛି, ଆନ୍ଦୋଳନ କରିଛି, ଜେଲ ଯାଇଛି, ନିର୍ଯାତନା ସହିଛି। ବର୍ତ୍ତମାନ ସାରା ଦେଶରେ ହଟଚମଟ ସୃଷ୍ଟି କରଥିବା ଏହି ଯେଉଁ ତଥାକଥିତ ଶିକ୍ଷିତ ଯୁବକମାନେ ଏହି ଧରଣର ଆନ୍ଦୋଳନର ପନ୍ଥା ହାତକୁ ନେଲେ, ତାହା ଅନୁଶୀଳନବିହୀନ ନୁହେଁ ତ ଆଉ କ'ଣ? ମିଛ ହେଉ କି ସତ ହେଉ ଯେଉଁ ନାରା ସେମାନେ ଦେଉଥିଲେ - 'ଆମକୁ ଚାକିରି ନାହିଁ', 'ଆମେ ବେରୋଜଗାର', 'ତାମସା ରାଜନୀତି ବନ୍ଦ କର' - ଏହା କେବେ ସମାଧାନର ଶେଷ ପନ୍ଥା ହୋଇନପାରେ। 'ବିପ୍ଳବ'ର ପ୍ରକୃତ ଅର୍ଥ ମର୍ମେମର୍ମେ ବୁଝିବାକୁ ହେଲେ ଆଜି ବି ସହିଦ ଭଗତ ସିଂହଙ୍କ ଜୀବନୀ ଅଧ୍ୟୟନ କରିବାର ପ୍ରାସଙ୍ଗିକତା ରହିଛି, ଯାହା ନବ ଭାରତର ଅଗଣିତ ତଥାକଥିତ ଶିକ୍ଷିତ ଯୁବଗୋଷ୍ଠୀଙ୍କ ଅଗୋଚର।

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମାଓବାଦୀ ଗୁଳିରେ ସିଆର୍‌ପିଏଫ୍ ଏସ୍.ଆଇ ସହିଦ

**ମାଲକାନଗିରି, ୧୭।୧୨ (ସମିସ):** ଛତିଶଗଡ଼ ରାଜ୍ୟର ସୁକୁମା ଜିଲ୍ଲାରେ ମାଓବାଦୀ ଓ ସିଆରପିଏଫ ଯବାନ ମଧ୍ୟରେ ଗୁଳି ବିନିମୟରେ ଜଣେ ସିଆର୍‌ପିଏଫ ଏସଆଇ ମୃତ୍ୟୁବରଣ କରିଥିବା ବେଳେ ଜଣେ ଯବାନ ଗୁରୁତର ହୋଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ସିଆରପିଏଫ୍ ଯବାନମାନେ ସର୍ଚ୍ଚ ଅପରେସନରେ ବାହାରିଥିଲେ। ଜଗରଗୁଣ୍ଡା ଥାନା ଅନ୍ତର୍ଗତ ଉର୍ସାଙ୍ଗଲ ଅଞ୍ଚଳରେ ସର୍ଚ୍ଚ ଅପରେସନ ବେଳେ ଯବାନମାନେ ଆସୁଥିବାର ଦେଖି ମାଓବାଦୀମାନେ ଗୁଳି ଚାଳନା ଆରମ୍ଭ କରିଥିଲେ। ଏହାର ଜବାବରେ ଯବାନମାନେ ମଧ୍ୟ ପାଲଟା ଗୁଳିଚାଳନା କରିଥିଲେ। ତେବେ ଏହି ସମୟରେ ମାଓବାଦୀର ଗୁଳିରେ ଏସ୍‌ଆଇ ସୁଧାରକ ରେଡ୍ଡୀ ସହିଦ ହୋଇଥିଲେ। କନେଷ୍ଟବଲ ରାମୁ ଗୁରୁତର ହୋଇଥିବା ବେଳେ ତାଙ୍କୁ ରାୟପୁର ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହି ଅଞ୍ଚଳରେ ପୁଲିସ ଓ ସିଆର୍‌ପିଏଫ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି । ଏହି ଘଟଣାରେ ପୁଲିସ ୪ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଉଠାଇ ଆଣି ଥାନାରେ ପଚରାଉଚୁରା କରୁଥିବା ଜଣାପଡ଼ିଛି।

# କେନ୍ଦ୍ରାପଡ଼ା ବିଜେଡିରେ ୯ ନେତାଙ୍କ ଉପରୁ ହଟିଲା ନିଲମ୍ବନ

**ଭୁବନେଶ୍ୱର,୧୭ ।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡିର ୯ ଜଣ ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସ୍ୱାକ୍ଷରରେ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ୱାର୍ଡ ନଂ-୨ର କାଳି ପ୍ରସାଦ ମିଶ୍ର, ୱାର୍ଡ ନଂ-୪ର ଦେବେନ୍ଦ୍ର ରାଉତ ଏବଂ ସୁଶ୍ରୀ ନିବେଦିତା ସ୍ୱାଇଁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ସେହିପରି ୱାର୍ଡ ନଂ-୬ ଅନ୍ତର୍ଗତ ଗୌତମ ସ୍ୱାଇଁ, ୱାର୍ଡ ନଂ-୧୦ରେ ପ୍ରଶାନ୍ତ ସିଂ ଓ ରଶ୍ମିତା ସିଂ, ୱାର୍ଡ ନଂ-୧୩ ଅନ୍ତର୍ଗତ ଏସ୍କେ ଅସଲମ, ୱାର୍ଡ ନଂ-୧୯ରେ ଶଶିକାନ୍ତ ବଳ ଏବଂ କେନ୍ଦ୍ରାପଡ଼ା ବ୍ଲକ୍ର ରାଜେଶ ପଣ୍ଡାଙ୍କ ଉପରୁ ଲାଗୁ ହୋଇଥିବା ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ତୁରନ୍ତ ଏହି ଆଦେଶ କାର୍ଯ୍ୟକାରୀ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଏକାମ୍ର ଶିଶୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

# ଶିଶୁ ସାହିତ୍ୟିକମାନେ ସମାଜର ଅଗ୍ରଦୂତ

**ଭୁବନେଶ୍ୱର,୧୭।୧୨(ସମିସ):** ଶିଶୁ ସାହିତ୍ୟିକମାନେ ସମାଜର ଅଗ୍ରଦୂତ। ଶିଶୁସାହିତ୍ୟ ସମୃଦ୍ଧ ହେଲେ ଭାଷା ସୁରକ୍ଷା ହୋଇପାରିବ ବୋଲି ଏକାମ୍ର ଶିଶୁ ସାହିତ୍ୟ ସଂସଦର ଅଷ୍ଟାଦଶ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଯୋଗଦେଇ ସମାଜର ସମ୍ପାଦକ ପ୍ରମୋଦଚନ୍ଦ୍ର ମହାପାତ୍ର କହିଛନ୍ତି। ଭୁବନେଶ୍ୱର ୟୁନିଟ-୯ ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ସଭାପତି ଡଃ ଶରତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ଉତ୍ସବକୁ ପ୍ରଫେସର ବୈଷ୍ଣବ ଚରଣ ସାମଲ ଆନୁଷ୍ଠାନିକ ଉଦ୍ଘାଟନ କରିଥିଲେ। ଶିଶୁ ସାହିତ୍ୟିକମାନଙ୍କୁ ପରାମର୍ଶ ଦେଇ ଶ୍ରୀ ସାମଲ କହିଲେ, ପିଲାଙ୍କ ମୁହଁରେ ହସ ଫୁଟାଇବା ଭଳି ସରଳ ଓ ସାବଳୀଳ ଭାଷାରେ ଶିଶୁ ସାହିତ୍ୟ ଲେଖାହେବା ଆବଶ୍ୟକ। ବରେଣ୍ୟ ଅତିଥିଭାବେ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇଥିଲେ।

ଏହି ଉତ୍ସବରେ ସାହିତ୍ୟିକ ତଥା ଗବେଷକ ଡଃ. ମନୀନ୍ଦ୍ର ମହାନ୍ତିଙ୍କୁ ଏକାମ୍ର ଶିଶୁ ସାହିତ୍ୟ



ସମ୍ମାନ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଡଃ. ଅନ୍ତର୍ଯ୍ୟାମୀ ପ୍ରଧାନଙ୍କୁ ଫୁଲ-ନରହରି ସ୍ମୃତି ସମ୍ମାନ, ସୁଶ୍ରୀ ସବିତା ଭୋଇଙ୍କୁ ସାଧୁ ଦୟାନିଧି ଦାସ ସ୍ମୃତି ସମ୍ମାନ, ଗୀତାଞ୍ଜଳି ସ୍ୱାଇଁଙ୍କୁ ଶଶି-ଶ୍ରୀଭୁଜ ସ୍ମୃତି ସମ୍ମାନ, ଶ୍ରୀମତୀ ତନୟା ଦାସ ଗୋସ୍ୱାମୀଙ୍କୁ ଅନାମ-ଭୂତି ସ୍ମୃତି ସମ୍ମାନ ଓ ଏକାଦଶୀ ଜେନାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଡଃ ଅରବିନ୍ଦ ପଟ୍ଟନାୟକ ଓ ଡଃ କୃତ୍ତିବାସ ନାୟକଙ୍କୁ ମନ-ବିପ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂସଦର ମୁଖପତ୍ର 'ଏକାମ୍ର କୁସୁମ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପ୍ରାରମ୍ଭରେ ସଂସଦର କାର୍ଯ୍ୟକାରୀ ସଭାପତି ଡଃ ବିଷ୍ଣୁଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକା ଶ୍ରୀମତୀ ହରପ୍ରିୟା ପଟ୍ଟନାୟକ ବିବରଣୀ ପାଠ କରିଥିଲେ।

ପୂର୍ବରୁ ରାମଚନ୍ଦ୍ର ଦେଓଙ୍କ ଅଧ୍ୟକ୍ଷତାରେ, ବିଜୟଲକ୍ଷ୍ମୀ ମହାନ୍ତି, ପ୍ରଦ୍ୟୁମ୍ନ ସିଂ ଚିହ୍ନା ଓ ନିବେଦିତା ଦାସଙ୍କ ସଂଯୋଜନାରେ ଶିଶୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। କବି ଅରୁଣକୁମାର ପଣ୍ଡାଙ୍କ ପୁସ୍ତକ 'ଓଡ଼ିଆ ଓ ହିନ୍ଦୀ ଶିଶୁ କବିତା ଏକ ତୁଳନାତ୍ମକ ଅଧ୍ୟୟନ' ଓ ରାମଚନ୍ଦ୍ର ଦେଓଙ୍କ ପୁସ୍ତକ 'ବଡ଼ ମଣିଷଙ୍କ ଅଜଣା କଥା'କୁ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ଲୋକାର୍ପଣ କରିଥିଲେ। ସହଦେବ ପଣ୍ଡା ଓ ଶରତ ପାଇକରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସଂସଦର ଉପସଭାପତି ଅର୍ଜୁନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବଶିଷ୍ଟାଂଶ...

## ଅଟୋକୁ ଚାପିଦେଲା...

ଖବର ପାଇ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଜ ଉଦ୍ୟମରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଜେସିବି ଦ୍ୱାରା ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ହଟାଯିବା ପରେ ଅଟୋରେ ଥିବା ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅନ୍ୟ ୩ ଜଣଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ପଠାଯାଇଥିଲା। ମାତ୍ର ସେଠାରେ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକମାନେ ହେଲେ ଇଶ୍ରତ ଖାତୁନ, ମୁସ୍କାନ ଖାତୁନ, ଏମ୍ମି ସାହାଜାଦ, ଇନାୟତ ଖାନ୍ ଓ ମୁନସେନ ଖାତୁନ। ମୃତକଙ୍କ ମଧ୍ୟରେ ୩ ମହିଳା ସମେତ ଜଣେ ୧୦ ବର୍ଷୀୟା ନାବାଳିକା ଅଛନ୍ତି। ଅଟୋ ଚାଳକଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର କରାଯାଇଛି।

ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଲେକେ ରାସ୍ତା ଅବରୋଧ କରିଥିଲେ। ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ସଦର ଏସଡିପିଓ ହିମାଂଶୁ ଭୂଷଣ ବେହେରା, ସଦର ଥାନା ଭାରପ୍ରାପ୍ତ ଅଧିକାରୀ ଆଦିତ୍ୟ ମହାକୁର ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ଉପଜିଲ୍ଲାପାଳ ସରାବୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଡିରୁ ୩ ଲକ୍ଷ ଏବଂ ଜିଲ୍ଲା ରେଡକ୍ରସରୁ ୩୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାତି ପ୍ରାୟ ସାଢ଼େ ୮ଟାରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଫଳରେ ପୁଲିସ ମୃତଦେହଗୁଡ଼ିକୁ ଜବତ କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ସଂରକ୍ଷିତ ରଖିଛି। ସୋମବାର ବ୍ୟବଚ୍ଛେଦ ହେବ ବୋଲି ପୁଲିସ ସୂଚନା ଦେଇଛି।

ଟାଙ୍ଗରମୁଣ୍ଡା ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ହେବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହାସହିତ ପ୍ରତି ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ସେମାନଙ୍କୁ ମାଗଣାରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୃତାହତ ହୋଇଥିବା ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଛନ୍ତି।

## ହାତୀ ଆକ୍ରମଣରେ...

(୫୦) ହାତୀ ହାବୁଡ଼ରେ ପଡିଯାଇଥିଲେ। ହାତୀ ସେବଲାଲଙ୍କୁ କିଛି ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇ ଦଳିଚଟକି ମାରି ଦେଇଥିଲା। ଅନ୍ୟ ଲୋକମାନେ ଚିତ୍କାର କରିବାରୁ ହାତୀଟି ଝରାପାଲି, ଲୋଇସିରା, ସାଲନା, ପଥର୍ଲା, ଭଟଲି, ବିଶିପାଲି ଆଦି ଗ୍ରାମ ଦେଇ ପଳାଉଥିଲା। ଉକ୍ତ ଗ୍ରାମର କ୍ଷେତରେ ବୁଲି ଅମଳ ଧାନକୁ କ୍ଷତି କରିଥିଲା। ଏହି ସମୟରେ ସକାଳ ୧୦ଟାରେ ବିଶିପାଲି ଗ୍ରାମର ବଳରାମ ସାହୁ (୨୫) ନିଜ କ୍ଷେତରେ ଧାନ କାଟୁଥିବା ବେଳେ ହାତୀଟି ତାଙ୍କୁ ଟେକି ନେଇ କିଛି ଦୂର ଗଲାପରେ ତାକୁ ମଧ୍ୟ କଚାଡ଼ି ଦଳି ଦେଇଥିଲା। ଝର୍ନିଆଟିକ୍ରାକୁ ଭେଡେନ ପୁଲିସ ଓ ବନବିଭାଗ କର୍ମଚାରୀ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଥିଲେ। ସେହିପରି ବିଶିପାଲିକୁ ରକ୍ସୁଡା ଫାଣ୍ଡି ପୁଲିସ, ବନବିଭାଗ କର୍ମଚାରୀ ପହଞ୍ଚି ମାଜିଷ୍ଟ୍ରେଟ ଭାବରେ ଭେଡେନ ତହସିଲଦାର ନେପାଳ ମୁଣ୍ଡାଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଥିଲେ।

**ବୈଶିଙ୍ଗା:** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଉପକଣ୍ଠ କେଶୁରା ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ଦିନମଜୁରିଆଙ୍କ ରବିବାର ସକାଳେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି କେଶୁରା ଗ୍ରାମର ମିଲକା ସିଂଙ୍କ ପୁଅ କୃଷ୍ଣ ସିଂ। ସୂଚନା ଅନୁସାରେ, କୃଷ୍ଣ ଘରପାଖ ଜଙ୍ଗଲକୁ ଯାଇଥିବାବେଳେ ବଣୁଆ ହାତୀ ହାବୁଡ଼ରେ ପଡିଯାଇଥିଲେ। ଜୀବନ ବଞ୍ଚାଇବା ପାଇଁ ଦୌଡି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ଆକ୍ରମଣ କରିଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ବୈଶିଙ୍ଗା ଥାନା ଏଏସଆଇ ଭାବଗ୍ରାହୀ ମହାନ୍ତ, ବେତନଟୀ ରେଞ୍ଜର ମନୁୱର ଖାଁ, ବେତନଟୀ ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ି ପ୍ରମୁଖ ଅଧିକାରୀଗଣ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## 'ବିକାଶବିରୋଧୀ'ଙ୍କୁ...

ଦୁଃଖର କଥା କିଛି ଲୋକ ରାଜ୍ୟର ବିକାଶକୁ ଗ୍ରହଣ କରିବା ପରିବର୍ତ୍ତେ ତୁଚ୍ଛା ସମାଲୋଚନା କରିବାକୁ ପଛାଉ ନାହାନ୍ତି। ଓଡ଼ିଶାର ଐତିହାସିକ ରୂପାନ୍ତରଣ ଦେଖି ବି କିଛି ଲୋକ ବାରମ୍ବାର ଅପପ୍ରଚାର କରୁଛନ୍ତି।

ସେ ପୁଣି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟରେ ରୂପାନ୍ତରଣ କରୁଛନ୍ତି। ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ ସାଙ୍ଗକୁ ବିଭିନ୍ନ ସୁବିଧା ସହ ସ୍କୁଲ ରୂପାନ୍ତରଣ ହୋଇଛି। ରାଜ୍ୟରେ ସବୁ କଲେଜର ବଦଳୁଛି ରୂପରେଖ। ବଡ଼ ସ୍ୱପ୍ନ ଦେଖିବାକୁ ଗରିବଙ୍କ ହାତ ମୁଠାକୁ ମୁଖ୍ୟମନ୍ତ୍ରୀ ଟାଣ କରିଛନ୍ତି। ଗରିବରୁ ଗରିବ ଲୋକ ମଧ୍ୟ ନିଜ ପିଲାକୁ ଡାକ୍ତର, ଇଂଜିନିୟର, ଆଇଏଏସ୍ କରିବାର ସ୍ୱପ୍ନ ଦେଖୁଛି ଓ ତାକୁ ସାକାର କରିବାର ସାମର୍ଥ୍ୟ ମଧ୍ୟ ପାଇଛି। କେବଳ ସେତିକି ନୁହେଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ବଡ଼ ହସପିଟାଲରେ ଗରିବଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁଛି। ସାରା ରାଜ୍ୟରେ ଆମ ହସପିଟାଲ ଯୋଜନା କାର୍ଯ୍ୟକାରୀ ହୋଇଛି। ମେଡିକାଲ କଲେଜ ସଂଖ୍ୟା ବଢିଛି, ଓଡ଼ିଶା ଏବେ ଡ଼ାକ୍ତର ବଳକା ରାଜ୍ୟରେ ପରିଣତ ହୋଇଛି। ପୁରୀ ଶ୍ରୀମନ୍ଦିରରୁ ସମଲେଇ ମନ୍ଦିର, ଗୁପ୍ତେଶ୍ୱରରୁ ଆଖଣ୍ଡଳମଣି ରାଜ୍ୟର ସବୁ ଐତିହ୍ୟସ୍ଥଳୀର ରୂପାନ୍ତର କରାଯାଇଛି। ସବୁ ପଞ୍ଚାୟତରେ ଥିବା ମନ୍ଦିରର ସୌନ୍ଦର୍ଯ୍ୟକରଣ ହେଉଛି। ମିଶନ ଶକ୍ତି, ଆମ ବ୍ୟାଙ୍କ ଭଳି ଅର୍ଥନୈତିକ ଅଭିଯାନ ଦ୍ୱାରା ଲୋକଙ୍କ ଜୀବନଧାରା ବଦଳିଛି। ଲକ୍ଷ୍ମୀ ବସ୍ ଯୋଜନା, ରାସ୍ତା ଓ ସେତୁ ନିର୍ମାଣ ଦ୍ୱାରା ଗମନାଗମନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଯଦି ଏସବୁ ରୂପାନ୍ତରଣ କିଛି ଲୋକଙ୍କୁ ଦିଶୁନି, ତେବେ ସେମାନେ ଆଖି ଖୋଲିବା ଦରକାର ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ସେହିପରି ଏହି ଅବସରରେ ଶ୍ରୀ ପାଣ୍ଡିଆନ ୫ମ ପାଳିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମା' ଓ ରାଜ୍ୟବାସୀଙ୍କୁ ଦେଇଥିବା ୫ ଉପହାର ପ୍ରସଙ୍ଗକୁ ବିସ୍ତୃତ ବ୍ୟାଖ୍ୟା କରିଛନ୍ତି । ମିଶନଶକ୍ତି ମହିଳାଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ, ଲକ୍ଷ୍ମୀ ବସରେ ୫ ଟଙ୍କାରେ ଯାତ୍ରା, ୫ ଟଙ୍କାରେ ଗରିବ ଲୋକଙ୍କୁ ଆହାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାଧାରଣ ଲୋକଙ୍କୁ ୫ ଲକ୍ଷ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ଏବଂ ମମତା ଯୋଜନାରେ ୫ ହଜାର ଟଙ୍କା ସହାୟତା ଆଦି ଯୋଗାଉଛନ୍ତି ବୋଲି ଉଲ୍ଲେଖ କରି ଏକ ସମୃଦ୍ଧ ଓଡ଼ିଶା ଗଠନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ।

## ଆଇଏସ୍‌ଆଇ ଏଜେଣ୍ଟ...

କରାଯିବ। ସେପଟେ ବୁଖାରି ନିକଟରୁ ମିଳିଛି ୬ଟି ବ୍ୟାଙ୍କ ପାସବୁକ ମିଳିଛି। ତେଣୁ ଅର୍ଥନୈତିକ କାରବାରର ତଦନ୍ତ କରିବା ପାଇଁ ଫାଇନାନସିଆଲ ଇନଭେଷ୍ଟିଗେସନ ୟୁନିଟକୁ ଚିଠି ଲେଖିଛି ଏସଟିଏଫ। ଏହି ୬ଟି ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରାଯିବ ବୋଲି ତଦନ୍ତ ଅଧିକାରୀ ସୂଚନା ଦେଇଛନ୍ତି। ଏଥିସହ ବୁଖାରିର ସମସ୍ତ ୭ଜଣ ସ୍ତ୍ରୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବ ଏସ୍ଟିଏଫ। ୭ଜଣ ପତ୍ନୀଙ୍କୁ ଜେରା କରିବ ଏସ୍ଟିଏଫ। କାଶ୍ମୀର ପୁଲିସର ମୋଷ୍ଟ ୱାଣ୍ଟେଡ୍ ଥିବା ବୁଖାରି ଏତେଦିନ ଧରି କିପରି ଓଡ଼ିଶାରେ ଲୁଚି ରହିଥିଲା ଓ ପୁଲିସ କି ଇଣ୍ଟେଲିଜେନ୍ସ ଖବର ପାଇ ନ ଥିଲେ ସେନେଇ ପ୍ରଶ୍ନବାଚି ସୃଷ୍ଟି ହେଇଛି। ମାମଲାରେ ଖୁବ୍ଶୀଘ୍ର ଏଣ୍ଟ୍ରି ମାରିବ ଇଣ୍ଟେଲିଜେନ୍ସ ବ୍ୟୁରୋ, ପଞ୍ଜାବ ଓ ଜମ୍ମୁ କାଶ୍ମୀର ପୁଲିସ। ଏମାନଙ୍କ ସହ ଯୋଗାଯୋଗରେ ଅଛନ୍ତି ଓଡ଼ିଶା ଏସଟିଏଫ ଅଧିକାରୀ।

ତେବେ ପ୍ରଶ୍ନ ଉଠୁଛି, ବୁଖାରିଙ୍କ ସହ ଆଉ କେଉଁମାନେ ଯୋଗାଯୋଗରେ ଥିଲେ? ୫ ବର୍ଷ ଧରି ବୁଖାରି ଓଡ଼ିଶାରେ କିଭଳି ଲୁଚି ରହିଥିଲା? ଓଡ଼ିଶାରେ କରିଥାନ୍ତା କି କିଛି ବଡ଼ ଷଡ଼ଯନ୍ତ୍ର? ତେଣୁ ଏନେଇ ଏସ୍ଟିଏଫ ଖୋଳତାଡ଼ କରିବା ପରେ ସବୁ କିଛି ସ୍ପଷ୍ଟ ହେବ। ଓଡ଼ିଶାରେ ରହି ଏଏସଆଇ ଏଜେଣ୍ଟଙ୍କ ସହ ଯୋଗାଯୋଗରେ ଥିବା ବୁଖାରି ସମ୍ପର୍କରେ ଅଧିକ ଛାନ୍ଭିନ୍ ପାଇଁ ଜାମ୍ମୁ-କାଶ୍ମୀର, ପଞ୍ଜାବ ପୁଲିସ ସହ ଇଣ୍ଟେଲଜେନ୍ସ ବ୍ୟୁରୋର ଯୋଗଯୋଗରେ ଅଛି ଏସଟିଏଫ୍।

## ୧୦ ଡିଗ୍ରୀ ତଳେ...

ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ଏହାସହିତ ରାଜ୍ୟରେ ଜାରି ରହିଥିବା ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବାରୁ ଶୀତର ପ୍ରକୋପ ଜାରି ରହିବ। ଅନ୍ୟପଟେ ସୋମବାର ରାଜ୍ୟର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ବିଶେଷ କରି କୋରାପୁଟ, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗିର, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ରାୟଗଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝରେ ଓ ମୟୂରଭଞ୍ଜରେ କୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## କେନ୍ଦ୍ର ସହଯୋଗ...

ନିଜ ଦାୟିତ୍ୱକୁ ଏଡ଼ାଇଯିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ମନ୍ତ୍ରୀଙ୍କ ସୂଚନା ଅନୁସାରେ ବନ୍ୟା ନିୟନ୍ତ୍ରଣ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଏବଂ ଏହାର ପରିଚାଳନା, ଡ୍ରେନେଜ ପ୍ରକଳ୍ପ ସମ୍ପୃକ୍ତ ରାଜ୍ୟ ସରକାରଗୁଡ଼ିକ ନିଜର ଆବଶ୍ୟକତା ତଥା ଅଗ୍ରାଧିକାର ଭିତ୍ତିରେ ନିଜ ଅର୍ଥରେ କାର୍ଯ୍ୟକାରୀ କରିଥାନ୍ତି। କେନ୍ଦ୍ର ସରକାର କେବଳ ବୈଷୟିକ ସହାୟତା ଏବଂ ଅତ୍ୟାବଶ୍ୟକ ସ୍ଥିତିରେ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ମନ୍ତ୍ରୀ ଏପରି ବୟାନ କେବଳ ନିଜ ଦାୟିତ୍ୱରୁ ଖସିଯିବା ପାଇଁ ଉଦ୍ଦିଷ୍ଟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ମନ୍ତ୍ରୀଙ୍କ ସଂସଦରେ ଯେଉଁ ତଥ୍ୟ ଉପସ୍ଥାପନ କରିଛନ୍ତି ସେଥିରେ କେବଳ ବନ୍ୟା ଯୋଗୁଁ ଓଡ଼ିଶା କିପରି ବାର୍ଷିକ ଶହ ଶହ ଟଙ୍କାର କ୍ଷତି ସହୁଛି ତାହା ଜଳଜଳ ଦିଶୁଛି। କେନ୍ଦ୍ରୀୟ ଜଳ ଆୟୋଗର ତଥ୍ୟ ଅନୁଯାୟୀ ଓଡ଼ିଶା ୨୦୧୭ରୁ ୨୦୨୧ ମଧ୍ୟରେ ୫ ବର୍ଷରେ କେବଳ ବନ୍ୟା ଜନିତ ବିଭିନ୍ନ କ୍ଷତି ପାଇଁ ବାର୍ଷିକ ହାରାହାରି ପ୍ରାୟ ୫୯୬ କୋଟି ଟଙ୍କା କ୍ଷତିଗ୍ରସ୍ତ ହେଉଛି। ତେବେ ରାଜ୍ୟ ସରକାର ବନ୍ୟା ନିୟନ୍ତ୍ରଣ ତଥା ପରିଚାଳନା ପାଇଁ ବ୍ୟାପକ ପଦକ୍ଷେପ ନେଇଛନ୍ତି। ରାଜ୍ୟବାସୀଙ୍କୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ବିଭିନ୍ନ ପ୍ରକାରର ପ୍ରାୟ ୭୪୭୩ କିଲୋମିଟର ବନ୍ୟା ପ୍ରତିରୋଧୀ ବନ୍ଧ ନିର୍ମାଣ କରିଛନ୍ତି। ଯାହା ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ରାଜ୍ୟ ପାଇଁ ବରଦାନ ସାବ୍ୟସ୍ତ ହେଉଛି। ଏହାବ୍ୟତୀତ ବନ୍ୟା ନିୟନ୍ତ୍ରଣ ପାଇଁ ରାଜ୍ୟରେ ବର୍ତ୍ତମାନ ୪ଟି ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏଥିରେ ବାରିପଦାର ରିଙ୍ଗ ରୋଡ, ସୋନପୁର ଜିଲ୍ଲାରେ ମହାନଦୀର ଦକ୍ଷିଣ ପାଶ୍ୱର୍ରେ ଝାରପଡା-୧ରୁ ଗୋଲପଡା ଯାଏଁ ବନ୍ୟା ପ୍ରତିରୋଧୀ ବନ୍ଧ, କଟକରେ ନେତାଜୀ ନଗର ଘେରି ସହ ଝାରସୁଗୁଡାରେ ଇବ୍ ନଦୀ ଉପରେ ଘରପାହାଡଠାରୁ ଭଷ୍ମା ଯାଏଁ ଏକ ବନ୍ଧ ନିର୍ମାଣ ଜାରି ରହିଛି। ତେବେ ପ୍ରାକୃତିକ ବିପର୍ଯ୍ୟୟର ସବୁଦିନିଆ ମୁକାବିଲା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ଆସୁଛନ୍ତି। ବିଶେଷକରି ଏନେଇ ସବୁଦିନିଆ ପ୍ରାକୃତିକ ବିପର୍ଯ୍ୟୟ ନିରୋଧୀ ଭିତ୍ତିଭୂମି ନିର୍ମାଣ ପାଇଁ ରାଜ୍ୟ ନିକଟରେ ବହୁଥର କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରି ଆସୁଛି। ମାତ୍ର କେନ୍ଦ୍ର ସରକାର ଏନେଇ ବିଶେଷ ସହଯୋଗ କରିବା ବଦଳରେ ଏହାର ରାଜ୍ୟର ବ୍ୟାପାର କହି ଦାୟିତ୍ୱରୁ ହାତ ଝାଡ଼ିଦେବାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେବାରେ ଲାଗିଛି।

## ଦୁର୍ଘଟଣାରେ ୨...

ଦେଇ ଏକ ବାଇକ ଯୋଗେ ୨ଜଣ ଆସୁଥିବା ବେଳେ ବେହେରାପଟୁ ଦୁଇଜଣ ଯାଉଥିଲେ। ବେହେରା -ଖପରାମାଲ ରାସ୍ତାରେ ଉଭୟ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ୪ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପର୍ଲା ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ନେଇଥିଲେ। ସେଠାରେ ଉପରୋକ୍ତ ୨ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଗୁରୁତରଙ୍କୁ ଜିଲ୍ଲା ମେଡିକାଲକୁ ପଠାଯାଇଛି। କୋକସରା ପୁଲିସ ପର୍ଲା ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା ପଠାଇଛି।

## ଋଣ ସୁଧ ଫେରିପାଇବେ...

ଉପରେ ୨୫% ସୁଧ ଫେରସ୍ତ ମିଳିବ। ଯେ କୌଣସି ବ୍ୟାଙ୍କରୁ ଋଣ ନେଇଥିଲେ ବି ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ଗୁଡିକ ଏହି ସୁବିଧା ପାଇପାରିବେ। ଏହି ନୂତନ ଯୋଜନା ପାଇଁ ବାର୍ଷିକ ୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। କ୍ଷତିପୂରଣ ରାଶି ହିତାଧିକାରୀ ଶିଳ୍ପ ୟୁନିଟ୍ ଗୁଡିକର ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ। ଆସନ୍ତା ଆର୍ଥିକ ବର୍ଷ ପାଇଁ ୧୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଅବଶିଷ୍ଟ ପାଣ୍ଠି ପାଇଁ ଅତିରିକ୍ତ ବଜେଟ ମାଧ୍ୟମରେ ବ୍ୟବସ୍ଥା କରାଯିବ। ସୁଧ ଛାଡ଼ ପାଇଁ ଯୋଗ୍ୟତା ଅର୍ଜନ ନିମନ୍ତେ ବୈଧ 'ଉଦ୍ୟମ' ପ୍ରମାଣପତ୍ର ଥିବା ଆବଶ୍ୟକ। ମଞ୍ଚ-ଗୃହ୍ଣସଞ୍ଚ.କ୍ତୃୟସଗ୍ମୃଷବ.ଶକ୍ଟଙ୍ଗ.ସଭ ପୋର୍ଟାଲରେ ଆବେଦନପତ୍ର ଗ୍ରହଣ ଆରମ୍ଭ ହୋଇଛି।

## ମାଇହାତୀର...

ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ଶନିବାର ସକାଳେ ହାତୀର ମୃତ୍ୟୁ ହୋଇଥିବା ବନବିଭାଗ ପକ୍ଷରୁ କୁହାଯାଉଥିବାବେଳେ କାରଣ ଜଣାପଡିନାହିଁ। ଘଟଣାସ୍ଥଳରେ ବନବିଭାଗର ଏକ ଟିମ ପହଞ୍ଚି ତଦନ୍ତ ଜାରି ରଖିଛି। ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ସହ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଇଛି।

# ଓଡ଼ିଆ ଅସ୍ମିତା ସମ୍ମିଳନୀର ବିଶ୍ୱସ୍ତରୀୟ ପ୍ରତିଯୋଗିତାର ଫଳାଫଳ ଘୋଷଣା

**ଭୁବନେଶ୍ୱର, ୧୭ ।୧୨(ସମିସ):** ଉତ୍କଳ ସମ୍ମିଳନୀର ୧୨୦ତମ ପୂର୍ତ୍ତି ଅବସରରେ ଓଡ଼ିଆ ଅସ୍ମିତା ଆନୁକୂଲ୍ୟରେ ମଧୁବାବୁଙ୍କ ଉପରେ ବିଭିନ୍ନ ପ୍ରତିଯୋଗିତା ଆଭାସୀ ମାଧ୍ୟମରେ ମାସାଧିକ କାଳ ଅନୁଷ୍ଠିତ ହୋଇଥିଲା। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଦେଶବିଦେଶରେ ବିଭିନ୍ନ କୋଣରେ ବାସ କରୁଥିବା ୭ଶହରୁ ଉର୍ଦ୍ଧ୍ୱ ଓଡ଼ିଆ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ୍ ଦେବେନ୍ଦ୍ରନାଥ ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ମଧୁ ବାବୁଙ୍କ ଉପରେ ବକ୍ତୃତା, ପ୍ରବନ୍ଧ ଓ ମଧୁସଙ୍ଗୀତ ଆଦି ବିଷୟରେ ପ୍ରତିଯୋଗୀମାନେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସେହିପରି ଦିଲ୍ଲୀ ଓଡ଼ିଆ ଛାତ୍ର ସଂଗଠନ ପକ୍ଷରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ମଧୁ ବାବୁଙ୍କୁ ଉପରେ ବିଭିନ୍ନ

## କଟକରେ ପୁରସ୍କାର ବିତରଣ ଉତ୍ସବ ୩୦ରୁ

ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର ସମସ୍ତ ବର୍ଗର ଫଳାଫଳ ଆଜି ପ୍ରକାଶ ପାଇଛି। ଆନ୍ତର୍ଜାତୀୟସ୍ତରରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କନିଷ୍ଠ ବର୍ଗରେ ସଂସ୍କୃତି ଜୀ ପ୍ରଥମ, ରାଣୀ ପ୍ରଧାନ ଦ୍ୱିତୀୟ, ଆନଭିକ ରଥ ତୃତୀୟ ଓ ବରିଷ୍ଠ ବର୍ଗରେ ଆଦିତି ମଲ୍ଲିକ ପ୍ରଥମ, ଆଦିତି ପଶ୍ମିମା ଦ୍ୱିତୀୟ, ଈଶିତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜାତୀୟସ୍ତରର ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବର୍ଗର ଓଡ଼ିଆ ଭାଷାରେ ତେଜ ତନ୍ମୟ ପ୍ରଥମ, ହର୍ଷିତା ସାହୁ ଦ୍ୱିତୀୟ, ସାଇ ପ୍ରିୟଦର୍ଶିନୀ ଜେନା ତୃତୀୟ ଓ ଇଂରାଜୀ ଭାଷାରେ ଆଦ୍ୟାଶା ସେନାପତି ପ୍ରଥମ, ମେଧା ତ୍ରିପାଠୀ ଦ୍ୱିତୀୟ, ଆଦ୍ୟାଶ୍ରୀ ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜାତୀୟସ୍ତରର ବରିଷ୍ଠ ବର୍ଗର ଓଡ଼ିଆ ଭାଷା ବକ୍ତୃତା ପ୍ରତିଯୋଗିତାରେ ପୂଜାରାଣୀ ପ୍ରଧାନ ପ୍ରଥମ, ସ୍ୱାଭିମାନ ତ୍ରିପାଠୀ ଦ୍ୱିତୀୟ, ମଧୁସୂଦନ ମେହେର ତୃତୀୟ ହୋଇଥିବାବେଳେ ଇଂରାଜୀ ଭାଷା ବକ୍ତୃତା ପ୍ରତିଯୋଗିତାରେ ଶୃତି ପ୍ରହରାଜ ପ୍ରଥମ, ତନୁଶ୍ରୀ ନାୟକ ଦ୍ୱିତୀୟ ଓ ପ୍ରତୀକ୍ଷା ପ୍ରିୟଦର୍ଶିନୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମଧୁ ସଙ୍ଗୀତ ପ୍ରତିଯୋଗିତାରେ ପ୍ରବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟାନ ବିଶ୍ୱାଳ ପ୍ରଥମ, ଅମୃତା ରଥ ଦ୍ୱିତୀୟ, ଅନଭିକା ରଥ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସୌମ୍ୟା ମିଶ୍ର ଓ ମୁକ୍ତି ସମ୍ଭାବୀ ବଳଙ୍କୁ ସ୍ୱତନ୍ତ୍ର ବିଚାରକ ମଣ୍ଡଳୀ ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ଦିଲ୍ଲୀ ଓଡ଼ିଆ ଛାତ୍ର ସଂଗଠନ ଦ୍ୱାରା ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଆକାଂକ୍ଷା ମିଶ୍ର ପ୍ରଥମ, ବିଦ୍ୟା ବନ୍ଦନା ଦ୍ୱିତୀୟ, ଶୃତୀ ପ୍ରହରାଜ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ ଶ୍ରଦ୍ଧାଞ୍ଜଳି ସାହୁ ପ୍ରଥମ, ଜ୍ୟୋତିର୍ମୟୀ ବାରିକ ଦ୍ୱିତୀୟ ଓ ପ୍ରାଚୀ ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀ ଭାବେ ବିଶ୍ୱର ବିଭିନ୍ନ ସ୍ଥାନରୁ ବିଶେଷଜ୍ଞମାନେ ଯୋଗଦେଇ ତାଙ୍କର ମତାମତ ରଖିଥିଲେ। ସମସ୍ତ ବିଚାରକ ମଣ୍ଡଳୀଙ୍କ ନିର୍ଣ୍ଣୟକୁ ବିଚାର କରି ଜବାହାର ଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଓଡ଼ିଆ ଚେୟାରର ପ୍ରାଧାପକ ପ୍ରଫେସର ଉଦୟନାଥ ସାହୁ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାଧାପିକା ସୁବାସିନୀ ବାରିକ ଅନୁଷ୍ଠାନ ତରଫରୁ ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା କରିଛନ୍ତି। ଆସନ୍ତା ୩୦ ଓ ୩୧ରେ କଟକରେ ପ୍ରବାସୀ ଓଡ଼ିଆମାନଙ୍କୁ ନେଇ ଆୟୋଜିତ ହେବାକୁ ଯାଉଥିବା ଓଡ଼ିଆ ଅସ୍ମିତା ସମ୍ମିଳନୀକୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହ ଓଡ଼ିଶାର ଅନେକ ବରେଣ୍ୟ ବ୍ୟକ୍ତିତ୍ୱ ଯୋଗଦେଇ ଏହି ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବେ। ଏଥିସହିତ ସମସ୍ତ ପ୍ରତିଯୋଗୀମାନଙ୍କୁ ସମ୍ମିଳନୀ ଅବସରରେ ମାନପତ୍ର ପ୍ରଦାନ କରାଯିବ ବୋଲି ଆବାହକ ଶ୍ରୀ ରାଉତ ସୂଚନା ଦେଇଛନ୍ତି।


SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

କୃଷି ବିଭାଗ, ଜଗତସିଂହପୁର
ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା
କଲେକ୍ଟୋରେଟ୍ ପଡିଆ, ଜଗତସିଂହପୁର
୧୮ ରୁ ୨୨ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ
ବିଶେଷ ଆକର୍ଷଣ :
ଅଧିସୂଚୀତ କୃଷି ଯନ୍ତ୍ରପାତିର ମୂଲ୍ୟ ଉପରେ
ଶତକଡା ୪୦ ଭାଗ ରିହାତି- ସାଧାରଣ ବର୍ଗ
ଶତକଡା ୫୦ ଭାଗ ରିହାତି- ଅନୁସୂଚିତ ଜାତି, ଜନଜାତି ଓ ମହିଳା
ଶତକଡା ୭୫ ଭାଗ ରିହାତି- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ
ଆପଣମାନେ ବହୁ ସଂଖ୍ୟାରେ ଯୋଗଦାନ କରି ସରକାରୀ ରିହାତିର ସୁଯୋଗ ନିଅନ୍ତୁ
ନିବେଦକ : ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜଗତସିଂହପୁର

GOVERNMENT OF ODISHA, "e" - PROCUREMENT NOTICE B-1464
OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR
Email: eeroads.khr@rediffmail.com
No. 6164, Date 15.12.2023
Invitation for Bids
Bid Identification No. S.E. (R&B) KHARIAR - 22 / 2023-24

| | | |
|---|---|---|
| 1 | The Executive Engineer, Khariar (R&B) Division, Khariar on behalf of Governor of Odisha, invites percentage rate composite & Non composite bids in Single cover system in ONLINE MODE ONLY. | |
| 2 | Nature of work | Road & Building Works. |
| 3 | No. of Work | 01 Nos. Works |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 21.12.2023 to 17.00 Hours of 30.12.2023 |
| 7 | Date of opening of Bid | Dt. 02.01.2024 at 11.30 hours |
| 8 | EMD / Bid Security | As specified in the notice to be remitted on line only. |
| 9 | The Bidders shall have to participate in ONLINE bidding only. Further details can be seen from the website https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Executive Engineer, Khariar (R&B) Division, Khariar
OIPR-34062/11/0039/2324

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Advt. No. 09/2023 Date: 14.12.2023
Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise and the leading steel-making company in India, invites online applications from eligible candidates for the following posts for its Plant at Rourkela and Mines at Bolani, Barsuan & Kalta under Odisha Group of Mines (OGoM).

| Name of the Post | Vacancy | Max. Age as on |
|---|---|---|
| AGM (E-5) (Mechanical/ Electrical/ Civil) | Mechanical-2 Electrical-4 Civil-1 | 41 years |
| AGM (E-5) (Projects) | Mechanical-2 Civil-2 Electrical-1 | 41 years |
| Manager (E-3) (Mechanical/ Electrical/ Civil) | Mechanical-3 Electrical-6 Civil-3 | 35 years |
| Manager (E-3) (Metallurgy) | 2 | 35 years |
| Manager (Mechanical-Hydraulics) (E-3) | 2 | 35 years |
| Manager (E-3) (Information Technology) | 3 | 35 years |
| Manager (E-3) (Mines) (for OGoM only) | 3 | 35 years |
| Manager (E-3) (Projects) | Mechanical-2 Civil-2 Electrical-1 | 35 years |
| Dy. Manager (E-2) (P&HS) | 1 | 32 years |
| Asst. Manager (E-1) (Geology) (for OGoM only) | 1 | 30 years |

For full details of the Advertisement & Application Form, please visit SAIL website www.sail.co.in at the link "Careers". Applications shall be received through Post / Courier only. No other mode of application shall be accepted.
IMPORTANT DATES :
(a) Deposit of Application & Processing Fee in SB Collect during 15.12.2023 to 06.01.2024 (11.45 PM)
(b) Commencement of receiving application through Post / Courier is 15.12.2023
(c) Closing Date of receipt of application through Post / Courier is 11.01.2024
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

# ଗଛଲତାରେ ଲୁଚିଗଲାଣି ଜଳଯୋଗାଣ ପମ୍ପ ହାଉସ୍

ଆନନ୍ଦପୁର, ୧୭।୧୨ (ସମିସ)





ଆନନ୍ଦପୁର ସହରାଞ୍ଚଳ ଜଳଯୋଗାଣ ବିଭାଗର ପମ୍ପ ହାଉସ ଅସୁରକ୍ଷିତ ହୋଇପଡଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ସହରକୁ ପାନୀୟ ଜଳ ଯୋଗାଉଥିବା ଏହି ପମ୍ପ ହାଉସ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡୁଛି। ଗଛଲତା ବଢ଼ିଯାଉଥିବାରୁ ଏହି ପମ୍ପ ହାଉସ ଆଉ ଦୃଶ୍ୟମାନ ହେଉନାହିଁ। ଲତାଗୁଳ୍ମରେ ଲୁଚିଯାଇଥିବା ଏହି ପମ୍ପ ହାଉସ ଭିତରକୁ ସରୀସୃପ ପଶିଯାଉଥିବାରୁ ଏହାର ଜଳ ପ୍ରଦୂଷିତ ହୋଇପଡ଼ିବା ଆଶଙ୍କା କରି ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଦୈନିକ ଏହି ପମ୍ପ ହାଉସରୁ ପାଇପ ଯୋଗେ ଯୋଗାଇ ଦିଆଯାଉଥିବା ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଥିବାରୁ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ପ୍ରକାଶ ପାଇଛି। ଆନନ୍ଦପୁର ବ୍ରିଜ ଛକ ନିକଟରେ ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏହି ପମ୍ପ ହାଉସ ଗତ ୧୯୬୯ ମସିହାରେ ନିର୍ମାଣ ହୋଇଥିଲା। ଆନନ୍ଦପୁର ସହରକୁ ପ୍ରଥମଥର ପାଇଁ ଏହି ପମ୍ପ ହାଉସରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ତେବେ ଦୀର୍ଘ ଦିନ ହେବ ଏହି ପମ୍ପ ହାଉସର ରକ୍ଷଣାବେକ୍ଷଣ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବା ପରିତାପର ବିଷୟ। ପ୍ରତିବର୍ଷ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସର ସଫେଇ ଓ ସରକାରୀ କୋଠାବାଡିର ରକ୍ଷଣାବେକ୍ଷଣ ହେଉଥିବା ବେଳେ ଏହି କାର୍ଯ୍ୟାଳୟର ରକ୍ଷଣାବେକ୍ଷଣ ପ୍ରତି ଅଣଦେଖା କରାଯାଇଥିବାରୁ ଏଠାରେ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହେବା ପରିସ୍ଥିତି ସୃଷ୍ଟିହେଲାଣି। କାର୍ଯ୍ୟାଳୟର ପରିସର ସଫେଇ ଅଭାବରୁ ଅନାବନା ଗଛ ବଢ଼ିଯାଇ ଜଙ୍ଗଲର ଭ୍ରମ ସୃଷ୍ଟି କଲାଣି। ପୂର୍ବ ବ୍ୟବସ୍ଥା ଅନୁଯାୟୀ ଏହି କାର୍ଯ୍ୟାଳୟ ପରିସରରେ ଆନନ୍ଦପୁର ସହରର ଜଳ ଯୋଗାଣ ବ୍ୟବସ୍ଥାର ପମ୍ପ ହାଉସ ଥିବାରୁ ଏହି କାର୍ଯ୍ୟାଳୟର ସୁରକ୍ଷା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯିବା ପରିବର୍ତ୍ତେ ଅଣଦେଖା ଯୋଗୁ ଏହି କାର୍ଯ୍ୟାଳୟ ପରିସର ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଥିବା ମନେ ହୋଇଛି। କାର୍ଯ୍ୟାଳୟ ପରିସରରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ପଡ଼ିରହିଥିବାରୁ ୨୪ ଘଣ୍ଟିଆ ଡ୍ୟୁଟି ପାଇଁ ସୁରକ୍ଷା କର୍ମଚାରୀ ଅଭାବ ଅନ୍ୟ ଏକ ସମସ୍ୟା ସୃଷ୍ଟି କରିଛି। ଏଣୁ ସହରାଞ୍ଚଳ ଜଳ ଯୋଗାଣ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହିତ ଏହି କାର୍ଯ୍ୟାଳୟର ସୁରକ୍ଷା ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଆଗେ ଆଗେ ରାସ୍ତା ନିର୍ମାଣ, ପଛେ ପଛେ ଖାଲ



**ହାଟଡିହି, ୧୭।୧୨(ସମିସ):** ହାଟଡିହି ବ୍ଲକର ସୋସୋ ଠାରୁ ଢେଙ୍କା ଉନ୍ନତମାନର ଓ ରାସ୍ତା ନିର୍ମାଣ ହେଉଛି। ଠିକାଦାର ରାସ୍ତା ଉପରେ ଫାଇନାଲ ପିଚୁ ପକାଇ ରାସ୍ତା ସମ୍ପୂର୍ଣ୍ଣ କରିବାକୁ ଯାଉଛି। କିନ୍ତୁ ଠିକାଦାର ରାସ୍ତାରେ ଦ୍ୱିତୀୟ ପରସ୍ତ ପିଚୁ ପକାଇ ଯାଉଥିବାବେଳେ ରାସ୍ତାରେ ଖାଲ ଓ ରାସ୍ତା ଦବିବା ଦେଖିବାକୁ ମିଳୁଛି। ଯାହା ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଥିବାବେଳେ ଏଭଳି କାହିଁକି ଦବିଲା ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଉନ୍ନତମାନର ମରାମତି କରିବା ସହିତ ସମୀକ୍ଷା କରିବା ଉଚିତ୍ ବୋଲି କୁହାଯାଉଛି।

## ବିଶ୍ୱତାରିଣୀ କଲେଜରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ

**ହାଟଡିହି, ୧୭।୧୨(ସମିସ):** ଛେନାପଦି ବିଶ୍ୱତାରିଣୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଓ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଶାନ୍ତ କୁମର ପହିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହାଟଡିହି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କଲେଜର ସଭାପତି ପ୍ରଫେସର କୃଷ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ନୋଡାଲ ଅଫିସର ଅଧ୍ୟାପକ ଅଭିରାମ ସାହୁ, ଅଧ୍ୟାପକ ଭକ୍ତଶେଖର ସ୍ୱାଇଁ ଓ ଅଧ୍ୟାପିକା ବେଦମତି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ସୁବାସ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ନିରଞ୍ଜନ ଜେନା, ସଂଯୁକ୍ତା ଲେଙ୍କା, ପୁର୍ଣ୍ଣିମା ଦାସ, ସୀମାରାଣି ଓଝା, ସାଇପ୍ରଜ୍ଞା ଦାସ, ପଶୁରାମ ସା, ମଧୁସୂଦନ, ମଦନ ହୋମନ ଜେନା, ଦେବେନ୍ଦ୍ର ସା ପ୍ରମୁଖ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

**କେନ୍ଦୁଝର, ୧୭।୧୨(ସମିସ):** କେନ୍ଦୁଝର ଜିଲ୍ଲା ସଦର ବ୍ଲକ ସନ୍ତୋଷୀ ମା'ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ନୂଆ ଓ' ଯୋଜନା ମାଧ୍ୟମରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅଧକ୍ଷ ସତ୍ୟନାରାୟଣ ସାହୁ ସଭାପତିତ୍ୱ କରିଥିଲେ। ଏହି ଉଦଯାପନୀ ଉତ୍ସବରେ ସଦର ବିଧାୟକ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ନେଲୁଙ୍ଗ ସରପଞ୍ଚ ଚନ୍ଦ୍ରମଣି ସିଂ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ସମାଜସେବୀ ବିବେକାନନ୍ଦ ମହାନ୍ତ ଯୋଗ ଦେଇଥିଲେ। ଉକ୍ତ ସଭାକୁ ସାଂସ୍କୃତିକ ବିଭାଗର ମୁଖ୍ୟ ଅଧ୍ୟାପିକା ସ୍ମୃତି ବାନାର୍ଜୀ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସତ୍ୟବ୍ରତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



୩ ଦିନ ଧରି ଚାଲିଥିବା ଏହି ସାଂସ୍କୃତିକ ପ୍ରତିଯୋଗିତାରେ ନୃତ୍ୟ, ସଙ୍ଗୀତ, ଫେସନ ସୋ, କଷ୍ଟ୍ୟୁମ, ରୋଷେଇ ପ୍ରଦର୍ଶନ, ବକ୍ତୃତା ଓ ସୃଜନଶିଳ ଲେଖକ ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ପୁରସ୍କୃତ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧ୍ୟାପକ ନାରାୟଣ ସାହୁ ସୁପରିଚାଳନା କରିଥିବାବେଳେ ଅଧ୍ୟାପକ ଅମୀୟ ସାମନ୍ତରା, ପ୍ରକାଶ କୁମାର ଆଚାର୍ଯ୍ୟ, ତୁଳସୀ ଚରଣ ମହାନ୍ତ, ସଂଗ୍ରାମ କେଶରୀ ବେହେରା, ଅଶୋକ କୁମାର ସାହୁ, ଗିରିଶ ଚନ୍ଦ୍ର ରାଉତ, ଅଧ୍ୟାପିକା ନିରୁପମା ଦାସ, ସ୍ନିଗ୍ଧା ଦାସ ଓ ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରି ସଫଳ କରିଥିଲେ।

## ଷଡ଼ଙ୍ଗରେ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ହାଟଡିହି, ୧୭।୧୨(ସମିସ):** ହାଟଡିହି ବ୍ଲକର ଷଡ଼ଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର କ୍ରୀଡ଼ା ଓ ସାମାଜିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସୁବ୍ରତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେଷଡ଼ଙ୍ଗପଞ୍ଚାୟତରସରପଞ୍ଚଅନ୍ତର୍ଯ୍ୟାମୀଖଣ୍ଡେଇଯୋଗଦେଇଥିବାବେଳେ ହାବଳେଶ୍ୱର ସରପଞ୍ଚ ରମାକାନ୍ତ ନାୟକ, ଗେଡ଼ମା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ବାବୁଲା କାଣ୍ଡି, ଶ୍ୟାମ ସୁନ୍ଦର ଜେନା, ରବିନାଥ ମହାନ୍ତି ଯୋଗ ଦେଇ ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ପ୍ରଶଂସା କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରଷ୍କାର ପ୍ରଦାନ କରିଥିଲେ।

## ବଉଳା ଡ୍ରିଗୀ କଲେଜରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ହାଟଡିହି, ୧୭।୧୨(ସମିସ):** ହାଟଡିହି ବ୍ଲକର ବଉଳା ଡ୍ରିଗୀ କଲେଜର ସ୍ୱଚ୍ଛ ଭାରତ ଓ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ ରାଲି ମାଧ୍ୟମରେ ବାଳିକା ଶିକ୍ଷା ଅଭିଯାନ, ବାଲ୍ୟ ବିବାହ ପ୍ରଥା ଉଚ୍ଛେଦ, ଯୌତୁକ ପ୍ରଥା, ପ୍ଲାଷ୍ଟିକ ମୁକ୍ତ ସମାଜ ଉପରେ ଗୁରୁତ୍ୱ ଦିଆଯାଇ ସୋସୋ ଗ୍ରାମ ପରିକ୍ରମା କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ରବୀନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ନୋଡାଲ ଅଫିସର ନିରାକାର ମହାନ୍ତି, ପ୍ରଫୁଲ କୁମାର ରାଉତ, ଡ.ମମତା ସାହୁ ପରିଚାଳନା କରିଥିବା ବେଳେ ଅନ୍ୟ ଅଧ୍ୟାପିକା ଓ ଅଧପକ ମାନେ ସହଯୋଗ କରିଥିଲେ।



## ମହିଳାଙ୍କ ରହସ୍ୟଜନକ ମୃତ୍ୟୁ

**ପାଟଣା, ୧୭।୧୨(ସମିସ):** ପାଟଣା ଥାନା ଭିମାପଡ଼ା ଗ୍ରାମର ଜନୈକା ମହିଳାଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ମୃତ ମହିଳା ହେଲେ ସେହି ଗ୍ରାମର ନେତ୍ରାନନ୍ଦ ମହାନ୍ତଙ୍କ ଦ୍ୱିତୀୟ ସ୍ତ୍ରୀ ଶକୁନ୍ତଳା ନାଏକ (୩୨)। ଆଜି ସକାଳୁ ଶକୁନ୍ତଳାଙ୍କ ମୃତଦେହ ବିଛଣାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ପାଟି ଓ ନାକରୁ ରକ୍ତ ବାହାରିଥିବା ବେଳେ ପରିପାର୍ଶିକ ସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ତାଙ୍କ ଆତ୍ମୀୟ ଲୋକ ପହଞ୍ଚିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥାନୀୟ ପୁଲିସ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ବାପ ଘର ଲୋକ ଏହାକୁ ଏକ ସୁପରକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। କେନ୍ଦୁଝରରୁ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଥିବା ବେଳେ ପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ମହିଳା ଜଣଙ୍କ ଝାରଖଣ୍ଡ ଅଞ୍ଚଳର ହୋଇଥିଲା ବେଳେ ପାଟଣା ଥାନା ଭିମାପଡ଼ା ଗ୍ରାମର ନେତ୍ରାନନ୍ଦ ମହାନ୍ତକୁ ଦ୍ୱିତୀୟ ବିବାହ କରିଥିଲେ। ତେବେ ଏ ନେଇ ପାଟଣା ଥାନାରେ ୫୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ବିଭସ୍ୱ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ବଣଭୋଜି କରିବାକୁ ଯାଇ ଯୁବକ ନିଖୋଜ

**ଚମ୍ପୁଆ, ୧୭।୧୨(ସମିସ):** ଚମ୍ପୁଆ ଥାନା ଅନ୍ତର୍ଗତ ସରେଇ କେଶରିକୁଣ୍ଡ ଠାରେ ଭୋଜି କରିବାକୁ ଯାଇ ଯୁବକ ନିଖୋଜ ହୋଇଥିବା ଜଣାଯାଇଛି। ନିଖୋଜ ହେବାପରେ ସାଙ୍ଗମାନେ ପୁଲିସ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଉଭୟ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ଖବର ଲେଖା ହେଲା ବେଳକୁ ଯୁବକର କୌଣସି ଖବର ମିଳିନଥିଲା। ମିଳିଥିବା ସୂଚନା ଅନୁସାରେ ଯୁବକର ନାମ ସୁରତ ଗିରି (୩୫, ବୁଲେଟ୍) ପିତା ସ୍ୱର୍ଗତ ମୂରଲି ଧର ଗିରି ବୋଲି ଜଣାପଡ଼ିଛି। ତେବେ ସେମାନେ ୧୯୯୭ର ବ୍ୟାଚର କିଛି ପିଲା ଭୋଜି କାରିବାକୁ ଯାଇଥିଲେ।

## ବିକଶିତ ଭାରତ ସଂକଳ୍ପ ଯାତ୍ରା

**ହାଟଡିହି, ୧୭।୧୨(ସମିସ):** ହାଟଡିହି ବ୍ଲକର ବଞ୍ଚୋ ପଞ୍ଚାୟତର ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥକୁ ପଞ୍ଚାୟତ ପକ୍ଷରୁ ସ୍ୱାଗତ କରାଯାଇଛି। ସରପଞ୍ଚ ପ୍ରଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି ନେତା ଜ୍ଞାନରଞ୍ଜନ ସାମନ୍ତ ସିଂହାର, ପିଇଓ ଜିତେନ୍ଦ୍ର ଜେନା ଓ ବରିଷ୍ଠ ବ୍ୟକ୍ତିଙ୍କ ଉପସ୍ଥିତିରେ ସଭା କାର୍ଯ୍ୟ ହୋଇଥିଲା। ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ପଞ୍ଚାୟତ କାର୍ଯ୍ୟାଳୟ ପରିସରକୁ ବିଭିନ୍ନ ଚିତ୍ରକରି ରଥକୁ ସ୍ୱାଗତ କରିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁରୁଷ ସ୍ୱାସ୍ଥ୍ୟକର୍ମୀ ହେମନ୍ତ କୁମାର ଜେନା, ମିନତୀ ଜେନା ଓ ପୁଷ୍ପଲତା ମହାନ୍ତି ମହିଳା ଓ ପୁରଷମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଠାକୁରାଣୀ ଲୁହାପଥର ଖଣିରେ ୨୫ତମ ଏମ୍‌ଇଏମ୍‌ସି ସପ୍ତାହ ପାଳିତ





**ଯୋଡ଼ା, ୧୭।୧୨ (ସମିସ):** ଭୁବନେଶ୍ୱରସ୍ଥିତ ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ଆନୁକୂଲ୍ୟରେ ଆର୍ସଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍ ଏନ୍‌ଏସ୍ ଇଣ୍ଡିଆ)ର ଠାକୁରାଣୀ ଲୁହାପଥର ଖଣିରେ ୨୫ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳିତ ହୋଇଯାଇଛି। ଏଏମ୍ ଏନ୍‌ଏସ୍ ଇଣ୍ଡିଆର ଠାକୁରାଣୀ ଖଣି ପରିଚାଳକ ପ୍ରମୋଦ କୁମାର ମିଶ୍ରଙ୍କ ଦ୍ୱାରା ପତାକା ଉତ୍ତୋଳନ ସହ ଆରମ୍ଭ ହୋଇଥିଲା। ଏହି ଅବସରରେ ଶପଥପାଠ, ସ୍ଲୋଗାନ, ପୋଷ୍ଟର ଓ ପ୍ରବନ୍ଧ ଲେଖା ପ୍ରତିଯୋଗିତା ସହ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓଏମ୍‌ସିର ଡିଜିଏମ୍ ଖଣି ଆବାହକ ଜ୍ଞାନପ୍ରକାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଖଣିର ଏଜିଏମ୍ ମହେନ୍ଦ୍ର ମହାନ୍ତି, ପଟାବେଡ଼ା ଲୁହାପଥର ଖଣି, ଏମ୍‌ଜିମ୍ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଯାଞ୍ଚ କରାଯାଇଥିଲା।

ଶେଷ ଦିନରେ ଡ୍ରୋନ୍ ସର୍ଭେ ଟେକ୍ନୋଲୋଜି, ଅଲିମ୍ପସ ହ୍ୟାଣ୍ଡହେଲ୍ଡ ଏକ୍ସଆର୍‌ଏଫ୍ ଏବଂ ମଡର୍ଣ୍ଣ ଏୟାର କ୍ୱାଲିଟି ମନିଟରିଂ ଉପକରଣ ସମ୍ବନ୍ଧୀୟ ବିଭିନ୍ନ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଠାକୁରାଣୀ ଖଣିର କର୍ମଚାରୀମାନେ ସ୍ଥାୟୀ ଖଣି ଉପରେ ଆଧାରିତ ନାଟକ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ଖୁସି ଫାଉଣ୍ଡେସନର ସଦସ୍ୟମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମାପନୀ ଉତ୍ସବରେ ଏଏମ୍ ଏନ୍‌ଏସ୍ ଇଣ୍ଡିଆର ସାଗାସାହି ଖଣି ପରିଚାଳକ ଏଲ୍‌ଡି ବାବୁ ଓ ଏଏମ୍ ଏନ୍‌ଏସ୍ ଇଣ୍ଡିଆର ଠାକୁରାଣୀ ଖଣିର ପରିଚାଳକ ପ୍ରମୋଦ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ।

## କେରଳା ଇଂରାଜୀ ମଧ୍ୟମ ସ୍କୁଲର ବାର୍ଷିକ ଉତ୍ସବ



**ବାଲିବନ୍ଧ, ୧୭।୧୨ (ସମିସ):** ଝୁମ୍ପୁରା ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ କେରଳା ଇଂରାଜୀ ମଧ୍ୟମ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ଡ. ପିଏସ୍ ରାଜମୋହନ, ସମ୍ପାଦିକା ଉମା ରାଜମୋହନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରିନ୍ସିପାଲ ଶୁଭ୍ରା ମହାନ୍ତି ଅଧକ୍ଷତା କରିଥିଲେ। ଆୟୋଜିତ ବାର୍ଷିକ ଉତ୍ସବରେ ଝୁମ୍ପୁରା ବିଡିଓ ହୃଦାନନ୍ଦ ଅଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଝୁମ୍ପୁରା ଥାନା ଅଧିକାରିଣୀ ସମବାରୀ ହାଁସଦାଃ ଏବଂ ଝୁମ୍ପୁରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ଚରଣ ସାହୁ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର କମିଟି ମେମ୍ବର ଜୟନ୍ତ କୁମାର ବେହେରା, ଡମ୍ବରୁଧର ଦାସ, ତପନ କୁମାର ମହାନ୍ତ, ଚମ୍ପୁଆ କୈରଳୀ କଲେଜ ପ୍ରିନ୍ସିପାଲ ଡକ୍ଟର ରାମାରାଜୁ, ଚମ୍ପୁଆ କେରଳା ଇଂରାଜୀ ମଧ୍ୟମ ବିଦ୍ୟାଳୟର ପ୍ରିନ୍ସିପାଲ ବିଜୟ କୁମାର ଭାରତୀ, ଭାଇସ୍ ପ୍ରିନ୍ସିପାଲ ଅଭିକ ମଣ୍ଡଳ, ଜଗନ୍ନାଥପୁର (ଝାରଖଣ୍ଡ) କେରଳା ଇଂରାଜୀ ମଧ୍ୟମ ବିଦ୍ୟାଳୟର ପ୍ରିନ୍ସିପାଲ ସୁରେନ୍ଦ୍ରନାଥ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରିନ୍ସିପାଲ ଶୁଭ୍ରା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବାସୁଦେବ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅତାସାହିରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

**ବେଲବାହାଲି, ୧୭।୧୨ (ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ବଳରାମପୁର ପନଚାୟତର ଅତାସାହି ଗ୍ରାମରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତାସାହି ଗ୍ରାମର ୪ ଜଣ ଲୋକ ଗୁଟଖା ଖାଇ ମୃତ୍ୟୁବରଣ କରିବା ପରେ ଗାଁର ଶିକ୍ଷିତ ଓ ସଚେତନ ଯୁବକମାନେ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଗୋବିନ୍ଦ ବାବା ମାଧ୍ୟମିକ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଓ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ନିଶାଦ୍ରବ୍ୟ ସେବନ ଓ ତାର ଅପକାରିତା ଉପରେ ଏକ ଚିତ୍ରାଙ୍କନ ରଚନା, ଲିଖନ ଭଳି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀ ଏ ସମ୍ପର୍କିତ ଫ୍ଲାଗ୍‌କାର୍ଡ ନେଇ ଅତାସାହି ଓ ଆଖପାଖ ଅଞ୍ଚଳ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ରୀ ଚିନ୍ମୟୀ ସାହୁ ଓ ଗ୍ରାମବାସୀଙ୍କ ପକ୍ଷରୁ ସୌମ୍ୟରଞ୍ଜନ ନାୟକ ପରିଚାଳନା କରିଥିଲେ।



## ଡିଏଭି ଓଏମ୍‌ସି ପବ୍ଲିକ୍ ସ୍କୁଲରେ ପୁସ୍ତକ ଉତ୍ସବ



**ଯୋଡ଼ା, ୧୭।୧୨(ସମିସ):** ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଜିଲିଙ୍ଗସ୍ଥ ଓଏମ୍‌ସି ଟାଉନସିପ୍ ପରିସରରେ ଡିଏଭି ଓଏମ୍‌ସି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ତିନିଦିନ ବ୍ୟାପୀ ଏକ ପୁସ୍ତକ ଉତ୍ସବ ବା ବୁକ୍ ଫେଷ୍ଟିଭାଲ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବକୁ ଓଏମ୍‌ସି ବଡ଼ବିଲ ଖଣି ଅଞ୍ଚଳର ଡେପୁଟି ଜେନେରାଲ ମ୍ୟାନେଜର ଚିନ୍ମୟ ପରିଡ଼ା ଉଦ୍‌ଘଟନ କରିଥିଲା ବେଳେ ଡିଏଭି ଓଏମ୍‌ସିର ପବ୍ଲିକ ସ୍କୁଲର ଅଧକ୍ଷ ସୌମେନ୍ଦ୍ର ନାୟକ ସ୍ୱାଗତ ପ୍ରଦାନ କରିଥିଲେ। ଗୋଟିଏ ଜାଗାରେ ପାଠକ ମନ ପସନ୍ଦର ପୁସ୍ତକ ମିଳିଥିବାରୁ ୩ଦିନ ଧରି ସନ୍ଧ୍ୟା ହେଲେ ପାଠକ ଓ ନବପ୍ରତିଭା ମାନଙ୍କ ଭିତରେ ଅପୂର୍ବ ମିଳନ ଦେଖିବାକୁ ମିଳୁଛି। ଏହି ଉତ୍ସବର ସାଂସ୍କୃତିକ ମଞ୍ଚରେ ଯୋଡ଼ାର ଗୋବିନ୍ଦମ୍ ନୃତ୍ୟ ଦଳ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲା ବେଳେ ଡିଏଭି ଓଏମ୍‌ସି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ସମବେତ ସଙ୍ଗୀତ ଓ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ସମ୍ମେଳନରେ ସୋଆ ବିଶ୍ୱବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟର ପ୍ରାଧ୍ୟାପିକା ଡ. ମାଳବିକା ମହାପାତ୍ର ମୁଖ୍ୟଅତିଥି ଓ କବୟିତ୍ରୀ ଇନ୍ଦିରା ଦାସ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଏଥିରେ ଲହଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଯୋଡ଼ାର ସେଣ୍ଟ ଆଣ୍ଟୋନି ସ୍କୁଲ ଓ ଟାଟା ଡିଏଭି ପବ୍ଲିକ ସ୍କୁଲ, ବଲାଣି ଡିଏଭି ପବ୍ଲିକ ସ୍କୁଲ, ବାମେବାରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଜୁରୁଡ଼ିର ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବାହାରିପୁର ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ଶିଶୁମେଳା

ହାଟଡିହି, ୧୭।୧୨(ସମିସ)



କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ବାହାରିପୁର ହାଇସ୍କୁଲରେ ଓଷ୍ଟା ପକ୍ଷରୁ ୪୦ ତମ ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜୟକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଧନେଶ୍ୱର ଖଣ୍ଡେଇ, ମୁଖ୍ୟବକ୍ତା ଭାବେ ବ୍ଲକ ସହ ଶିକ୍ଷାଧିକାରୀ ପ୍ରମୋଦ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ପଣ୍ଡା, ଯୁଧିଷ୍ଠିର ପାତ୍ର, ସହ ସମ୍ପାଦକ ଓଷ୍ଟା କଟକ ମୃତ୍ୟୁଞ୍ଜୟ ପଲେଇ, ସମ୍ପାଦକ ଓଷ୍ଟା ହାଟଡିହି ଶିଶିର କୁମାର ବିଶ୍ୱାଳ, ସଭାପତି ଓଷ୍ଟା ହାଟଡିହି ନବଘନ ନାୟକ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ୪୨ଟି ବିଦ୍ୟାଳୟରୁ ୨୨୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ୍ ଆଦି ପ୍ରତିଯୋଗିତା କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ଓଷ୍ଟାର ବ୍ଲକ ସଭାପତି ନବଘନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ଓଷ୍ଟା କେନ୍ଦୁଝରର ଶାନ୍ତନୁ କୁମାର ମିଶ୍ର, ମୁଖ୍ୟବକ୍ତା ପ୍ରଦୀପ ହଜାରି, ସମ୍ମାନୀତ ଅତିଥି ନିରାକାର ପାତ୍ର, ମନୋଜ ମିଶ୍ର, ବିଜୟ କୁମାର ସାହୁ, ଅନିରୁଦ୍ଧ ସେଠୀ, ଆନନ୍ଦ ଚନ୍ଦ୍ର ସାହୁ, ସୁଧାଂଶୁ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଭାଗର ପ୍ରଥମ ହୋଇଥିବା କୃତୀ ଛାତ୍ରଛାତ୍ରୀ ପ୍ରୀତିସୁଧା ମହାପାତ୍ର, ସାଇ ଶୁଭଦର୍ଶିନୀ ରାଉତ, କାହ୍ନା ସେଠୀ, ସ୍ୱସ୍ତିକ ଶୁଭଙ୍କର ସ୍ୱାଇଁ, ରଶ୍ମିରେଖା ସା, ସନ୍ତୋଷ କୁମାର ମହାରଣା, ଶୁଭ୍ରାଂଶୁ ଶେଖର ଜେନା, ପ୍ରିୟାଂଶୁ କୁମାର ନନ୍ଦ, ତନୁଜା ସ୍ୱାଇଁ, ଏନ୍. ଶୁଭଶ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସତ୍ୟପୀର ମହାନ୍ତି, ଦୁର୍ଯ୍ୟୋଧନ ଜେନା, ଆର୍ତ୍ତତ୍ରାଣ ଜେନା, ମାଧବାନନ୍ଦ ଜେନା, ବିନିତା ମହାପାତ୍ର, ବାଦଲ କୁମାର ଜେନା, ମନରଞ୍ଜନ ସାହୁ, ଦିବ୍ୟସିଂ ସୋରେନ, ଆଲୋକ କୁମାର ଦାସ, ସୋନାଲି ସାହୁ, ସୁଧାସିନ୍ଧୁ ପାଣି, ପ୍ରଦୀପ କୁମାର ସାହୁ, ନାରାୟଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଫାଇଲରେ ବନ୍ଧା ଠାକୁରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ

# ଯାତ୍ରୀ ହୀନସ୍ତା; କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ ଚେତାବନୀ

ଠାକୁରମୁଣ୍ଡା,୧୭।୧୨ (ସମିସ): ଠାକୁରମୁଣ୍ଡାରେ ବହୁ ପ୍ରତୀକ୍ଷିତ ବସ୍‌ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ଏବେ ଦିଗହରା ହୋଇଥିବା ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅଭିଯୋଗ ହେଉଛି। ବସ୍‌ଷ୍ଟାଣ୍ଡ ଓ ଶୌଚାଳୟ ପାଇଁ ଉପଯୁକ୍ତ ସ୍ଥାନ ଏବଂ ପର୍ଯ୍ୟାପ୍ତ ପରିମାଣର ସରକାରୀ ଜମି ଥିଲେ ମଧ୍ୟ ନିର୍ମାଣ ହୋଇପାରୁନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ବସ୍‌ଷ୍ଟାଣ୍ଡ ନିର୍ମାଣ ହେଉନଥିବାରୁ ଯାତ୍ରୀମାନେ ହୀନସ୍ତା ହେଉଛନ୍ତି। ବସ ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ପାଇଁ ଠାକୁରମୁଣ୍ଡା ସରପଞ୍ଚ ଆଲୋକ ଦଙ୍ଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଲିଖିତ ଆବେଦନ କରିଥିଲେ। ତଦନୁସାରେ ଏଥିପାଇଁ ଅର୍ଥ ବରାଦ ମଧ୍ୟ ହୋଇଥିଲା; ହେଲେ ଏହାକୁ ତରବରିଆଭାବେ ଠାକୁରମୁଣ୍ଡାରୁ ୨/୩ କିମି ଦୂର ଏକ ରାସ୍ତାକଡ ଜଙ୍ଗଲରେ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସ୍ଥାନକୁ ସ୍ଥାନୀୟ ବିଧାୟିକା ତଥା ମହିଳା, ଶିଶୁ ବିକାଶ ଓ ମିଶନଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ସ୍ଥାନ ନିରୂପଣ କରିବା ପରେ ଏହାକୁ ଠାକୁରମୁଣ୍ଡା ଅଞ୍ଚଳବାସୀ ବିରୋଧ କରିଥିଲେ। ପରେ ପଞ୍ଚାୟତ ଦ୍ୱାରା ଗ୍ରାମସଭାରେ ସ୍ଥିର ହୋଇଥିବା ଜମିରେ ନିର୍ମାଣ କରାଯିବାକୁ ଦାବି ହୋଇଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ପାଞ୍ଚପୀଢ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ତହସିଲଦାର ସୁଶ୍ରୀ ସୁପ୍ରିୟା ଏବଂ ଅନ୍ୟ ଅଧିକାରୀମାନେ ପୂର୍ବରୁ ଏଥିପାଇଁ ସ୍ଥିର ହୋଇଥିବା ଜମିକୁ ପର୍ଯ୍ୟବେକ୍ଷଣ କରିଥିଲେ ; ହେଲେ ଏହି ଜମିର ଅଳ୍ପ କିଛି ଅଂଶରେ ଦୁଇ/ତିନି ଜଣ ବ୍ୟବସାୟୀ ଦୋକାନ କରିଥିବାରୁ ସେମାନଙ୍କୁ ପ୍ରଶାସନିକ କର୍ମକର୍ତ୍ତା ଅନୁକମ୍ପା ପ୍ରଦର୍ଶନ କରି ନିର୍ମାଣ କାର୍ଯ୍ୟକୁ ଦିନଗଡାଇ ଚାଲିଥିବା ଅଭିଯୋଗ ହେଉଛି। ଏବେ ନିର୍ମାଣ କାମ ଫାଇଲରେ ବନ୍ଧା ହୋଇ ରହିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଏହି ବସ୍‌ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଇବାକୁ ସାଧାରଣରେ ଦାବି ହେଉଛି। ତୁରନ୍ତ ନିର୍ମାଣ ଆରମ୍ଭ ନ ହେଲେ ଅଞ୍ଚଳବାସୀ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଠାକୁରମୁଣ୍ଡା କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦିଆଯାଇଛି।



## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କରଞ୍ଜିଆ,୧୭।୧୨(ସମିସ): କରଞ୍ଜିଆ ପାଞ୍ଚପୀର ମହିଳା ଉଚ୍ଚ ମାଧ୍ୟାମିକ ବିଦ୍ୟାଳୟର ଦୁଇ ଦିନିଆ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଉମେଶ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବକୁ ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ରାଜନ ବିହାରୀ ସାହୁ ଓ ମହାରାଜା ପ୍ରବୀଣ ଭଞ୍ଜଦେଓ ଓ ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷା ଲୀଳାବତୀ ଚକ୍ର ଯୋଗ ଦେଇଥିଲେ। ପାରମ୍ଭରେ ଛାତ୍ରୀମାନଙ୍କ ତରଫରୁ ଆବାହନୀ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଧ୍ୟାପକ ଦିଲୀପ କୁମାର ପୃଷ୍ଟି ଅତିଥି ପରିଚୟ ଦେଇଥିଲେ। ଅର୍ଚ୍ଚନା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ସମାରୋହରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରୀମାନଙ୍କ ପକ୍ଷରୁ ଗ୍ରୁପ ଡ୍ୟାନ୍ସ, ସମ୍ବଲପୁରୀ, ଓଡିଶୀ, ଆଦିବାସୀ, ଝୁମର ନୃତ୍ୟ ଆଦି ପରିବେଷଣ କରାଯାଇଥିଲା।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳିତ

କରଞ୍ଜିଆ,୧୭।୧୨(ସମିସ): ଓଡ଼ିଶାର ବରପୁତ୍ର ତଥା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନର ପ୍ରଥମ ସଭାପତି ତଥା ମୟୂରଭଞ୍ଜ ମାଟିର ଗର୍ବ ଓ ଗୌରବ ମହାରାଜା ପୁଣ୍ୟଶ୍ଳୋକ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ତମ ଜୟନ୍ତୀ ରବିବାର ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ସହକାରୀ ଜିଲ୍ଲାପାଳ ନିହାରରଞ୍ଜନ ସେଠୀ, ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ସାମ୍ବାଦିକ ବିନ୍ଦୁଶାର ଦାଶ, ପାର୍ଥପ୍ରଶ୍ନ ମିଶ୍ର, ଡିଏମ ପବ୍ଲିକ ସ୍କୁଲର ଅରୁଣ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ କରଞ୍ଜିଆ ଗୋଲେଇ ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଗୋଲେଇ ପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡ଼ିଏମ ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀମାନେ ଯୋଗ ଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପାଠାଗାର ଗ୍ରନ୍ଥାଗରିକ ଅରୁଣ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ମୟୂରଭଞ୍ଜ ବଞ୍ଚାଓ କମିଟି କରଞ୍ଜିଆ ଶାଖା ପକ୍ଷରୁ ମୟୂରଭଞ୍ଜ ମହାରାଜା ପୁଣ୍ୟଶ୍ଳୋକ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଆଇନଜୀବୀ ସଂଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମଧୁବାରିଷ୍ଟର ମାର୍ଗରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଧେଶ୍ୟାମ ନାୟକ, ମୁଖ୍ୟବକ୍ତାଭାବେ ଗବେଷକ ଭରତ ଚନ୍ଦ୍ର ଦାଶ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଯନ୍ତ୍ରୀ ତ୍ରିଲୋଚନ ସେଠୀ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ସିଦ୍ଧାର୍ଥ ରାୟ, ବ୍ରଜକିଶୋର ପଣ୍ଡା, ବସନ୍ତ ରଣା, ଜିତେନ୍ଦ୍ର ସାହୁ ଓ ସୁଭାଷ ହେମ୍ବ୍ରମ ଯୋଗଦେଇ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଓଡିଶା, ଭାରତ ପ୍ରତି ଅବଦାନ ସଂପର୍କରେ ବଖାଣିଥିଲେ। ବସନ୍ତ ରଣା ଧନ୍ୟବାଦ ଦେଇଥିଲେ।

## ପ୍ଲାଷ୍ଟିକ୍ ବର୍ଜନ ସଚେତନତା କାର୍ଯ୍ୟକ୍ରମ

ଗୋରୁମହିଷାଣି, ୧୭।୧୨(ସମିସ): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୋରୁମହିଷାଣୀ ଅସୁର ଘାଟିରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପର୍ଯ୍ୟଟନସ୍ଥଳରୁ ପ୍ଲାଷ୍ଟିକ ବର୍ଜନ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ବନଖଣ୍ଡ ରେଞ୍ଜର ଜ୍ୟୋତିରଂଜନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାଦ ରଥ, ମୁଖ୍ୟବକ୍ତା ଏସିଏଫ୍ ପ୍ରଭାସ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଗୋରୁମହିଷାଣୀ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁନୀତା ମାଝୀ, ପରିବେଶବିତ୍ ଅଶୋକ ମହାନ୍ତ, ସାମ୍ବାଦିକ ତୁଷାର କାନ୍ତ ମହାନ୍ତ, ସୁବ୍ରତ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ପରିବେଶବିତ୍ ଲଳିତ କୁମାର ମହନ୍ତ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ଜଙ୍ଗଲ ସୁରକ୍ଷା ତଥା ପରିବେଶ ସୁରକ୍ଷା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ବର୍ତ୍ତମାନ ବଣଭୋଜି ସମୟରେ କିପରି ପ୍ଲାଷ୍ଟିକ ବର୍ଜନ କରିବେ ସେ ନେଇ ସଚେତନ କରିଥିଲେ। ଶେଷରେ ଗୋରୁମହିଷାଣୀ ବନପାଳ କାଶୀନାଥ ହାଁସଦା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶକ୍ତି ସଂରକ୍ଷଣ ଦିବସ ପାଳିତ

ରାଇରଙ୍ଗପୁର/ବହଳଦା,୧୭ ।୧୨(ସମିସ): ବହଳଦା ଉଚ୍ଚ ବାଳକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଶକ୍ତି ସଂରକ୍ଷଣ ସଚେତନତା ବାର୍ତ୍ତା ଲିଖିତ ପ୍ଲାକାର୍ଡ ଧରି ବହଳଦା ବଜାର ପରିକ୍ରମା ସହ ଶକ୍ତି ସଂରକ୍ଷଣ ଉପରେ ସାଧାରଣ ଜନତାଙ୍କୁ ସଚେତନ କରାଇଥିଲେ। ପରେ ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ସଚେତନତା ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଜଗନ୍ନାଥ ଗିରି, ସଂଗ୍ରାମକେଶରୀ ଗିରି, ହରେକୃଷ୍ଣ ବେହେରା, ଅଶୋକ ପ୍ରଜାପତି, ତନୁଜା ମହାନ୍ତ, କାର୍ତ୍ତିକ ବେହେରା ପ୍ରମୁଖ ଯୋଗଦେଇ ଶକ୍ତି ସଂରକ୍ଷଣ ଉପରେ ଛାତ୍ରଛାତ୍ରୀଙ୍କୁ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଧର୍ମପରାୟଣା ମହିଳାଙ୍କ ପରଲୋକ



ବାରିପଦା, ୧୭ ।୧୨ (ସମିସ): ବାରିପଦା ସହର ଦେଉଳସାହି ନିବାସୀ ବିଶିଷ୍ଟ ସମାଜସେବୀ ତଥା ଧର୍ମପରାୟଣ ମହିଳା ହରିପ୍ରୀୟା ମହାନ୍ତିଙ୍କ ୮୪ ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ପରେ ମର ଶରୀରକୁ ଦେଉଳସାହି ନିବାସକୁ ଅଣାଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି, ଆୟେସøଜନ୍ୟ ଓ ବନ୍ଧୁବାନ୍ଧବ ମରଶରୀରକୁ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଜଣେ ପରପୋକାରୀ, ମିଷ୍ଟଭାଷୀ ଓ ଧର୍ମପରାୟଣ ମହିଳା ଭାବେ ସବୁଠି ପରିଚିତ ଥିଲେ। ବାରୁଣୀ ଶ୍ମଶାନ ଘାଟରେ ଶେଷକୃତ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ଜଗନ୍ନାଥ ପ୍ରସାଦ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ସ୍ୱେଚ୍ଛାସେବୀ ଶିକ୍ଷକଙ୍କୁ ନେଇ କର୍ମଶାଳା

ଠାକୁରମୁଣ୍ଡା,୧୭।୧୨(ସମିସ): ବାରିପଦା ସ୍ଥିତ ମା’ ଅମ୍ବିକା ମହିଳା ମହାମଣ୍ଡଳ ଆନୁକୂଲ୍ୟରେ ଠାକୁରମୁଣ୍ଡା ଠାରେ ବ୍ଲକ ସ୍ତରୀୟ ନିଉ ଇଣ୍ଡିଆ ଲିଟେରାସି ପ୍ରୋଗ୍ରାମ (ଏନଆଇଏଲପି)ର ସ୍ୱେଚ୍ଛାସେବୀ ଶିକ୍ଷକମାନଙ୍କ ଏକ କର୍ମଶାଳା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ମହାମଣ୍ଡଳର ସମ୍ପାଦିକା ସାବିତ୍ରୀ ରାଉତଙ୍କ ପୌରୋହିତ୍ୟରେ




ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ଏବିଇଓ ସଂଯୁକ୍ତା ନାୟକ ଯୋଗଦେଇ ବ୍ଲକର ସମସ୍ତ ପଞ୍ଚାୟତରେ କାର୍ଯ୍ୟ କରୁଥିବା ସଂଯୋଜକ ସଂଯୋଜିକା ଏବଂ ସ୍ୱେଚ୍ଛାସେବୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ମନୋବଳ ବଢାଇଥିଲେ। ସମ୍ମାନିତ ଅତିଥି ଭାବେ ସମସ୍ତ ସିଆରସିସି ଯୋଗ ଦେଇଥିଲେ। ବ୍ଲକ ସଂଯୋଜିକା ବିନତା ସେଠୀ, ଠାକୁରମୁଣ୍ଡା ସଂଯୋଜକ ଦେବାଶିଷ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମଶାଳାରେ ସମସ୍ତ ପଂଚାୟତର ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମସ୍ତ ପଂଚାୟତ ସଂଯୋଜକ ତଥା ସଂଯୋଜିକା ଯୋଗ ଦେଇଥିଲେ। ମଂଚାସୀନ ଅତିଥି ତଥା ସଂପାଦିକା ସାବିତ୍ରୀ ରାଉତ ସେମାନଙ୍କୁ ପ୍ରତିଦିନ ସ୍ଥାନୀୟ ବିଦ୍ୟାଳୟରେ ସ୍କୁଲ ଛୁଟି ପରେ ଅନ୍ୟୂନ ଏକ ଘଣ୍ଟା ପାଇଁ ଗ୍ରାମର ନିରକ୍ଷରଙ୍କୁ ସାକ୍ଷର କରିବାକୁ ମାର୍ଗଦର୍ଶନ କରିଥିଲେ।

## ସଂକୁଳସ୍ତରୀୟ ଲଘୁ କ୍ରୀଡା ପ୍ରତିଯୋଗିତା



ବାରିପଦା,୧୭।୧୨(ସମିସ): ବାରିପଦା ଲକ୍ଷ୍ମୀପୋଷି କେନ୍ଦ୍ରୀୟ ବିଦ୍ୟାଳୟରେ ସଙ୍କୁଳ ସ୍ତରୀୟ ଲଘୁ କ୍ରୀଡା ପ୍ରତିଯୋଗୀତା ଉଦଯାପିତ ହୋଇଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ଏଲଡିଏମ ଯାଦବ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଓ କେବି ବାରିପଦାର ପ୍ରାକ୍ତନ ଅଧ୍ୟକ୍ଷ ଦାମୋଦର ପତି ଉପସ୍ଥିତ ରହି ବିଦ୍ୟାଳୟ ରୂପୀ କାରଖାନାରେ ଶିଶୁକୁ ଯୀଶୁ କରିବାରେ ଶିକ୍ଷାନୁଷ୍ଠାନର ଭୂମିକା ଅତୁଳନୀୟ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଏସକେ ନାଥ, ଅମରେଶ ବାସୁରୀ, ସୁମନ୍ତ କୁମାର ବେହେରା ପ୍ରମୁଖ ସଂଯୋଜନା କରି କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ବାଲେଶ୍ୱର ଜିଲ୍ଲାର ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ,କେନ୍ଦୁଝର, ଯାଜପୁର, ରାଇରଙ୍ଗପୁର, ଆନନ୍ଦପୁର, ମୁର୍ଗାବାଡି ଓ ଭଦ୍ରକର ପ୍ରତିଯୋଗୀମାନେ ଯୋଗଦେଇଥିଲେ। ଶେଷରେ ରାମଚନ୍ଦ୍ର ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ଆବାସ ଯୋଜନା ଅପହଞ୍ଚ; ଭଙ୍ଗା କୁଡ଼ିଆରେ ଜୀବନ

କୁଆମରା,୧୭।୧୨(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଗଡିଆମାଳ ଗ୍ରାମର ଅନଙ୍ଗ ମଳିକ (୬୫) ସରକାରୀ ଆବାସରୁ ବଞ୍ଚିତ ହୋଇ ଏକ ଭଙ୍ଗା ଚାଳିଆରେ ଜୀବନ ବିତାଉଛନ୍ତି। ବାସ୍ତବରେ ଅନଙ୍ଗଙ୍କ ପାଇ ସରକାରୀ ଯୋଜନା ସ୍ୱପ୍ନ ପାଲଟିଛି। ଅନଙ୍ଗଙ୍କ ବୟସ ବଢିବା ସହ କାନକୁ ଶୁଭୁନାହିଁ କି ସେତେଟା ଆଖି କି ବି ଦେଖାଯାଉନି। ଅସହାୟ ଅବସ୍ଥାରେ ପରିବାରଠାରୁ ଦୂରେଇ ଏକ ପଡିଆ ମଝିରେ ଛୋଟ ଝୁମ୍ପୁଡି ଘରେ ଦିନ ବିତାଉଛି। ଅନଙ୍ଗ ଏହି ଗ୍ରାମର ଝିଅ। ପାଖାପାଖି କୋଡିଏ ବର୍ଷ ହେବ ବାପା-ମା ଆରପାରିକୁ ଚାଲିଗଲେଣି। ତେବେ ଅନଙ୍ଗ ଅବିବାହିତ ଅବସ୍ଥାରେ କୁଷ୍ଠ ରୋଗରେ ପୀଡିତ ହୋଇଥିଲେ। ସେ ସମୟରେ ଏହି ଦୂରାରୋଗ୍ୟର କୌଣସି ନିରାକରଣ ବ୍ୟବସ୍ଥା ନ ଥିବାରୁ ତାଙ୍କୁ ସମାଜରୁ ବାସନ୍ଦ ହେବାକୁ ପଡିଥିଲା। ପରିବାର ଲୋକେ ତାଙ୍କୁ ଦୂରେଇ ଦେବାରୁ ସେ ଭିକ୍ଷା ବୃତ୍ତିକୁ ଆଦରି ନେଇଥିଲେ। ଦୀର୍ଘ କୋଡିଏ ବର୍ଷ ଧରି ବିଭିନ୍ନ ଗ୍ରାମ ବୁଲି ଭିକ୍ଷାବୃତ୍ତି କରି ପେଟ ପୋଷୁଥିଲେ। ଏବେ ସରକାରଙ୍କ ଯୋଜନାରେ ଭତ୍ତା ଓ ରାସନ ମିଳିବା ପରେ ସେ ଭିକ୍ଷାବୃତ୍ତିଠାରୁ ଦୂରରେ ରହିଛନ୍ତି। ମାତ୍ର ମୋ କୁଡ଼ିଆ ଯୋଜନା ତାଙ୍କ ପାଇଁ ସ୍ୱପ୍ନ ହୋଇଛି। ତେବେ ଅନଙ୍ଗ ପ୍ରତି ଆଜି ବି ସମାଜରେ ଛୁଆଁ ଅଛୁଆଁ ଭେଦଭାବ ଦେଖିବାକୁ ମିଳୁଛି। ତେଣୁ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଖଣ୍ଡେ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



## ଚାଷୀଙ୍କୁ ବିହନ ଓ କୀଟନାଶକ ଔଷଧ ବଣ୍ଟନ

ରାଇରଙ୍ଗପୁର,୧୭ ।୧୨(ସମିସ): ଇଣ୍ଟିଗ୍ରେଟ୍ ଟ୍ରାଇବାଲ ଡେଭଲପମେଣ୍ଟ ଏଜେନ୍ସି (ଆଇଟିଡ଼ିଏ) ରାଇରଙ୍ଗପୁର ପକ୍ଷରୁ ଉନ୍ନତ ମାନର ବିହନ ଓ କୀଟନାଶକ ଔଷଧ ଜାମଦା ବ୍ଲକ ତାଳଗାଁ ଗ୍ରା.ପ.ର ମହିଷକୁଦରରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ଅନୁସାରେ ମିଶନ ଜୀବିକା କ୍ଲଷ୍ଟର ଅନୁଯାୟୀ ବଣ୍ଟନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ବଣ୍ଟନ କାର୍ଯ୍ୟକୁ ବିଏଲଇ ଅଞ୍ଜନ କୁମାର ଦାଶ, ଏସ୍‌ଏମ୍‌ଏସ୍ ରାଜେନ୍ଦ୍ର କୁମାର ପାଡ଼ୀ ଉପସ୍ଥିତ ରହି ୭୦ ଏକରରେ ଚାଷ କରିବା ନିମନ୍ତେ ୯୦ ଜଣ ଚାଷୀଙ୍କୁ ବଣ୍ଟନ କରାଯାଇଛି। ଗହମ ୩୫ ଏକର, ସୋରିଷ ୨୦ ଏକର, ବାଇଗଣ ୧୫ ଏକର ସ୍ଥାନରେ ଚାଷ ନିମନ୍ତେ ଉନ୍ନତ ମାନର ବିହନ ଓ କୀଟନାଶକ ଔଷଧ ପ୍ରଦାନ କରାଯାଇଛି। ପିଏଆଇଟିଡିଏ ପରୀକ୍ଷିତ ଦାଶଙ୍କ ନିର୍ଦ୍ଦେଶରେ ପିଏମ୍ ସ୍ୱର୍ଣ୍ଣପ୍ରଭା ରଥ ଓ ଏସ୍‌ଏମ୍‌ଏସ୍ ରବୀନ୍ଦ୍ର କୁମାର ଗିରି ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟଯେ, ପ୍ରଥମବର୍ଷ ମହିଷକୁଦର ଚାଷୀ ୫୦ ଏକର ସ୍ଥାନରେ ଗହମ ଚାଷ କରି ନିଜେ ଖାଇବା ସହ ବିକ୍ରି କରି ରୋଜଗାରକ୍ଷମ ହୋଇପାରିଥିଲେ। ଦ୍ୱିତୀୟ ବର୍ଷ ମଧ୍ୟ ୫୦ଏକର ଜମିରେ ପନିପରିବା ଚାଷ କରିବା ପରେ ଚାଷୀ ଲାଭାନ୍ୱିତ ହୋଇପାରିଥିଲେ। ସେହିପରି ଗତ ବର୍ଷ ଗହମ ଓ ସୋରିଷ ଚାଷ ନିମନ୍ତେ ୫୦ଏକର ସ୍ଥାନରେ ଚାଷ କରି ମହିଷକୁଦର ଚାଷୀମାନେ ରାଇରଙ୍ଗପୁର ଉପଖଣ୍ଡରେ ଉଦାହରଣ ସାଜିଥିଲେ। ଏଠିକାର ଚାଷୀମାନଙ୍କର ସଫଳ ଚାଷ ପାଇଁ ଏ ବର୍ଷ ମଧ୍ୟ ଗହମ, ସୋରିଷ, ବାଇଗଣ ଉନ୍ନତମାନର ବିହନ ୭୦ ଏକର ସ୍ଥାନ ପାଇଁ ପ୍ରଦାନ କରାଯାଇଥିବା ବିଏଲ୍ଇ ଅଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି।



# ବିଭିନ୍ନ ଶିକ୍ଷାନୁଷ୍ଠାନରେ ‘ନୂଆ-ଓ’ କାର୍ଯ୍ୟକ୍ରମ



ବିଜାତଳା,୧୭।୧୨(ସମିସ): ଲୁହାଶିଳା ସ୍ଥିତ ଆର.କେ. ଜୁନିୟର କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ (ଆଇ.ୱାଇ.ଡି.ପି.) ଉଦଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ କବି ସଂଗ୍ରାମ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବର ପ୍ରଥମ ଦିନରେ ସାରସକଣା ବିଧାୟକ ଡ଼ାକ୍ତର ବୁଦ୍ଧାନ ମୁର୍ମୁ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାହିତ୍ୟିକ, ସାମ୍ବାଦିକ ଓ ସ୍ତମ୍ଭକାର କବିବିଷ୍ଣୁ ଶତପଥୀ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ମୀନା ସୋରେନ, ସାମାଜିକ କର୍ମୀ ସରୋଜ କୁମାର ମହାନ୍ତ, ଅମୋଦ କୁମାର ମହାନ୍ତ, ଯୁବନେତା ଆଲୋକ କୁମାର ମହାନ୍ତ ଯୋଗ ଦେଇଥିଲେ। ଉତ୍ସବର ଦ୍ୱିତୀୟ ଦିବସରେ ବିଜାତଳା ବ୍ଲକ ଅଧ୍ୟକ୍ଷା ରାନୀ ମୁର୍ମୁ ଓ ଲୁହାଶିଳା ସରପଞ୍ଚ ଅର୍ପିତା ମୁର୍ମୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବରେ



ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଅଧ୍ୟାପକ ଅଜୟ କୁମାର ଗିରି, ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ଶଶିକାନ୍ତ ନନ୍ଦ, ଅନୀଲ କୁମାର ଗିରି, ରୂପନାରାୟଣ ମାଝୀ, ରମାକାନ୍ତ ପାତ୍ର, ସଂଜୀବ କୁମାର ଗିରି, ପ୍ରହ୍ଲାଦ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିବିଧ ବୌଦ୍ଧିକ ତଥା କ୍ରୀଡ଼ା-ଆଧାରିତ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା।

**କଳାବାଡିଆ:** ବାଙ୍ଗିରିପୋଷି ହାଇସ୍କୁଲ ପଡିଆ ଓ ଷ୍ଟାଡିୟମରେ ନୂଆ ଓଡ଼ିଶା ଯୁବ ଓଡିଶା ତରଫରୁ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ୩ ଦିନ ଧରି ଚାଲିବ। ପ୍ରଥମ ଦିନରେ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ହେମ୍ବ୍ରମ ଗଣେଶଙ୍କ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ଫୁଟବଲରେ ୮୦ଟି ଦଳ, କ୍ରିକେଟ ୪୫ଟି ଦଳ, ଭଲିବଲ ୨୫ଟି ଦଳ, ହକି ୭ ଟି ଦଳ, ଖୋଖୋ ୨୦ଟି ଦଳ, କବାଡି ୨୦ଟି ଦଳ ମୋଟ ୨୯୭ ଟି ଦଳ ବିଭିନ୍ନ ବିଦ୍ୟାଳୟର ବାଳକ ଓ ବାଳିକା ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଏହି ଉତ୍ସବରେ ବ୍ଲକ ବିଡ଼ିଓ ମାନସ କୁମାର ଦଣ୍ଡପାଟ, ଏବିଡିଓ ରୂପେଶ କୁମାର ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶରତ ଚନ୍ଦ୍ର ଭୋଇ, ସଂପ୍ରସାରଣ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସିଂ, ଜିଲ୍ଲାପରିଷଦ ସଭ୍ୟ ସଭ୍ୟା ରାମଚନ୍ଦ୍ର ମୁର୍ମୁ, ପାର୍ବତୀ ସିଂ, ଉପାଧ୍ୟକ୍ଷ ରତିକାନ୍ତ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବୋଧ ମାରାଣ୍ଡି, ବ୍ଲକ ବଡ଼ବାବୁ ସୁନାରାମ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।



**କରଞ୍ଜିଆ :** ପାଞ୍ଚପୀଢ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ (ନୂଆ- ଓ) କାର୍ଯ୍ୟକ୍ରମ ଅନ୍ତର୍ଗତ ସାହିତ୍ୟ, ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଗତ ୧୨ରୁ ନୋଡାଲ ଅଫିସର ଅଧ୍ୟାପକ ଅନିଲ ଚାରୁଦର୍ଶୀଙ୍କ ନେତୃତ୍ୱରେ ହାସ୍ୟରସ, ନୃତ୍ୟ, ସଂଗୀତ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ତର୍କ, ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଡିସେମ୍ବର ୧୪ ରୁ ୧୬ ଯାଏଁ ନୋଡାଲ ଅଫିସର ଅଧ୍ୟାପିକା ସେବତୀ ପୃଷ୍ଟିଙ୍କ ନେତୃତ୍ୱରେ ଓ କ୍ରୀଡ଼ା ଶିକ୍ଷକ କାବୁଲୁ ଚନ୍ଦ୍ର ରାଉଳଙ୍କ ପରିଚାଳନାରେ ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, କବାଡି, ବ୍ୟାଡମିଣ୍ଟନ, ବାସ୍କେଟବଲ, କ୍ରିକେଟ, କ୍ୟାରମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଣତି ବାରିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ କରଂଜିଆ ବିଡିଓ ସୁଶାନ୍ତ କୁମାର ସୂତାର, ମୁଖ୍ୟବକ୍ତା ଭାବେ ପାଞ୍ଚପୀଢ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମେଶ କୁମାର ଅଗ୍ରୱାଲ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ



କରିଥିଲେ। ପରେ ମୁଖ୍ୟ ଅତିଥି କ୍ରୀଡା ପତକାକୁ ଅବତରଣ କରି ଖେଳ ଶିକ୍ଷକଙ୍କୁ ପ୍ରଦାନ କରିଥିଲେ। ଶେଷରେ ଏନ ଏସ ପାୟଲ ଧନ୍ୟବାଦ ଦେଇଥିଲେ।

**ରାସଗୋବିନ୍ଦପୁର :** ରାସଗୋବିନ୍ଦପୁର ବ୍ଲକ ତୋଟାପଡାସ୍ଥିତ ବାସୁଦେବ ସଂସ୍କୃତ ମହାବିଦ୍ୟାଳୟରେ ନୂଆ- ଓ କାର୍ଯ୍ୟକ୍ରମର ସାମାଜିକ ସପ୍ତାହ ପାଳିତ ହୋଇଯାଇଛି। ୧୧ ତାରିଖରେ ତମାଖୁ ବର୍ଜନ, ନିଶା ନିବାରଣ, ଭୋଟ ସଚେତନତା, ୧୩ ତାରିଖରେ ପ୍ଲାଷ୍ଟିକ ବର୍ଜନ ଯୋଗ ଶିବିର, ୧୪ ତାରିଖରେ ବାଲ୍ୟ ବିବାହ ଉଚ୍ଛେଦ, ଯୌତୁକ ପ୍ରଥା ଉଚ୍ଛେଦ, ସ୍ୱାସ୍ଥ୍ୟ ପରିକ୍ଷଣ ଶିବିର, ବ୍ଲଡ଼ ଗ୍ରୁପ ଏବଂ ୧୫ ତାରିଖରେ ସ୍ୱଚ୍ଛତା ଅଭିଯାନ, ଗ୍ରାମ୍ୟ ହାଟ ସଫେଇ, ଡାକ୍ତରଖାନା ସଫେଇ ଆଦିର ରାଲି ସହିତ କାର୍ଯ୍ୟକ୍ରମଗୁଡ଼ିକ ସାମାଜିକ କାର୍ଯ୍ୟକ୍ରମର ନୋଡାଲ ଅଫିସର ସଂସ୍କୃତ ସାହିତ୍ୟ ଅଧ୍ୟାପକ ଡ ଗିରିଜା ଶଙ୍କର ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ମହାପାତ୍ର, ମୁଖ୍ୟ ନୋଡାଲ ଅଫିସର ଇଂରାଜୀ ଅଧ୍ୟାପକ ସଞ୍ଜୀବ କୁମାର ପତି , ଅଧ୍ୟାପକ ପ୍ରଦୀପ କୁମାର ସାହୁ, ହରିଶ୍ଚନ୍ଦ୍ର ପାଣି, ଡଃ ସୁମତୀ ବିନ୍ଧାଣୀ, ଶଙ୍ଖଜିନୀ ବେହେରା, ଉର୍ମିଳା ପ୍ରଧାନ, ରଞ୍ଜନ କୁମାର ପାଣି, ବିନୋଦ ମହାନ୍ତ, ଶଙ୍କର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

**ଉଦଳା :** ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା ନିର୍ମାଣ ପାଇଁ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ “ନୂଆ-ଓ’ କାର୍ଯ୍ୟକ୍ରମରେ ଉପଖଣ୍ଡର ୨୬ଟି ମହାବିଦ୍ୟାଳୟର ଚୟନ ହୋଇଥିବା କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଏହି ସାଂସ୍କୃତିକ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଚୟନ କରାଯାଇଥିଲା। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଯତୀନ କୁମାର ମହାକୁଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିବା ବେଳେ ଅଧ୍ୟାପିକା ଡଃ ମିନାକ୍ଷୀ ପରିଡା ଓ ଅଧ୍ୟାପକ ଗୋଲକ ନାୟକ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲାସ୍ତରୀୟ




କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଚିତ୍ରକଳା, ବକ୍ତୃତା, ସଙ୍ଗୀତ, ହାସ୍ୟକଳା, ଏକକ ନୃତ୍ୟ, ଦଳ ନୃତ୍ୟ ମୋଟ ୧୮ ଜଣଙ୍କୁ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଚୟନ କରାଯାଇଥିଲା। ଶେଷରେ ଅଧ୍ୟାପକ ସୌମେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

• ସୁନ୍ଦରବନର ସୁରକ୍ଷା ଚିନ୍ତା

## ବିଏସ୍ଏଫ୍ ବନାଇବ ମେରିନ୍ ବାଟାଲିୟନ

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ସୁନ୍ଦରବନରେ ରଣନୈତିକ କ୍ଷମତା ବୃଦ୍ଧି କରିବାକୁ ସୀମା ସୁରକ୍ଷା ବାହିନୀ ଯୋଜନା କରୁଛି । ଭାରତ-ବାଂଲାଦେଶ ସୀମାର ସୁରକ୍ଷା, ଅନୁପ୍ରବେଶ ଏବଂ ଚୋରା କାରବାରକୁ ବନ୍ଦ କରିବା ପାଇଁ ମେରିନ ବାଟାଲିଅନ ବନାଇବ । ଏହି ସାମୁଦ୍ରିକ ବାହିନୀରେ ୧୧୦୦ ରୁ ଅଧିକ କର୍ମଚାରୀ, ୪୦ ଡ୍ରୋନର ଗୋଟିଏ ସ୍କାଡ୍ରନ ଏବଂ ୧୨ରୁ ୧୪ଟି ଅଲ-ଟେରେନ ଭେଇକିଲ (ଏଟିଭି)ର ରହିବ । କୋଲକାତା ସ୍ଥିତ ବିଏସ୍ଏଫ୍‌ର ଇଷ୍ଟର୍ଣ୍ଣ କମାଣ୍ଡ ପକ୍ଷରୁ ଏହି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଏବଂ ଆର୍ଥିକ ସହାୟତା ପାଇଁ ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ ଯେ ସୁନ୍ଦରବନ ବିଶ୍ୱର ସବୁଠାରୁ ବଡ଼ ହେନ୍ତାଳ ବନ । ଏହା ଭାରତରେ ୯,୬୩୦ ସ୍କୋୟାର କିମି ପର୍ଯ୍ୟନ୍ତ ବ୍ୟାପିଛି । ଏହି ମାର୍ଗଦେଇ ଆତଙ୍କବାଦୀ ଅନୁପ୍ରବେଶ କରୁଛନ୍ତି ।

• ଲିବିୟାରୁ ୟୁରୋପ ଯାତ୍ରା

## ଡଙ୍ଗା ବୁଡ଼ି ୬୧ ପ୍ରବାସୀଙ୍କ ମୃତ୍ୟୁ

**ତ୍ରିପୋଲି, ୧୭।୧୨ (ଏଜେନ୍ସି):** ଲିବିୟା ଉପକୂଳ ନିକଟରେ ପ୍ରବାସୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବୁଡ଼ି ଯାଇଛି । ଏହି ଦୁର୍ଘଟଣାରେ ୬୦ରୁ ଅଧିକ ପ୍ରବାସୀଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଶିଶୁ ଏବଂ ମହିଳା ମଧ୍ୟ ସାମିଲ ଅଛନ୍ତି । କିଛି ଲୋକ ମଧ୍ୟ ନିଖୋଜ ଅଛନ୍ତି । ସୂଚନା ଅନୁଯାୟୀ ଏହି ଡଙ୍ଗାରେ ୮୬ ଜଣ ଲୋକ ଯାତ୍ରା କରୁଥିଲେ । ଏମାନେ ଲିବିୟାର ଜ୍ୱାରା ବନ୍ଦରରୁ ୟୁରୋପ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଏହି ଡଙ୍ଗା ସମୁଦ୍ରର ବଡ଼ ଲହରୀକୁ ସାମ୍ନା କରି ନ ପାରି ବୁଡ଼ି ଯାଇଥିଲା । ଏହି ମାର୍ଗରେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୨୨୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି । ଏହି ଲୋକମାନେ ବେଆଇନ ଭାବେ ବିପଜ୍ଜନକ ନୌଯାତ୍ରା କରି ୟୁରୋପ ଯିବାକୁ ପ୍ରୟାସ କରୁଥିଲେ । ଆର୍ଥିକ ସଂକଟ ଯୋଗୁ ନୂଆ ବେଉସାର ସନ୍ଧାନ ପାଇଁ ପ୍ରବାସୀ ଏପରି ପଦକ୍ଷେପ ନେଉଛନ୍ତି ।

• ଦେଶରେ ପ୍ରଥମ

## ହେଲିକପ୍ଟର ପାଇଲଟଙ୍କ ପ୍ରଶିକ୍ଷଣ ଶେଷ

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ଦେଶରେ ପ୍ରଥମ ଥର ପାଇଁ ବହୁମୁଖୀ ଏମ୍ଏଚ୍ ୬୦ ଆର୍ ହେଲିକପ୍ଟର ପାଇଲଟଙ୍କ ପ୍ରଶିକ୍ଷଣ ଶେଷ ହୋଇଛି । ଭାରତୀୟ ନୌସେନା ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି । କୋଚିର ଆଇଏନ୍ଏସ୍ ଗରୁଡ଼ରେ ଏହି ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରଶିକ୍ଷଣ ଶେଷ କରିଥିବା ପାଇଲଟଙ୍କୁ ରିୟର ଆଡମିରାଲ ଅଂଶୁମାନ ଚୌହାନ ପ୍ରମାଣପତ୍ର ବାଣ୍ଟିଛନ୍ତି । ଏହି ପାଇଲଟଙ୍କ ମଧ୍ୟରେ ୨ ଜଣ ମହିଳା ଅଧିକାରୀ ସାମିଲ ଅଛନ୍ତି । ଏହାକୁ ଆତ୍ମନିର୍ଭର ଭାରତ ଦିଗରେ ବଡ଼ ପଦକ୍ଷେପ ବୋଲି କୁହାଯାଉଛି । ସୂଚନା ଅନୁଯାୟୀ ଭାରତ ଆମେରିକାଠାରୁ ଏହି ହେଲିକପ୍ଟର କିଣିଥିଲା । ୨୪ଟି ହେଲିକପ୍ଟର ପାଇଁ ଚୁକ୍ତି ହୋଇଥିଲା । ଏହା ଦ୍ୱାରା ଭାରତର ଆଣ୍ଟି-ସବ୍‌ମରିନ ଯୁଦ୍ଧ କ୍ଷମତା ବୃଦ୍ଧି ପାଇଛି । ପୂର୍ବରୁ ଏହି ହେଲିକପ୍ଟରର ପାଇଲଟ ଆମେରିକାରେ ପ୍ରଶିକ୍ଷଣ ନେଉଥିଲେ ।

# ସଂସଦ ସୁରକ୍ଷା ତ୍ରୁଟି ଅତ୍ୟନ୍ତ ସାଙ୍ଘାତିକ: ମୋଦୀ

**ବିରୋଧୀଙ୍କୁ ପରୋକ୍ଷ ଚେତାବନୀ**
**ଘଟଣାକୁ ହାଲୁକା ନ ନେବା ଉଚିତ**
**ପୋଡ଼ାଯାଇଥିବା ୪ ମୋବାଇଲ ଜବତ**
**କେନ୍ଦ୍ରକୁ ସମାଲୋଚନା କଲେ ମମତା**

ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି)



ସଂସଦ ସୁରକ୍ଷା ତ୍ରୁଟି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି । ଏହି ଘଟଣାକୁ ସେ ଅତ୍ୟନ୍ତ ଗମ୍ଭୀର ଏବଂ ବିପଦପୂର୍ଣ୍ଣ ବୋଲି କହିବା ସହିତ ଏହାକୁ କେହି ବି ସହଜରେ ଗ୍ରହଣ ନକରିବା ଉଚିତ ବୋଲି କହିଛନ୍ତି । ବିଶେଷକରି ଦଳ ମତ ନିର୍ବିଶେଷରେ ରାଜନେତା ଏବଂ ଗଣମାଧ୍ୟମ ଏହି ଘଟଣାକୁ ହାଲୁକା ଭାବେ ବିବେଚନା ନ କରିବା ଉଚିତ ବୋଲି କହିଛନ୍ତି । ଏହାସହିତ ଏକ ସ୍ୱତନ୍ତ୍ର କମିଟି ଦ୍ୱାରା ଘଟଣାର ପୂର୍ଣ୍ଣ ଯାଞ୍ଚ ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ନିର୍ଦ୍ଦେଶ ଦେଇଥିଲା ବେଳେ ସମ୍ପୂର୍ଣ୍ଣ ତଥ୍ୟ ମିଳିବା ଯାଏଁ ସମସ୍ତେ ଅପେକ୍ଷା କରିବା ଉଚିତ ବୋଲି ମୋଦୀ କହିଛନ୍ତି । ମୋଦୀଙ୍କର ଏଭଳି ମନ୍ତବ୍ୟ ବିଭିନ୍ନ ଦିଗକୁ ସୂଚିତ କରିଛି । ଦେଶରେ ବଢୁଥିବା ବେକାର ସମସ୍ୟା ଏବଂ ଦରଦାମ ବୃଦ୍ଧିକୁ ନେଇ ଯୁବପିଢିଙ୍କ ମଧ୍ୟରେ ରହିଥିବା ହତାଶାଭାବ ଏଭଳି ଘଟଣାକୁ ଜନ୍ମ ଦେଇଛି ବୋଲି ଗତକାଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ । କିନ୍ତୁ ଘଟଣାପଛରେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କାର୍ଯ୍ୟ କରିଛି ବୋଲି ମୋଦୀ ପରୋକ୍ଷରେ କହିଛନ୍ତି ।

ଏହାଛଡ଼ା ଏହି ଘଟଣାରେ ଜଡ଼ିତ ସବୁ ଅଭିଯୁକ୍ତଙ୍କ କାର୍ଯ୍ୟଶୈଳୀ ଯେଭଳି ରହିଛି ତାହାକୁ ନେଇ ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ଦେଶରେ ଦରଦାମ ବୃଦ୍ଧି କିମ୍ବା ବେକାର ସମସ୍ୟା ପାଇଁ କ'ଣ କେହି ସଂସଦରେ ଆକ୍ରମଣ କରିବ କି ବୋଲି ଅନେକ ମହଲରେ ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ମୁଖ୍ୟ ଅଭିଯୁକ୍ତ ଲଳିତ ଝା ଅନ୍ୟ ୪ ଅଭିଯୁକ୍ତଙ୍କ ମୋବାଇଲ ଫୋନଗୁଡିକୁ ରାଜସ୍ଥାନର ନାଗୋରରେ ପୋଡି ଜଳାଇ ଦେଇଥିଲା ବେଳେ ଦିଲ୍ଲୀ ପୁଲିସ ରବିବାର ଏଗୁଡିକୁ ଜବତ କରିଛି । ସେଗୁଡିକର ଯାଞ୍ଚ ପାଇଁ ଫୋରେନସିକ୍ ଲ୍ୟାବକୁ ପଠାଇ ଦିଆଯାଇଛି । କିନ୍ତୁ ଲଳିତ ମୋବାଇଲ ଫୋନଗୁଡିକୁ ପୋଡି ଦେବାକୁ ନେଇ ମଧ୍ୟ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି । ଅଭିଯୁକ୍ତମାନେ ଅନେକ ତଥ୍ୟ ନଷ୍ଟ କରିବା ଉଦ୍ଦେଶ୍ୟରେ ଏଭଳି କରିଛନ୍ତି ଏବଂ ଏହା ପଛରେ କିଛି ବିଶେଷଜ୍ଞମାନଙ୍କ ହାତ ରହିଥିବା କୁହାଯାଉଛି । ଏଭଳି ସ୍ଥଳେ କେବଳ ଦରଦାମ ବୃଦ୍ଧି କିମ୍ବା ବେକାର ସମସ୍ୟାକୁ ନେଇ ଏହି ଯୁବକମାନେ ସଂସଦରେ ପଶି ଏଭଳି କାଣ୍ଡ ଭିଆଇଥିବା କଥାକୁ ସହଜରେ ଗ୍ରହଣ କରାଯାଇପାରୁନି । ଏହାପଛରେ କିଛି ମନ୍ଦ ଉଦ୍ଦେଶ୍ୟ ରହିଥିବା ଆକଳନ କରାଯାଉଛି । ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରିବାକୁ ଗୁରୁତ୍ୱ ଦେଇଛନ୍ତି ।ବର୍ତ୍ତମାନ ସମସ୍ତ ଅଭିଯୁକ୍ତଙ୍କୁ ଦିଲ୍ଲୀ ପୁଲିସ ରିମାଣ୍ଡରେ ନେଇ ପଚରାଉଚରା ଚଳାଇଥିଲା ବେଳେ ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟ କିଛି ଅଭିଯୁକ୍ତଙ୍କ ନକ୍ସଲ ଲିଙ୍କ ରହିଥିବା କୁହାଯାଉଛି । କିନ୍ତୁ ଯାଞ୍ଚ ରିପୋର୍ଟରେ ଯଦି ସେଭଳି କିଛି ତଥ୍ୟ ସାମ୍ନାକୁ ଆସେ ତେବେ ବିରୋଧୀଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ରାଜନୀତିକ ବିଶାରଦମାନେ ଆଶଙ୍କା କରିଛନ୍ତି । କାରଣ ରାହୁଲଙ୍କ ସ୍ୱର ସହ ତାଳ ଦେଇ ଅନ୍ୟ ବିରୋଧୀ ଦଳ ନେତାମାନେ ମଧ୍ୟ ଘଟଣାର କାରଣ ପଛରେ କେନ୍ଦ୍ରର ଭୁଲ ନୀତି ରହିଛି ବୋଲି କହିଛନ୍ତି । କେବଳ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀର ବିଷୟ ବୋଲି କହିଛନ୍ତି ।

• ବିସ୍ଫୋରକ କମ୍ପାନୀରେ ବିସ୍ଫୋରଣ

## ୯ ଜଣଙ୍କ ମୃତ୍ୟୁ; ୩ ଆହତ

• ସେନା ପାଇଁ ପ୍ରସ୍ତୁତ ହେଉଥିଲା ଅସ୍ତ୍ରଶସ୍ତ୍ର
• ଗୋଳାବାରୁଦ ଥିବାରୁ କୋଠା ଧ୍ୱଂସ

**ନାଗପୁର, ୧୭।୧୨ (ଏଜେନ୍ସି):** ମହାରାଷ୍ଟ୍ର ନାଗପୁରର ବାଜାରଗାଁଓରେ ଥିବା ବିସ୍ଫୋରକ କମ୍ପାନୀ 'ସୋଲାର ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆ ଲିମିଟେଡ'ରେ ରବିବାର ସକାଳ ୯ଟାରେ ଭୟଙ୍କର ବିସ୍ଫୋରଣ ହୋଇଛି । ଏଥିଯୋଗୁଁ କୋଠାରେ ନିଆଁ ଲାଗି ଯାଇଛି । ଏହି ଦୁର୍ଘଟଣାରେ ୯ ଜଣ ଲୋକଙ୍କ ମୃତ୍ୟୁ



ହୋଇଛି । ୩ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୬ ମହିଳା ଏବଂ ୩ ପୁରୁଷ ସାମିଲ ଅଛନ୍ତି । ନାଗପୁର ଗ୍ରାମୀଣ ଏସ୍‌ପି ହର୍ଷ ପୋଦ୍ଦାର କହିଛନ୍ତି ଯେ କାଷ୍ଟ ବୁଷ୍ଟର ପ୍ଲାଣ୍ଟରେ ପ୍ୟାକିଂ ସମୟରେ ବିସ୍ଫୋରଣ ହୋଇଥିଲା । ଏହି ବିସ୍ଫୋରଣ ଏତେ ପ୍ରଚଣ୍ଡ ଥିଲା ଯେ ସିବି ଏଚ୍ ପ୍ଲାଣ୍ଟର କୋଠା ମଧ୍ୟ ଧ୍ୱଂସ ପାଇ ଯାଇଥିଲା । ଏହି କମ୍ପାନୀରେ ସେନା ପାଇଁ ଅସ୍ତ୍ରଶସ୍ତ୍ର ନିର୍ମାଣ କରାଯାଉଥିଲା । ତେଣୁ ବିପୁଳ ମାତ୍ରାରେ ଗୋଳାବାରୁଦ ଆଣି ରଖା ଯାଇଥିଲା । ବିସ୍ଫୋରଣ ପରେ ବିଷାକ୍ତ ରସାୟନିକ ସମ୍ପୂର୍ଣ୍ଣ କାରଖାନାକୁ ବ୍ୟାପି ଯାଇଥିଲା । ତେଣୁ ମୃତ୍ୟୁସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି । ଏହି ଘଟଣାକୁ ନେଇ ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଶୋକ ପ୍ରକାଶ କରିଛନ୍ତି । ସେ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି । ଏହା ପୂର୍ବରୁ ଅଗଷ୍ଟରେ ମଧ୍ୟ କମ୍ପାନୀରେ ନିଆଁ ଲାଗି ଯାଇଥିଲା । ସେ ସମୟରେ ଆବର୍ଜନାରେ ବିସ୍ଫୋରଣ ହୋଇ ୨ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା । ଏହି କମ୍ପାନୀ ଦେଶର ପ୍ରମୁଖ ଅସ୍ତ୍ରଶସ୍ତ୍ର ନିର୍ମାତାଙ୍କ ମଧ୍ୟରୁ ଅନ୍ୟତମ । ଏଠାରେ ଭାରତୀୟ ସ୍ଥଳ ଏବଂ ନୌସେନା ପାଇଁ ବିଭିନ୍ନ ଅସ୍ତ୍ରଶସ୍ତ୍ର ନିର୍ମାଣ କରାଯାଉଛି । ଏହା ସହିତ କମ୍ପାନୀ ମାଧ୍ୟମରେ ୩୦ରୁ ଅଧିକ ଦେଶକୁ ଅସ୍ତ୍ରଶସ୍ତ୍ର ରପ୍ତାନୀ କରାଯାଇଥାଏ ।

**ବିଶ୍ୱର ପ୍ରଥମ ରାଷ୍ଟ୍ର**



**ଭାରତକୁ ବଡ଼ ସଫଳତା**

## ଏକା ସଙ୍ଗେ ୪ ଲକ୍ଷ୍ୟଭେଦ କଲା 'ଆକାଶ'

ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି)

ଭାରତୀୟ ବାୟୁସେନାକୁ ରବିବାର ବଡ଼ ସଫଳତା ମିଳିଛି । ବାୟୁସେନା 'ଆକାଶ' ଏୟାର ଡିଫେନ୍ସ ମିସାଇଲ ସିଷ୍ଟମର ସଫଳ ପରୀକ୍ଷଣ କରିଛି । ଏହି କ୍ଷେପଣାସ୍ତ୍ର ଏକାସଙ୍ଗେ ୪ଟି ଲକ୍ଷ୍ୟକୁ ଭେଦ କରି ଧ୍ୱଂସ କରିଦେଇଛି । ବିଶ୍ୱର ପ୍ରଥମ ଦେଶ ଭାବେ ଭାରତ ଏହି କୃତିତ୍ୱ ହାସଲ କରିଛି । 'ସିଙ୍ଗିଲ ଫାୟାରିଂ ୟୁନିଟ' ରେ କମାଣ୍ଡ ମାଧ୍ୟମରେ ୪ଟି ଲକ୍ଷ୍ୟକୁ ଭେଦ କରିବାରେ ସଫଳ ହୋଇଛି । ପ୍ରତିରକ୍ଷା ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ ୧୨ ତାରିଖରେ ସୂର୍ଯ୍ୟଲଙ୍କା ବାୟୁ ସେନା ଷ୍ଟେସନରେ ଅନୁଷ୍ଠିତ 'ଅସ୍ତ୍ରଶକ୍ତି' ଯୁଦ୍ଧାଭ୍ୟାସ ସମୟରେ ସ୍ୱଦେଶୀ ଆକାଶ ମିସାଇଲ ସିଷ୍ଟମର ବିଧ୍ୱଂସକ କ୍ଷମତା ପ୍ରଦର୍ଶନ କରାଯାଇଥିଲା । ଏହି ସ୍ୱଦେଶୀ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ (ଡିଆରଡିଓ) ବିକଶିତ କରିଛି । ଏହାକୁ କିଣିବା ପାଇଁ ଅନେକ ଅନ୍ତର୍ଜାତୀୟ ଗ୍ରାହକ ଅର୍ଡର ଦେଇଛନ୍ତି । ଡିଆରଡିଓ ବୈଜ୍ଞାନିକମାନେ ଏହାକୁ କ୍ରମାଗତ ଭାବେ ଅପ୍‌ଗ୍ରେଡ କରି ଚାଲିଛନ୍ତି ।

ଆକାଶ ୱିପନ ସିଷ୍ଟମ (ଏଡବ୍ଲ୍ୟୁଏସ୍) ଭାରତ ଡାଇନୋମିକ୍ସ ଲିମିଟେଡ (ବିଡିଏଲ)ର ଏକ ସ୍ୱଳ୍ପ ଦୂରଗାମୀ ପ୍ରତିରକ୍ଷା ବ୍ୟବସ୍ଥା । ଏହା ଭୂପୃଷ୍ଠରୁ ଆକାଶକୁ ଆକ୍ରମଣ କରିପାରିବ । ଏହା ଶତ୍ରୁର ଆକ୍ରମଣକୁ ଆକାଶରେ ଧ୍ୱଂସ କରିଦେବ । ସୂଚନା ଅନୁଯାୟୀ ଏହା ଗ୍ରୁପ ମୋଡ୍ କିମ୍ବା ସ୍ୱୟଂଚାଳିତ ମୋଡ୍‌ରେ ଏକାସଙ୍ଗେ ଅନେକ ଲକ୍ଷ୍ୟକୁ ଭେଦ କରିପାରିବ । ଏଥିରେ ବିଲ୍ଟ-ଇନ ଇଲେକ୍‌ଟ୍ରୋନିକ କାଉଣ୍ଟର ମେଜର୍ସ (ଇସିସିଏମ୍) କ୍ଷମତା ରହିଛି । ସମ୍ପୂର୍ଣ୍ଣ ପ୍ରଣାଳୀକୁ ମୋବାଇଲ ପ୍ଲାଟଫର୍ମ ଉପରେ ମୁତୟନ କରାଯାଇଛି । ଏହା ୪ରୁ ୨୫ କିମି ଭିତରେ ଉଡ଼ାଣ ଭରୁଥିବା ହେଲିକପ୍ଟର, ଯୁଦ୍ଧ ବିମାନ ଏବଂ ୟୁଏଭିକୁ ଧ୍ୱଂସ କରିଦେବ । ଏହାକୁ ରେଳ କିମ୍ବା ସଡ଼କ ମାର୍ଗରେ ସହଜରେ ଅନ୍ୟ ସ୍ଥାନକୁ ନେଇ ହେବ ।

## ୩ ହାଇବ୍ରିଡ୍ ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୧୭।୧୨ (ଏଜେନ୍ସି):** ଜମ୍ମୁ-କାଶ୍ମୀର ଶ୍ରୀନଗରରୁ ପୁଲିସ ୩ ଜଣ ହାଇବ୍ରିଡ୍ ଆତଙ୍କବାଦୀଙ୍କୁ ଗିରଫ କରିଛି । ଏହି ଆତଙ୍କବାଦୀ କନଷ୍ଟେବଲ ମହମ୍ମଦ ହାଫିଜ ଚାକଙ୍କ ଉପରେ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି । କାଶ୍ମୀର ଆଇଜି ରବିବାର ଏହି ସୂଚନା ଦେଇଛନ୍ତି । ପୁଲିସ ସୂଚନ ଅନୁଯାୟୀ ଗତ ୯ ତାରିଖରେ କନଷ୍ଟେବଲଙ୍କ ଉପରେ ୬ ଗୁଳି ମାଡ଼ କରାଯାଇଥିଲା । ଏଥିରୁ ୩ଟି ତାଙ୍କ ଦେହରେ ବାଜିଥିଲା । ସୂଚନାଯୋଗ୍ୟ ଯେ ହାଇବ୍ରିଡ୍ ଆତଙ୍କବାଦୀ ଆକ୍ରମଣ ପରେ ସାଧାରଣ ଲୋକଙ୍କ ଭଳି ଜୀବନ ବିତାଇଥାନ୍ତି ।

## ମାଉଣ୍ଟ ଆବୁ ତାପମାତ୍ରା ବିୟୁକ୍ତ ୧ ଡିଗ୍ରୀ

**ତାମିଲନାଡୁରେ ବର୍ଷା; କାଶ୍ମୀରରେ ତୁଷାରପାତ**

**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ଦେଶର ପାଣିପାଗ ବଦଳିବାରେ ଲାଗିଛି । ଅନେକ ରାଜ୍ୟରେ ଅସହ୍ୟ ଶୀତ ଅନୁଭୂତ ହେଉଛି । ଜମ୍ମୁ-କାଶ୍ମୀରରେ ପ୍ରବଳ ତୁଷାରପାତ ଜାରି ରହିଛି । ପର୍ଯ୍ୟଟନ ସ୍ଥଳୀ ଗୁଲମାର୍ଗ ବରଫ ଚାଦରରେ ଘୋଡ଼େଇ ହୋଇଯାଇଛି । କୋଙ୍ଗଡୋରି ଅଞ୍ଚଳର ତାପମାତ୍ରା ରବିବାର ବିୟୁକ୍ତ ୪ ଡିଗ୍ରୀରେ ପହଞ୍ଚି ଯାଇଛି । ତୁଷାରପାତ ଯୋଗୁଁ ରାସ୍ତା ବନ୍ଦ ହୋଇଯାଇଛି । ସେହିପରି ରାଜସ୍ଥାନ ମାଉଣ୍ଟ ଆବୁର ତାପମାତ୍ରା ବିୟୁକ୍ତ ୧



ଡିଗ୍ରୀରେ ପହଞ୍ଚିଛି । ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର, ଛତିଶଗଡ଼ରେ ଶୀତ ବୃଦ୍ଧି ପାଇଛି । ତାମିଲନାଡୁରେ ବର୍ଷା ଲାଗି ରହିଛି ।

• ୨୦୨୪ ନିର୍ବାଚନୀ ହାୱା ବିଜେପି ସପକ୍ଷରେ: ଚିଦମ୍ବରମ

## ଦଳର ଦୁର୍ବଳତା ଦୂର କରନ୍ତୁ କଂଗ୍ରେସ ନେତୃତ୍ୱ



**ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ଆସନ୍ତା ଲୋକସଭା ନିର୍ବାଚନର ହାୱା ବିଜେପି ସପକ୍ଷରେ ରହିଛି । ଏହି ଦଳ ନିର୍ବାଚନକୁ କେବେ ବି ହାଲ୍‌କାରେ ନେଇନାହିଁ । ବିଜେପି ଶେଷ ଲଢ଼େଇ ଭଳି ନିର୍ବାଚନ ଲଢୁଛି । ତେବେ ହାୱା ମାର୍ଗ ବଦଳାଇ ଦେଇପାରେ । କିନ୍ତୁ ବିରୋଧୀ ଦଳଗୁଡିକ ବିଜେପିର କ୍ଷମତା ଆକଳନ କରିବା ଉଚିତ । ଛତିଶଗଡ଼, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ବିଜେପିକୁ ସାମର୍ଥ୍ୟ ମିଳିଛି । ଛତିଶଗଡ଼ ଏବଂ ରାଜସ୍ଥାନରେ କଂଗ୍ରେସ ହାରିବ ବୋଲି ଆଶା ନ ଥିଲା । ଏହାର ଫଳାଫଳ ଚିନ୍ତାଜନକ ଥିଲା । ଦଳୀୟ ନେତୃତ୍ୱ ଏହି ସବୁ ଦୁର୍ବଳତା ଦୂର କରିବେ ବୋଲି ଆଶା । ଏକ ସାକ୍ଷାତକାରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ନେତା ପି ଚିଦମ୍ବରମ ଏହି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଯେ ବିରୋଧୀ ମେଣ୍ଟ 'ଇଣ୍ଡିଆ' ୪୦୦-୪୨୫ ଆସନରେ ବିଜେପିର ମୁକାବିଲା କରିପାରୁଥିବା ପ୍ରାର୍ଥୀ ବାଛିବା ଉଚିତ । ଲୋକଙ୍କ ପ୍ରତିକ୍ରିୟା ଦ୍ୱାରା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବାଛିବାରେ ସହାୟତା ମିଳିବ । ତେବେ ବିଜେପି ଧ୍ରୁବୀକରଣ କରୁଛି । ମୁସଲମାନ ଏବଂ ଖ୍ରୀଷ୍ଟିଆନ ବିରୋଧରେ ଏବଂ ଅତି-ରାଷ୍ଟ୍ରବାଦର ପ୍ରଚାର କରୁଛି । ଏହାକୁ ନେଇ ସେ ଚିନ୍ତିତ ଅଛନ୍ତି ।

**ଦେଶରେ ଦ୍ରୁତଗତିରେ ବଢୁଛି ସୁନା ଚୋରାଚାଲାଣ**

# ୪ ବର୍ଷରେ ୨ ଗୁଣ ବୃଦ୍ଧି

• ଅଗଷ୍ଟ ସୁଦ୍ଧା ୩,୯୧୮ କେଜି ସୁନା ଜବତ
• ୨୦୨୦ରେ ଜବତ ହୋଇଥିଲା ୨,୧୫୫ କେଜି
• ପୂର୍ବୋତ୍ତର ରାଜ୍ୟରେ ଚୋରାଚାଲାଣ ହ୍ରାସ
• ୧୭ ରାଜ୍ୟ ତୁଳନାରେ ମହାରାଷ୍ଟ୍ରରେ ସର୍ବାଧିକ
• ରତ୍ନ ଚୋରା କାରବାରରେ ଗୁଜରାଟ ଆଗରେ



ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି)

ଦେଶରେ ସୁନା ଚୋରା ଚାଲାଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ଗତ ଚାରି ବର୍ଷରେ ଏହା ଦ୍ୱିଗୁଣିତ ହୋଇଯାଇଛି । ୨୦୨୦ରେ ସୁନା ଚୋରାଚାଲାଣର ୨୫୬୭ଟି ମାମଲା ସାମ୍ନାକୁ ଆସିଥିଲା । ଏଥିରୁ ୨୧୫୫ କିଗ୍ରା ସୁନା ଜବତ କରାଯାଇଥିଲା । ତେବେ ଚଳିତ ବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ସୁନା ଚୋରାଚାଲାଣର ୪,୭୯୮ ମାମଲା ସାମ୍ନାକୁ ଆସିଲାଣି । ଏହି ସମୟରେ ୩,୯୧୮ କେଜି ସୁନା ଜବତ କରାଯାଇଛି । ସୂଚନା ଅନୁଯାୟୀ କେବଳ ପୂର୍ବୋତ୍ତର ରାଜ୍ୟରେ ସୁନା ଚୋରାଚାଲାଣ ମାମଲା ହ୍ରାସ ପାଇଛି । କିନ୍ତୁ ଅନ୍ୟ ସବୁ ରାଜ୍ୟରେ ବୃଦ୍ଧି ପାଇ ଚାଲିଛି ।

ଉତ୍ତର, ପୂର୍ବ ଏବଂ ମଧ୍ୟ ଭାରତର ୧୭ ରାଜ୍ୟରେ ଯେତିକି ସୁନା ଚୋରାଚାଲାଣ ହେଉଛି, ସେତିକି କେବଳ ମହାରାଷ୍ଟ୍ରରୁ ଚାଲାଣ କରାଯାଉଛି । ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ପଞ୍ଜାବ, ହିମାଚଳ ପ୍ରଦେଶ, ଜମ୍ମୁ-କାଶ୍ମୀର, ଚଣ୍ଡିଗଡ଼, ଲଦାଖ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ବିହାର, ଓଡ଼ିଶା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼, ଗୁଜରାଟ, ଗୋଆ, ଦାଦ୍ରା-ନଗର ହାବେଳୀ ଏବଂ ଡାମନ-ଡିଉରୁ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୯୪୦ କେଜି ସୁନା ଜବତ ହୋଇଛି । ଏହି ସମୟରେ କେବଳ ମହାରାଷ୍ଟ୍ରରୁ ଚୋରା ଚାଲାଣର ୧୩୫୭ଟି ମାମଲା ସାମ୍ନାକୁ ଆସିଥିଲା । ଏଥିରୁ ୯୯୭.୫ କେଜି ସୁନା ଜବତ କରାଯାଇଥିଲା । ମହାରାଷ୍ଟ୍ରରେ ୨୦୨୦ରେ ୧୯୧ କେଜି ଏବଂ ଚଳିତ ବର୍ଷ ୯୯୭.୫ କେଜି ସୁନା ଜବତ କରାଗଲାଣି । ସେହିପରି କେରଳରୁ ୪୦୬ କେଜି ଏବଂ ୫୪୨ କେଜି, ତାମିଲନାଡୁରୁ ୩୭୫ କେଜି ଏବଂ ୪୯୯ କେଜି, କର୍ଣ୍ଣାଟକରୁ ୫୨ କେଜି ଏବଂ ୧୩୯ କେଜି, ପଶ୍ଚିମବଙ୍ଗରୁ ୨୦୨୦ରେ ୨୨୨ କେଜି ଏବଂ ଚଳିତ ବର୍ଷ ୪୨୬ କେଜି ସୁନା ଜବତ ହେଲାଣି । ଗତ ୪ ବର୍ଷରେ ହୀରା ଏବଂ ଅନ୍ୟ ମୂଲ୍ୟବାନ ରତ୍ନ ଚୋରାଚାଲାଣ ମାମଲା ୫ ଗୁଣ ବୃଦ୍ଧି ପାଇଛି । ତେବେ ଚଳିତ ବର୍ଷ ଗୁଜରାଟରେ ସର୍ବାଧିକ ଚୋରା ଚାଲାଣ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ ଯେ ଗତ କିଛି ମାସ ହେଲା ସୁନା ମୂଲ୍ୟ ୧୧ ପ୍ରତିଶତ ବୃଦ୍ଧି ପାଇଛି । ଗତ ସପ୍ତାହରେ ସୁନା ମୂଲ୍ୟ ୬୪,୪୬୦ (୧୦ ଗ୍ରାମ ପିଛା) ଟଙ୍କା ଥିଲା ।



## ଗୀତାବାଣୀ

ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।
ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ॥୨୩॥

ଯାହାଙ୍କର ଆସକ୍ତି ସର୍ବଥା ନଷ୍ଟ ହୋଇଯାଇଛି, ଯେ ମୁକ୍ତ ହୋଇ ସାରିଛନ୍ତି, ଯାହାଙ୍କର ବୁଦ୍ଧି ସ୍ୱରୂପଭୂତ ଜ୍ଞାନରେ ଅବସ୍ଥିତ, କେବଳ ଯଜ୍ଞ ଉଦ୍ଦେଶ୍ୟରେ କର୍ମରତ ଏପରି ମନୁଷ୍ୟଙ୍କର ସମସ୍ତ କର୍ମ ବିଲୀନ ହୋଇଯାଏ ।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୨୩)

# ପୂଜାରେ ତମ୍ବା ବାସନର ଗୁରୁତ୍ୱ

**ପ୍ରତ୍ୟେକ ପୂଜାରେ ତମ୍ବା ଥାଳି, ଗିନା, ଢାଳ ଏବଂ ଆଚମନିକୁ ଉପଯୋଗ କରାଯାଏ । ତେବେ ପୂଜାରେ କାହିଁକି ତମ୍ବା ବାସନକୁ ଉପଯୋଗ କରାଯାଏ, ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ । ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

- ଶାସ୍ତ୍ର ଅନୁସାରେ, ତମ୍ବା ବାସନକୁ ଶୁଦ୍ଧ ବୋଲି ବିଚାର କରାଯାଏ । କାରଣ ତମ୍ବା ବାସନ ନିର୍ମାଣରେ କୌଣସି ଅନ୍ୟ ଧାତୁର ବ୍ୟବହାର ହୋଇ ନ ଥାଏ । ତମ୍ବା ବାସନର ମହତ୍ତ୍ୱ ସମ୍ପର୍କରେ ବାରାହ ପୁରାଣରେ ମଧ୍ୟ ବର୍ଣ୍ଣନା ରହିଛି । ଏହାର ଉପଯୋଗ ଦ୍ୱାରା ନକାରାତ୍ମକ ଶକ୍ତି ଦୂରେଇ ରୁହେ । କାରଣ ଏହାକୁ ସୂର୍ଯ୍ୟଦେବଙ୍କ ଧାତୁ କୁହାଯାଏ । କାରଣ ଭଗବାନ ସୂର୍ଯ୍ୟ ନାରାୟଣ ପୂରା ପ୍ରକୃତିର ଶକ୍ତିର ବାହକ । ତାଙ୍କର ତମ୍ବା ବାସନ ପ୍ରିୟ । ସେଥିପାଇଁ ଏହାର ଉପଯୋଗରେ ନକାରାତ୍ମକ ଶକ୍ତି ଦୂର ହୋଇଥାଏ ।
- ଅନ୍ୟପରେ ତମ୍ବାକୁ ନେଇ ବୈଜ୍ଞାନିକ ମାନ୍ୟତା ବି ରହିଛି । ତମ୍ବାର ସ୍ୱାସ୍ଥ୍ୟ ଉପକାରିତା ସମ୍ପର୍କରେ ଗବେଷଣା ରହିଛି । ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ତମ୍ବା ପାତ୍ରରେ ପାଣି ରଖି ପିଇବା ଦ୍ୱାରା ଶରୀର ସୁସ୍ଥ ରହେ ।



# ମାର୍ଗଶିରରେ ଗୀତାପାଠ



ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ ହେଉଛି ମାର୍ଗଶିର । ଏକଥା ଗୀତାରେ ଉଲ୍ଲେଖ ରହିଛି । କାର୍ତ୍ତିକ ମାସ ଭଳି ଏହି ମାସଟି ମଧ୍ୟ ମହତ୍ତ୍ୱପୂର୍ଣ୍ଣ । ବିଶେଷକରି ଏହି ମାସରେ ଜପ ତପ, ଧ୍ୟାନ କରିବାକୁ କୁହାଯାଏ । ତା'ସହ ସକାଳୁ ଏହି ମାସରେ ପବିତ୍ର ନଦୀରେ ସ୍ନାନ କରିବାର ମଧ୍ୟ ନିୟମ ଅଛି । ଏହାଦ୍ୱାରା ବିଶେଷ ଫଳ ପ୍ରାପ୍ତି ହୁଏ ।

କେବଳ ସେତିକି ନୁହେଁ, ମାର୍ଗଶିରରେ ଭଜନ କୀର୍ତ୍ତନ କରିବା ଦ୍ୱାରା ସୁଫଳ ପ୍ରାପ୍ତି ହୁଏ । ଏହିମାସରେ ନିତିଦିନ 'ଓଁ ନମଃ ଭଗବତେୟ ବାସୁଦେବାୟ' ମନ୍ତ୍ର ଜପ କଲେ ଭଗବାନଙ୍କ କୃପା ପ୍ରାପ୍ତି ହୁଏ । ସେହିପରି ଏହିମାସରେ ଗୀତାପାଠ କରିବା ଦରକାର । କାରଣ ମାର୍ଗଶିର ମାସରେ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ସଖା ଅର୍ଜୁନଙ୍କୁ ଗୀତା ଜ୍ଞାନ ପ୍ରଦାନ କରିଥିଲେ । ସେଥିପାଇଁ ଏହି ମାସରେ ଗୀତା ଜୟନ୍ତୀ ପାଳନ କରାଯାଏ । ଏବର୍ଷ ଗୀତା ଜୟନ୍ତୀ ଡିସେମ୍ବର ୨୪ରେ ପଡୁଛି ।

**ହିନ୍ଦୁ ଧର୍ମରେ ଚାରିଧାମ ଯାତ୍ରାର ବିଶେଷ ମହତ୍ତ୍ୱ ଅଛି । ଏହି ଯାତ୍ରା କରୁଥିବା ସମସ୍ତ ଲୋକ ନିଜକୁ ଭାଗ୍ୟବାନ ମନେ କରନ୍ତି । ସେହିପରି ପ୍ରତ୍ୟେକ ହିନ୍ଦୁ ଜୀବନକାଳରେ ନିହାତି ଥରୁଟିଏ ଚାରିଧାମ ତୀର୍ଥଯାତ୍ରାରେ ଯିବା ଦରକାର । କାରଣ ଚାରିଧାମ ଯାତ୍ରା କରିବା ଦ୍ୱାରା ମନୁଷ୍ୟ ଜନ୍ମମୃତ୍ୟୁ ବନ୍ଧନରୁ ମୁକ୍ତ ହୋଇଥାଏ । ଚାରିଧାମ ଦେଶର ଚାରି ଦିଗରେ ଅବସ୍ଥିତ । ସେସବୁ ହେଲା ପୂର୍ବରେ ପୁରୀ, ପଶ୍ଚିମରେ ଦ୍ୱାରକା, ଉତ୍ତରରେ ବଦ୍ରିନାଥ ଓ ଦକ୍ଷିଣରେ ରାମେଶ୍ୱରମ୍ ।**

# ଚାରିଧାମ
## ତୀର୍ଥଯାତ୍ରାର ମହତ୍ତ୍ୱ









### କେମିତି ଆରମ୍ଭ ଚାରିଧାମ ଯାତ୍ରା

କୁହାଯାଏ, ଆଦି ଶଙ୍କରାଚାର୍ଯ୍ୟ ଦେଶକୁ ଏକତା ସୂତ୍ରରେ ବାନ୍ଧିବା ପାଇଁ ଚାରିଧାମ ତଥା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗକୁ ସୂଚୀବଦ୍ଧ କରି ଏହି ତୀର୍ଥସ୍ଥଳର ଯାତ୍ରା ଆରମ୍ଭ କରିଥିଲେ । ଏହାପଛରେ ତାଙ୍କର ଉଦ୍ଦେଶ୍ୟ ଥିଲା, ଦେଶର ବିଭିନ୍ନ ସ୍ଥାନରେ ରହୁଥିବା ଲୋକ ପୂରା ଭାରତର ବିବିଧତାକୁ ଏକତାର ଭାବ ନେଇ ଭାରତୀୟ ସଂସ୍କୃତି ସହ ପରିଚିତ ହେବା । ଆଜି ବି ଲୋକ ଚାରିଧାମ ଯାତ୍ରା କରି ନିଜକୁ ସୌଭାଗ୍ୟ ମନେ କରୁଛନ୍ତି । ଅବଶ୍ୟ ପୂର୍ବ ତୁଳନାରେ ଏବେ ସବୁ ପ୍ରକାର ସୁବିଧାସୁଯୋଗ ଏହି ଚାରିଧାମ ଯାତ୍ରାକୁ ଅଧିକ ସହଜ କରିଛି ।

### ଯାତ୍ରାର ଉଦ୍ଦେଶ୍ୟ କ'ଣ

ଚାରିଧାମ ଯାତ୍ରା ହେଉଛି ଭାରତର ଚାରି ତୀର୍ଥସ୍ଥଳ । ମାନ୍ୟତାନୁସାରେ, ଚାରିଧାମ ଯାତ୍ରା କରିବା ଦ୍ୱାରା ମନୁଷ୍ୟ ଜନ୍ମମୃତ୍ୟୁ ବନ୍ଧନରୁ ମୁକ୍ତ ହୋଇଥାଏ । ଯେଉଁମାନେ ଏହି ଯାତ୍ରାରେ ଶ୍ରଦ୍ଧାପୂର୍ବକ ବାହାରନ୍ତି, ସେମାନଙ୍କ ସମସ୍ତ ପାପ ଧୋଇ ହୋଇଯାଏ । ଏହାବାଦ୍ ଚାରିଧାମ ଯାତ୍ରା ଜୀବନରେ ସୁଖ ଆଣିଥାଏ । କୁହାଯାଏ, ଏହି ସ୍ଥାନରେ ସ୍ୱୟଂ ଈଶ୍ୱର ବାସ କରନ୍ତି । ତେଣୁ ଈଶ୍ୱରଙ୍କ ସତ୍ତାକୁ ଅନୁଭବ କରିବାକୁ ଚାହୁଁଥିଲେ, ଚାରିଧାମ ଯାତ୍ରା ଅବଶ୍ୟ କରିବା ଦରକାର । ଚାରିଧାମ ଯାତ୍ରା ଦ୍ୱାରା ଶ୍ରଦ୍ଧାଳୁଙ୍କ ମନ ଆସ୍ଥାରେ ପୂରି ଉଠେ । ତେବେ ହରିଦ୍ୱାରରୁ ହିଁ ତୀର୍ଥଯାତ୍ରୀ ଚାରି ପବିତ୍ର ସ୍ଥାନକୁ ଯାତ୍ରାରମ୍ଭ କରନ୍ତି । ସେହିପରି ବଦ୍ରିନାଥ ଧାମରେ ଯାତ୍ରା ସମାପ୍ତ କରିବା ପୂର୍ବରୁ ସେମାନେ ପ୍ରଥମେ କେଦାରନାଥ ଧାମରେ ଅଟକନ୍ତି ।

### କେବେ ଯିବେ

ପ୍ରତିବର୍ଷ ଏପ୍ରିଲ ମାସରୁ ଚାରିଧାମ ଯାତ୍ରା ଆରମ୍ଭ ହୁଏ । ଅବଶ୍ୟ ଜୁନ୍-ଅଗଷ୍ଟରେ ପ୍ରବଳ ବର୍ଷା ହେବା ଯୋଗୁଁ ଏହିସମୟରେ ତୀର୍ଥଯାତ୍ରୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେବେ ସେପ୍ଟେମ୍ବର ହେଉଛି ଏହି ଯାତ୍ରା ପାଇଁ ଉପଯୁକ୍ତ ସମୟ । କାରଣ ବର୍ଷା ପରେ ଏଠାକାର ପ୍ରାକୃତିକ ପରିବେଶକୁ ତୀର୍ଥଯାତ୍ରୀ ଆନନ୍ଦର ସହକାରେ ଉପଭୋଗ କରନ୍ତି ।

# ବ୍ୟଞ୍ଜନ ଦ୍ୱାଦଶୀ

**ମାର୍ଗଶିର ଶୁକ୍ଳ ଦ୍ୱାଦଶୀକୁ 'ବ୍ୟଞ୍ଜନ ଦ୍ୱାଦଶୀ' ବା ଅଖଣ୍ଡ ଦ୍ୱାଦଶୀ କୁହାଯାଏ । ଏହିଦିନଟି ଭଗବାନ ଶ୍ରୀକୃଷ୍ଣଙ୍କୁ ସମର୍ପିତ । ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ଏହା ଏକ ପ୍ରମୁଖ ପର୍ବ ।**

ପୌରାଣିକ ଆଖ୍ୟାନ ଅନୁସାରେ, ଏହିଦିନ ମାତା ଯଶୋଦା ପ୍ରଭୁ ଶ୍ରୀକୃଷ୍ଣଙ୍କ ଖୁସି ପାଇଁ ତାଙ୍କୁ ବିବିଧ ବ୍ୟଞ୍ଜନ ଖୁଆଇ ଥିଲେ । ଏହାକୁ ସ୍ମରଣ କରି ବୈଷ୍ଣବୀୟ ମଠ ଗୁଡ଼ିକରେ ଠାକୁରଙ୍କୁ ବହୁ ପ୍ରକାରର ଭୋଗ ଲଗାଯାଇଥାଏ । ତେବେ ଏ କ୍ଷେତ୍ରରେ ପୁରୀର ମାତାମଠ ବା ଗୌର ବିହାର ଆଶ୍ରମ ଖୁବ୍ ଆଗରେ । କିଛିବର୍ଷ ଏଠାରେ ଠାକୁରଙ୍କୁ ଶହ ଶହ ପ୍ରକାରର ବ୍ୟଞ୍ଜନ ଲାଗି କରାଯାଏ । ଯାହା ଦେଶ ତଥା ଦେଶ ବାହାରେ ଚର୍ଚ୍ଚାର ବିଷୟ ହୋଇଥାଏ । କେବେ ୫୦୫ ତ ଆଉ କେଉଁ ବର୍ଷ ୫୫୫, ୬୦୬ ପ୍ରକାର ବ୍ୟଞ୍ଜନ ଲାଗି ହୁଏ ।

ତେବେ ଏସବୁ ବ୍ୟଞ୍ଜନରେ ୫୦ରୁ ଅଧିକ ପ୍ରକାର ଅନ୍ନ, ୫୦ରୁ ଅଧିକ ପ୍ରକାର ଡାଲି, ୧୦୦ରୁ ଅଧିକ ପ୍ରକାର ତରକାରି, ୫୦ରୁ ଅଧିକ ପ୍ରକାର ଭଜା ଓ ୧୦୦ରୁ ଅଧିକ ପ୍ରକାର ପିଠା ଓ ମିଠା ଆଦି ପ୍ରସ୍ତୁତ ହୁଏ । ସେହିପରି ଏତେ ସଂଖ୍ୟକ ବ୍ୟଞ୍ଜନ ପରଷିବା ପାଇଁ ସ୍ୱତନ୍ତ୍ର ଭାବେ ତିଆରି ଖଲିପତ୍ର ବ୍ୟବହାର କରାଯାଏ । ଏହିସବୁ ବ୍ୟଞ୍ଜନାଦିକୁ କୃଷ୍ଣଙ୍କ ପାଖରେ ଲାଗି ହୁଏ । ତେବେ ଏହି ଭୋଗ ସଂଖ୍ୟା ପ୍ରତିବର୍ଷ ବଦଳିଥାଏ । ଅନ୍ୟପଟେ ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ମଠ ମନ୍ଦିରରେ ମଧ୍ୟ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି କରାଯାଇ ଭୋଗ ଲାଗି କରାଯାଏ ।



## ଏକାଗ୍ରତା ବୃଦ୍ଧି କରେ
# ନଅମୁଖୀ ରୁଦ୍ରାକ୍ଷ

**ଅନେକ ଲୋକ ରୁଦ୍ରାକ୍ଷ ଧାରଣ କରନ୍ତି । ତେବେ ରୁଦ୍ରାକ୍ଷର ନଅମୁଖୀ ରୂପକୁ ଦେବୀ ଦୁର୍ଗାଙ୍କ ସ୍ୱରୂପ ଭାବେ ବିବେଚନା କରାଯାଏ । ଏହାକୁ ଧାରଣ କରିବା ଦ୍ୱାରା ମୃତ୍ୟୁଭୟ ରହେ ନାହିଁ ।**

- ନଅମୁଖୀ ରୁଦ୍ରାକ୍ଷର ଅନ୍ୟତମ ବିଶେଷତ୍ୱ ହେଉଛି ଗ୍ରହ ଯୋଗୁଁ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ସମସ୍ୟାକୁ ଏହା ଦୂର କରିଥାଏ ।
- ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରି ଦେଖାଇବାର କ୍ଷମତା ନଅମୁଖୀ ରୁଦ୍ରାକ୍ଷର ଥିବା କୁହାଯାଏ । କୌଣସି ବ୍ୟକ୍ତିବିଶେଷଙ୍କୁ ପ୍ରାରମ୍ଭରୁ କାର୍ଯ୍ୟ ଅସମ୍ଭବ ମନେ ହେଉଥିଲେ, ଏହାକୁ ଧାରଣ କରିବା ଦ୍ୱାରା, ତାହା ସମ୍ଭବ ହେଉଥିବା ବିଶ୍ୱାସ ରହିଛି ।
- ଏହାକୁ ଧାରଣ କଲେ ମସ୍ତିଷ୍କ ଶାନ୍ତ ରହେ, ଏକାଗ୍ରତା ଏବଂ ଆତ୍ମବିଶ୍ୱାସ ବୃଦ୍ଧିପାଏ ।
- କର୍ମପଥରେ ସଫଳତା ପ୍ରାପ୍ତି ହୁଏ ।
- ସୋମବାର ଦିନ ସୁନା ଓ ରୁପା ଲକେଟ୍‌ରେ ଏହାକୁ ପିନ୍ଧିବା ଶୁଭଦାୟକ ।



# ପର୍ସରେ ରଖନ୍ତୁନି ଏହି ଜିନିଷ

**ପର୍ସରେ ରଖାଯାଉଥିବା ଜିନିଷ ମଧ୍ୟ ଗୁରୁତ୍ୱ ବହନ କରେ । ସାଧାରଣତଃ ପର୍ସରେ ଟଙ୍କା ବ୍ୟତୀତ ଅନ୍ୟାନ୍ୟ ଜିନିଷ ମଧ୍ୟ ଲୋକେ ରଖନ୍ତି । ତେଣୁ କିଛି ଜିନିଷ ଏଭଳି ଅଛି, ଯାହାକୁ ପର୍ସରେ ରଖିଲେ ମା' ଲକ୍ଷ୍ମୀ କୋପ କରନ୍ତି ।**

- ପର୍ସରେ କେବେ ବି ଚିରାଫଟା ନୋଟ୍ ରଖନ୍ତୁ ନାହିଁ ।
- ଅଦରକାରୀ କାଗଜ, ଭିଜିଟିଂ କାର୍ଡ ମଧ୍ୟ ରଖିବା ଅନୁଚିତ ।
- ମଝିରେ ମଝିରେ ପର୍ସ ସଫା କରନ୍ତୁ । ପର୍ସ ସଫା ରହିଲେ ଲକ୍ଷ୍ମୀ ବାସ କରନ୍ତି ।
- ଫଟା ପର୍ସ ପକେଟ୍‌ରେ ରଖନ୍ତୁ ନାହିଁ
- ଫଟା ପର୍ସ ରଖିଲେ ଲକ୍ଷ୍ମୀ ଦୂରେଇ ଯାଆନ୍ତି ।




## ବୁଦ୍ଧକଥା
# ପରିଶ୍ରମର ଫଳ



**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ଓ ନୀତିବାଣୀ ଦ୍ୱାରା ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରା ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ପରିଶ୍ରମର ଫଳକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ଓ ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

ଜଣେ ବ୍ୟକ୍ତି ସବୁବେଳେ ଦୂରରୁ ପାଣି ଆଣନ୍ତି । ଏହା ଦେଖି ଦିନେ ତାଙ୍କୁ ଗୌତମବୁଦ୍ଧ ପରାମର୍ଶ ଦେଲେ, ପ୍ରତିଦିନ ଦୂରକୁ ଯାଇ ପାଣି ଆଣୁଛ, ଘର ପାଖରେ କୂଅଟିଏ ଖୋଳି ଦେଉନ । ସବୁଦିନ ପାଇଁ ପାଣି ସମସ୍ୟା ଦୂରେଇ ଯିବ । ସେଇଠୁ ବୁଦ୍ଧଙ୍କ ପରାମର୍ଶ ମାନି ସେ କୂଅ ଖୋଳିବା ଆରମ୍ଭ କଲା । ତେବେ ସାତ, ଆଠ ଫୁଟ୍ ଖୋଳିବା ପରେ ପାଣି କ'ଣ ଓଦା ମାଟି ମଧ୍ୟ ସେ ପାଇଲା ନାହିଁ । ସେଇଠୁ ସେ ସେହି ସ୍ଥାନରେ କୂଳ ଖୋଳିବା ବନ୍ଦ ରଖି ଅନ୍ୟ ଏକ ସ୍ଥାନରେ କୂଅ ଖୋଳିଲା । ସେହି ସ୍ଥାନରେ ମଧ୍ୟ ଦଶ ଫୁଟ୍ ଗାତ କରିବା ପରେ ପାଣି ମିଳିଲା ନାହିଁ ।

ଏହାପରେ ପୁଣି ଆଉ ଏକ ଜାଗାରେ ଯାଇ କୂଅ ଖୋଳିବାକୁ ଲାଗିଲା । ସେହି ସ୍ଥାନରେ ମଧ୍ୟ ସମାନ ସ୍ଥିତି ସେ ସାମ୍ନା କଲା । ପାଣି ପାଇବା ଆଶାରେ ବ୍ୟକ୍ତିଜଣକ ଏହିପରି ଭାବେ ଦଶଟି କୂଅ ଖୋଳି ଦେଇଥିଲା । କିନ୍ତୁ କୌଣସି ଗୋଟିଏ କୂଅରୁ ତା'କୁ ପାଣି ଟୋପେ ମିଳି ନ ଥିଲା ।

ପାଣି ନ ମିଳିବାରୁ ସେ ନିରାଶ ହୋଇ ବୁଦ୍ଧଙ୍କ ପାଖକୁ ଯାଇ ନିଜ ସମସ୍ୟା ବାବଦରେ କହିଲା, 'ଆଜ୍ଞା ମୁଁ ସମୁଦାୟ ଦଶଟି କୂଅ ଖୋଳିଲି । ହେଲେ କୌଣସି ଗୋଟିଏ କୂଅରୁ ପାଣି ପାଇଲି ନାହିଁ' ଏହାଶୁଣି ବୁଦ୍ଧ ଆଶ୍ଚର୍ଯ୍ୟ ହେଲେ । ଏହାସହ ସେହି ବ୍ୟକ୍ତିଙ୍କ ସହ କୂଅ ଖୋଳାଯାଇଥିବା ସ୍ଥାନକୁ ଗଲେ । ବୁଦ୍ଧ ପ୍ରତ୍ୟେକ କୂଅର ଗଭୀରତା ଦେଖି ପରିଣାମ ବୁଝିଗଲେ ।

ଶେଷରେ ବୁଦ୍ଧ କହିଲେ, "ଦଶଟି କୂଅ ଖୋଳିବା ପରିବର୍ତ୍ତେ ଯଦି ତୁମେ ଗୋଟିଏ କୂଅରେ ସମସ୍ତ ପରିଶ୍ରମ ଖର୍ଚ୍ଚ କରିଥାନ୍ତ, ପାଣି ତୁମକୁ କେତେବେଳୁ ମିଳିଯାଆନ୍ତାଣି । ଏବେ ତୁମେ ସମସ୍ତ କୂଅକୁ ବନ୍ଦ କରି ଦିଅ । କେବଳ ଗୋଟିଏ କୂଅକୁ ପରିଶ୍ରମ କରି ଗଭୀରତା ସହ ଖୋଳ । ଦେଖିବ ପାଣି ପାଇବ ।" ବ୍ୟକ୍ତି ଜଣକ ମଧ୍ୟ ବୁଦ୍ଧଙ୍କ କଥା ମାନି ସେପରି କଲେ । ପରିଣାମସ୍ୱରୂପ କୂଳ ଖୋଳିବା ସମ୍ପୂର୍ଣ୍ଣ ହେବାରୁ ତାକୁ ପାଣି ମିଳିଯାଇ ଥିଲା । ଏହା ଦେଖି ବ୍ୟକ୍ତି ଜଣକ ଖୁବ୍ ଖୁସି ହୋଇଯାଇଥିଲା ।

# ଶନିଙ୍କ ପ୍ରିୟ ନୀଲମ୍



**ରତ୍ନଶାସ୍ତ୍ରରେ ଗ୍ରହ ଅନୁସାରେ ରତ୍ନଧାରଣ କରିବା କଥା କୁହାଯାଇଛି । ଏଥିରୁ ଅନ୍ୟତମ ନୀଲମ୍ । ଏହାକୁ ଶନିଦେବଙ୍କ ପ୍ରିୟ ରତ୍ନ କୁହାଯାଏ । ତେବେ ଏହାକୁ ଗ୍ରହର ଚଳନ ହିସାବରେ ଜ୍ୟୋତିଷଙ୍କ ପରାମର୍ଶ କ୍ରମେ ଧାରଣ କରିବାକୁ ହୁଏ ।**

କୁହାଯାଏ, ଅତି କମ୍‌ରେ ୫ ରତି ନୀଲମ୍‌କୁ ନୀଳ କପଡ଼ାରେ ବାନ୍ଧି ତକିଆ ତଳେ ରଖି ଶୋଇଲେ ଭଲ ସ୍ୱପ୍ନ ଆସେ । ସେହିପରି ଏହି ରତ୍ନ କାଟୁ ନ କଲେ କିମ୍ବା ଧାରଣ କରୁଥିବା ବ୍ୟକ୍ତିଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ନ ହେଲେ ନିଦ ନ ଆସିବା, ବ୍ୟବସାୟରେ ଅବନ୍ନତି, ଖର୍ଚ୍ଚ ବୃଦ୍ଧି ଭଳି ଅନ୍ୟାନ୍ୟ ସମସ୍ୟା ଦେଖା ଦେଉଥିବା କୁହାଯାଏ ।

ଅନ୍ୟପଟେ ଏହାର ଶୁଭ ପରିଣାମ ସ୍ୱରୂପ ଆର୍ଥିକ ସ୍ଥିତି ମଜଭୁତ ହୁଏ ଏବଂ ଆକସ୍ମିକ ଧନଲାଭ ହୋଇଥାଏ । ଏହାର ଶୁଭ ପ୍ରଭାବରେ ପରିବାରର ବିଭିନ୍ନ ସମସ୍ୟା ଦୂର ହୁଏ । କେବଳ ସେତିକି ନୁହେଁ, ଦୀର୍ଘ ବର୍ଷ ଧରି ଅଟକି ରହିଥିବା କାମ ପୂରା ହୋଇଥାଏ, ବ୍ୟବସାୟ ବୃଦ୍ଧି ପାଏ ।

ଏହା ଶନିଦେବଙ୍କ ରତ୍ନ ହୋଇଥିବାରୁ କୁମ୍ଭ ଓ ମକର ରାଶି ବ୍ୟକ୍ତିବିଶେଷଙ୍କ ପାଇଁ ଏହି ରତ୍ନ ଧାରଣ କରିବା ଶୁଭ ହୋଇଥାଏ । ଅନ୍ୟପଟେ ଯେକୌଣସି ରତ୍ନ ଧାରଣ କରିବା ପୂର୍ବରୁ ଜ୍ୟୋତିର୍ବିଦଙ୍କ ପରାମର୍ଶ ନେବା ଜରୁରି ।

## ପ୍ରଶ୍ନୋତ୍ତର



୧. ପୂଜାର୍ଚ୍ଚନା ବେଳେ କେଉଁ ପତ୍ରରେ ନୈବେଦ୍ୟ ଅର୍ପଣ କରିବାର ବିଧି ରହିଛି?
୨. ଲକ୍ଷ୍ମୀପୁରାଣର ବକ୍ତା କିଏ?
୩. ବ୍ୟୋମକେଶ କହିଲେ କାହାକୁ ବୁଝାଯାଏ?
୪. ଲକ୍ଷ୍ମଣଙ୍କ ପତ୍ନୀଙ୍କ ନାମ କ'ଣ?
୫. ସଂସ୍କୃତ ମହାଭାରତ ରଚନା କରିଥିବା ବ୍ୟାସ କାହାକୁ ଦିବ୍ୟଦୃଷ୍ଟି ପ୍ରଦାନ କରିଥିଲେ?

**ଉତ୍ତର**
(୧) କଦଳୀପତ୍ର (୨) ପରାସର
(୩) ଶିବ (୪) ଉର୍ମିଳା (୫) ସଞ୍ଜୟ



# ବାଲାଜୀଙ୍କ ଶରଣରେ ଦୀପିକା



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ ତାଙ୍କର ଆଗାମୀ ଫିଲ୍ମ 'ଫାଇଟର୍' ରିଲିଜ୍ ପୂର୍ବରୁ ତିରୁପତି ବାଲାଜୀଙ୍କ ଦର୍ଶନ ପାଇଁ ଯାଇଥିଲେ। ଦୀପିକା ତାଙ୍କ ବାପା, ମା' ଓ ଭଉଣୀଙ୍କ ସହିତ ମନ୍ଦିର ପରିଦର୍ଶନ କରିଥିଲେ। ନିକଟରେ ଦୀପିକାଙ୍କ ତିରୁପତି ମନ୍ଦିର ପରିଦର୍ଶନର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେଉଛି। ଏହି ସମୟରେ ଦୀପିକା ପାରମ୍ପରିକ ପୋଷାକରେ ଦେଖାଯାଇଥିଲେ। ସେ ଧଳା ରଙ୍ଗର ଏକ ଚୁଡ଼ିଦାର ପିନ୍ଧିଥିବାବେଳେ ଉପରେ ଲାଲ୍ ରଙ୍ଗର ଏକ ଚୁନରି ଢାଙ୍କି ହୋଇଥିଲେ। ଇତିମଧ୍ୟରେ 'ଫାଇଟର୍'ର ପ୍ରଥମ ଗୀତ 'ସେର୍ ଖୁଲ୍ ଗଏ' ରିଲିଜ୍ ହୋଇଛି। ଏହି ଗୀତରେ ଦୀପିକା ଓ ଫିଲ୍ମର ହିରୋ ହ୍ରିତିକ୍ ରୋଶନଙ୍କ ମଧ୍ୟରେ ଜବରଦସ୍ତ କେମେଷ୍ଟ୍ରି ଦେଖିବାକୁ ମିଳିଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ 'ଫାଇଟର୍' ୨୫ ଜାନୁଆରୀ, ୨୦୨୪ରେ ମୁକ୍ତିଲାଭ କରିବ। ଦେଶଭକ୍ତି ପୃଷ୍ଠଭୂମିରେ ନିର୍ମିତ ଏହି ଚଳଚ୍ଚିତ୍ରରେ ଦୀପିକା, ହ୍ରିତିକ୍ ଓ କରନ୍ ସିଂହ ଗ୍ରୋଭର୍ ସ୍କ୍ୱାର୍ଡନ ଲିଡର ଭାବେ ଦେଖାଯିବେ। ଏହାପୂର୍ବରୁ ଫିଲ୍ମର ଟିଜର୍ ଜାରି ହୋଇଥିଲା। ଏହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି।

## ଆଜିର ଇତିହାସ

- ୧୭୭୭-ଆମେରିକାରେ ପ୍ରଥମ ଥର 'ଥ୍ୟାଙ୍କସ୍ ଗିଭିଂ ଡେ' ପାଳନ କରାଗଲା।
- ୧୯୫୬: ମିଳିତ ଜାତିସଂଘର ସଦସ୍ୟ ହେଲା ଜାପାନ।
- ୧୯୬୦: ଦିଲ୍ଲୀରେ ରାଷ୍ଟ୍ରୀୟ ସଂଗ୍ରହାଳୟର ଉଦ୍‌ଘାଟନ।
- ୨୦୦୫: କାନାଡାରେ ଗୃହଯୁଦ୍ଧ ଆରମ୍ଭ।
- ୨୦୦୮ -ବ୍ରହ୍ମୋସ୍ ସୁପର୍‌ସୋନିକ୍ କ୍ରୁଜ୍ ମିସାଇଲ୍‌ର ସଫଳ ପରୀକ୍ଷଣ।

# ମସ୍ତିଷ୍କ ପଢ଼ିବ ହେଲମେଟ୍



ଜଣେ କ'ଣ କରୁଛି, ତାହା ବୁଝିବା ସମ୍ଭବ ହୋଇ ନଥିବାବେଳେ ଏବେ କିନ୍ତୁ ମଣିଷର ମସ୍ତିଷ୍କକୁ ପଢ଼ିବାକୁ ସକ୍ଷମ ହେବ ହେଲମେଟ୍। ବୈଜ୍ଞାନିକମାନେ ଏକ ନୂତନପ୍ରକାର 'ମାଇଣ୍ଡ ରିଡିଂ' ବା ମସ୍ତିଷ୍କକୁ ପଢୁଥିବା ହେଲମେଟ୍ ବିକଶିତ କରିଛନ୍ତି। ଯାହାକି ମସ୍ତିଷ୍କର ତରଙ୍ଗକୁ ଶବ୍ଦରେ ରୂପାନ୍ତରିତ କରିବ। ସିଡ୍‌ନିର ୟୁନିର୍ଭସିଟି ଅଫ୍ ଟେକ୍ନୋଲୋଜିର ଏକ ବୈଜ୍ଞାନିକ ଦଳ ଏନେଇ ଏକପ୍ରକାର ସ୍ୱତନ୍ତ୍ର ଟେକ୍ନୋଲୋଜିକୁ ଉପଯୋଗ କରିଛନ୍ତି। ତେବେ ସେନ୍‌ସର୍ ଦ୍ୱାରା ହେଲମେଟ୍‌ର ଉପଯୋଗରେ ଉକ୍ତ ଟେକ୍ନୋଲୋଜି କାର୍ଯ୍ୟ କରିଥାଏ। ସେହିପରି ବ୍ୟବହାରକାରୀ ଏହାକୁ ପିନ୍ଧି ଯାହା ଚିନ୍ତା କରନ୍ତି, ହେଲମେଟ୍‌ଟି ସେହି ଅନୁସାରେ ମସ୍ତିଷ୍କର ସ୍ୱତନ୍ତ୍ର ପ୍ରକାର ବୈଦ୍ୟୁତିକ ତରଙ୍ଗକୁ ବିଶ୍ଳେଷଣ କରିଥାଏ। ସରଳ ଭାଷାରେ କହିଲେ, ହେଲମେଟ୍‌କୁ ପିନ୍ଧି ଜଣେ ଯାହା ଚିନ୍ତା କରେ, ତାହା ଶବ୍ଦରେ ରୂପାନ୍ତରିତ ହୋଇଥାଏ। ତେବେ ପକ୍ଷାଘାତ ରୋଗୀଙ୍କ ଜୀବନରେ ଏହି ହେଲମେଟ୍ ଏକ ନୂଆ ଆଶା ଆଣିବ ବୋଲି ଆଶା କରାଯାଉଛି। କାରଣ ଏଭଳି ଅବସ୍ଥାରେ ପୀଡ଼ିତ ଅନେକ ଲୋକେ କଥାବାର୍ତ୍ତା କରିବାକୁ ସକ୍ଷମ ହୋଇ ନ ଥାନ୍ତି। ତେଣୁ ଏହି ହେଲମେଟ୍ ପିନ୍ଧିବା ଦ୍ୱାରା ସେମାନେ ଚିନ୍ତା କରୁଥିବା କଥା ଶବ୍ଦରେ ରୂପାନ୍ତରିତ ହେବା ଦ୍ୱାରା ଅନ୍ୟ ଜଣେ ବୁଝିପାରିବେ। ସେହିପରି ୨୯ ଜଣଙ୍କ ଉପରେ ବୈଜ୍ଞାନିକମାନେ ଏହାକୁ ପରୀକ୍ଷା କରିଛନ୍ତି। ସେମାନଙ୍କୁ ଗୋଟିଏ ସ୍କ୍ରିନ୍ ଉପରେ ଲେଖାଥିବା ବାକ୍ୟ ଦେଖାଯାଇ ସେମାନଙ୍କୁ ପଢ଼ିବା ପାଇଁ କୁହାଯାଇଥିଲା। ସେଇଠୁ ଏଆଇ ମଡେଲ ଯାହା କିଛି ମସ୍ତିଷ୍କ ତରଙ୍ଗରୁ ଅନୁବାଦ କରିଥିଲା, ତାହାକୁ ପ୍ରଦର୍ଶନ କରିଥିଲା। ଏବେ ସୁଦ୍ଧା ଏହି ହେଲମେଟ୍ ୪୦ ପ୍ରତିଶତ ସଠିକତା ସହ ଅନୁବାଦ କରୁଥିବା ବେଳେ ଆଗକୁ ଏହା ଯେଭଳି ୯୦ ପ୍ରତିଶତରେ ପହଞ୍ଚିବ , ସେ ଦିଗରେ କାର୍ଯ୍ୟ ଜାରି ଅଛି। ଅନ୍ୟପଟେ ଏହାର ଏକ ଭିଡିଓକୁ ମଧ୍ୟ ସେୟାର୍ କରାଯାଇଛି।

# କଥାକାର ଅଖିଳମୋହନ ପଟ୍ଟନାୟକ



ଆଜି ଆସିଥିଲେ

ଓଡ଼ିଆ ସାହିତ୍ୟର କ୍ଷୁଦ୍ରଗଳ୍ପ ଜଗତରେ ଅଖିଳମୋହନ ପଟ୍ଟନାୟକ ଜଣେ ସଫଳ ସ୍ରଷ୍ଟା। ତାଙ୍କ ସୃଷ୍ଟିର ସମ୍ଭାର ମଣିଷ ହୃଦୟ ଓ ମସ୍ତିଷ୍କର ଅନ୍ତଃରହସ୍ୟକୁ ଖୋଜିବାରେ ସିଦ୍ଧହସ୍ତ। ତାଙ୍କର ସମସାମୟିକ ଲେଖକମାନେ ଗ୍ରାମ୍ୟ ପୃଷ୍ଠଭୂମି ଉପରେ ଲେଖୁଥିବାବେଳେ ତାଙ୍କର ସାହିତ୍ୟ ସର୍ଜନା ସହରୀ ଜୀବନ ଉପରେ ପର୍ଯ୍ୟବସିତ ଥିଲା। ଧନାଢ଼୍ୟ ପରିବେଶରେ ଲୁଚିଥିବା ଅବ୍ୟକ୍ତ ଯନ୍ତ୍ରଣା ଓ କ୍ଷତକୁ ସେ କଲମମୁନରେ ପରିସ୍ଫୁଟ କରିପାରିଥିଲେ। କଥାଶିଳ୍ପୀ ଅଖିଳମୋହନ ୧୯୨୭ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ବାଙ୍କବିହାରୀ ପଟ୍ଟନାୟକ ଥିଲେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ। ସେ ୧୯୪୪ ମସିହାରେ ଖୋର୍ଦ୍ଧା ହାଇସ୍କୁଲରୁ ମାଟ୍ରିକ୍ ଓ ୧୯୪୮ ମସିହାରେ ପୁରୀର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ବିଏ ପାସ୍ କରିଥିଲେ। ୧୯୫୨ ମସିହାରେ ସେ କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରିଥିଲେ। ଛାତ୍ରଜୀବନରୁ ସେ ବାମପନ୍ଥୀ ଚିନ୍ତାଧାରା ପ୍ରତି ଆକର୍ଷିତ ହୋଇଥିଲେ। ଏଥିପାଇଁ ସେ କଲେଜରୁ ବରଖାସ୍ତ ହେବା ସହ କାରାବରଣ କରିଥିଲେ। ଜେଲ୍‌ରେ ଥିବା ସମୟରେ ସେ ଗଳ୍ପ ଲେଖିବା ଆରମ୍ଭ କରିଥିଲେ। ତାଙ୍କର କିଛି ଗପ 'ସହକାର' ପତ୍ରିକାରେ ପ୍ରକାଶ ପାଇଥିଲା। ଏକ ପତ୍ରିକାରେ ତାଙ୍କ ଲେଖା ବାହାରିବା ଜିଦ୍‌ରେ ସେ ଗପ ଲେଖିବା ଆରମ୍ଭ କରିଥିଲେ। ତାପରେ ସେ ଆଉ ପଛକୁ ଫେରି ନ ଥିଲେ। ଅଖିଳମୋହନ ପେସାରେ ଜଣେ ଓକିଲ ଥିଲେ। ତାଙ୍କ ସାହିତ୍ୟର ମୁଖ୍ୟ ଉପଜୀବ୍ୟ ଥିଲା ସହରୀ ଜୀବନ। ୧୯୪୮ ମସିହାରେ ତାଙ୍କର ପ୍ରଥମ ଗଳ୍ପ 'ସପନ' ଶଙ୍ଖ ପତ୍ରିକାରେ ପ୍ରକାଶ ପାଇଥିଲା। ୧୯୮୧ରେ ତାଙ୍କୁ 'ଓ ଅନ୍ଧଗଳି' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। 'ନଦୀର ନାମ ଗଣତନ୍ତ୍ର', 'ଡିମିରିଫୁଲ' 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର', 'ଅନ୍ୟଦେଶ', 'ଅନାଗତ ଫାଲ୍‌ଗୁନ', 'ବାଘରାଣୀ ଖଇରୀ' ଆଦି ତାଙ୍କ ଅଭୂତପୂର୍ବ ସୃଜନଶୀଳତାକୁ ଦର୍ଶାଏ। ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇସାରିଛି। ୧୯୮୨ ନଭେମ୍ବର ୨୯ ତାରିଖରେ ତାଙ୍କର ଆକସ୍ମିକ ବିୟୋଗ ଘଟିଥିଲା। ଅଖିଳମୋହନଙ୍କ ବିୟୋଗ ପରେ ତାଙ୍କ ଜନ୍ମଦିବସକୁ 'ଅଖିଳ ଦିବସ' ଭାବେ ପାଳନ କରାଯାଇ ଆସୁଛି। ଅଖିଳ ତାଙ୍କ ୩୪ ବର୍ଷର ସାହିତ୍ୟିକ ଜୀବନରେ ପଚାଶରୁ ଷାଠିଏ ଗଳ୍ପ ଲେଖିଥିଲେ। ତାଙ୍କର କାଳଜୟୀ ରଚନାଗୁଡ଼ିକ ପାଇଁ ସେ ଆଜି ସ୍ମରଣୀୟ ହୋଇ ରହିଛନ୍ତି।

# ବିଚିତ୍ର କୁମ୍ଭୀର

## ଦେହ ଧଳା, ଆଖି ଗୋଲାପି



ସାରା ବିଶ୍ୱରେ ବିଭିନ୍ନ ପ୍ରକାର ବିଚିତ୍ର ଜୀବଜନ୍ତୁ ଅଛନ୍ତି। ସେଥିରୁ ଅନ୍ୟତମ 'ଅଲବିନୋ କୁମ୍ଭୀର'। ଏହି କୁମ୍ଭୀର ସାଧାରଣ କୁମ୍ଭୀରଠାରୁ ସମ୍ପୂର୍ଣ୍ଣ ଭିନ୍ନ। କାରଣ ଅନ୍ୟ କୁମ୍ଭୀରଙ୍କ ଭଳି ଏହାର ରଙ୍ଗ ନୀଳ କିମ୍ବା ବାଦାମୀ ନୁହେଁ, ବରଂ ସମ୍ପୂର୍ଣ୍ଣ ଧଳା। ଏଭଳି ପ୍ରଜାତିର କୁମ୍ଭୀରଠାରେ ମେଲାନିନ୍ ସୃଷ୍ଟି ହେଉ ନ ଥିବାରୁ ଏହାର ରଙ୍ଗ ସମ୍ପୂର୍ଣ୍ଣ ଧଳା ହୋଇଥାଏ। ଅନ୍ୟପଟେ ଏହାର ଏଭଳି ଧଳା ରଙ୍ଗ ଯୋଗୁଁ ଏହାକୁ ଦେଖିଲେ ଭୟ ମଧ୍ୟ ଲାଗିଥାଏ। ଏହି କୁମ୍ଭୀର ପ୍ରଜାତି ଖୁବ୍ ଦୁର୍ଲଭ। କାରଣ ପୃଥିବୀରେ ୧୦୦ କି ୨୦୦ ଅଲବିନୋ କୁମ୍ଭୀର ଜୀବିତ ଅଛନ୍ତି। ସେହିପରି ଦିନକୁ ଦିନ ଏମାନଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଉଛି। କୁମ୍ଭୀରର ଏଭଳି ରଙ୍ଗ ଯୋଗୁଁ ଦୂରରୁ ଶିକାରୀଙ୍କ ନଜରରେ ପଡ଼ିଯାନ୍ତି। ଫଳରେ ଏହାକୁ ସେମାନେ ସହଜରେ ଶିକାର କରିବାକୁ ସକ୍ଷମ ହୋଇଥାନ୍ତି। ଅନ୍ୟପଟେ ଏହି କୁମ୍ଭୀରର ଆଖି ଗୋଲାପି ରଙ୍ଗ। ତା'ସହ ଆଲବିନିଜମ୍ ଯୋଗୁଁ ସେମାନେ ଭଲ ଦେଖିପାରି ନ ଥାନ୍ତି। ସେମାନଙ୍କ ଆହାର ହେଉଛି କଇଁଛ, ମାଛ ଓ ଗେଣ୍ଡା। ତେବେ ସୂର୍ଯ୍ୟକିରଣ ପ୍ରତି ଏହାର ଶରୀର ଅତି ସମ୍ବେଦନଶୀଳ ହୋଇଥିବାରୁ, ସୂର୍ଯ୍ୟକିରଣ ପଡ଼ିଲେ ସନବର୍ଣ୍ଣ ହେବା ଆଶଙ୍କା ମଧ୍ୟ ଥାଏ। ଏ ଦୃଷ୍ଟିରୁ ସେମାନଙ୍କର ବିଶେଷ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। ଏହାବାଦ୍ ଅତ୍ୟଧିକ ଖରା ଯୋଗୁଁ ସେମାନଙ୍କ ମୃତ୍ୟୁ ଆଶଙ୍କା ମଧ୍ୟ ଅଧିକ ଥାଏ।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ନିବେଶରୁ ଲାଭ ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। କଳା କ୍ଷେତ୍ରରେ ରୁଚି ବଢ଼ିବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

# ପତ୍ନୀଙ୍କ ସହ ୨୦ ବର୍ଷ କଟି

ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଲେ ଦୁହେଁ କିଛି ଘଣ୍ଟା ତଥା କିଛି ଦିନ ପାଇଁ ରାଗିକି ପରସ୍ପର ସହ କଥାବାର୍ତ୍ତା ହୋଇ ନ ଥାନ୍ତି। ତେବେ ଜାପାନର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ସହ ମାସେ, ଦୁଇମାସ କି ବର୍ଷେ ନୁହେଁ, ବରଂ ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ପଦୁଟିଏ ବି କଥା ହୋଇ ନ ଥିଲେ। ଏଭଳି ଏକ ଘଟଣା ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଓତଉ କତାୟାମା ଓ ୟୁମିଙ୍କର ତିନିଜଣ ସନ୍ତାନ। ଏହାପରେ ବି ଓତଉ ତାଙ୍କ ସ୍ତ୍ରୀ ୟୁମିଙ୍କ ସହ ୨୦ ବର୍ଷ ପର୍ଯ୍ୟନ୍ତ ନିରବତା ଅବଲମ୍ବନ କରିଥିଲେ। ତେବେ ଓତଉ ତାଙ୍କ ସ୍ତ୍ରୀଙ୍କୁ ମୁଣ୍ଡ ହଲାଇ ପ୍ରଶ୍ନର ଉତ୍ତର ରଖୁଥିବାବେଳେ ପାଟିରୁ କିନ୍ତୁ ଗୋଟିଏ ଶବ୍ଦ ବାହାର କରନ୍ତି ନାହିଁ। ସେ ତାଙ୍କ ସ୍ତ୍ରୀଙ୍କ ସହ କଥାବର୍ତ୍ତା ନ କଲେ ବି ପିଲାମାନଙ୍କ ସହ ଭଲ ସମ୍ପର୍କ ରକ୍ଷା କରିଥାନ୍ତି। ସେହିପରି ସେମାନଙ୍କର ଏହି ନିରବତା ତିନି ପିଲାଙ୍କୁ ଦ୍ୱନ୍ଦ୍ୱରେ ପକାଇଥାଏ। ମା'ଙ୍କ ସହ ବାପା କଥା ନ ହେବାର କାରଣ କ'ଣ ପିଲାମାନେ ଜାଣିବାକୁ ଚେଷ୍ଟା କରି ମଧ୍ୟ ସଫଳ ହୋଇ ନ ଥିଲେ। ତେବେ ୨୦୧୬ରେ ତାଙ୍କର ୧୮ ବର୍ଷୀୟ ପୁଅ ଏକ ଟିଭି ଶୋ'କୁ ଏହି ଘଟଣା ବାବଦରେ ଜଣାଇଥିଲେ। ଏହାପରେ ଏହି ଟିଭି ଶୋ'ର ସଦସ୍ୟମାନେ ଓତଉଙ୍କୁ କଥାବାର୍ତ୍ତା ନ କରିବାର କାରଣ ସମ୍ପର୍କରେ ପଚାରି ଥିଲେ। ଏହାର ଉତ୍ତରରେ ଓତଉ ରୁଷିଥିବା କହିଥିଲେ। କାରଣ ୟୁମି ପିଲାଙ୍କ ଅଧିକ ଯତ୍ନ ନେବାରୁ ତାଙ୍କ ପ୍ରତି କୋଉଠି ନା କୋଉଠି ସେ ଅବହେଳା କରୁଥିବା କଥା ଅନୁଭବ କରିଥିଲେ । ଶେଷରେ ୟୁମି ସ୍ୱାମୀଙ୍କ ଉଦ୍ଦେଶ୍ୟରେ କହିଥିବା ଗୋଟିଏ ଭିଡିଓକୁ ସେମାନେ ଓତଉଙ୍କୁ ଦେଖାଇଥିଲେ। ଯେଉଁଥିରେ ୟୁମି ନାରା ପାର୍କରେ ତାଙ୍କୁ ଅପେକ୍ଷା କରିଥିବା କହିଥିଲେ। ଏହାପରେ ଦୁହେଁ ପରସ୍ପରକୁ ପାର୍କରେ ଭେଟି କଥାବାର୍ତ୍ତା ହୋଇ ଭୁଲବୁଝାମଣା ଦୂର କରିଥିଲେ। ଅନ୍ୟପଟେ ଦୀର୍ଘବର୍ଷ ପରେ ପିତାମାତା ପରସ୍ପର ସହ କଥା ହେବାର ଦୃଶ୍ୟ ସେମାନଙ୍କର ତିନି ପିଲା ଦୂରରେ ଥାଇ ଦେଖି ଭାବବିହ୍ୱଳ ହୋଇଯାଇଥିଲେ।





# ଔଷଧ ଉପରେ ଆଙ୍କିଲେ 'ମୋନାଲିସା'

ଝାନ୍ସିର ଯୁବ ଚିତ୍ରଶିଳ୍ପୀ ସବତ୍ ଖାଲଦି ୪ ଇଞ୍ଚର ଔଷଧ ଉପରେ ତିଆରି କରିଛନ୍ତି ବିଶ୍ୱପ୍ରସିଦ୍ଧ ମୋନାଲିସାର କଳାକୃତି। ତାଙ୍କର ଏହି ଚିତ୍ର ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଥିବା ବେଳେ ଏନେଇ ସେ ଚାରିଆଡୁ ପ୍ରଶଂସା ସାଉଁଟୁଛନ୍ତି। ସେ ମାତ୍ର ୪୦ ସେକେଣ୍ଡ ମଧ୍ୟରେ ୪ ଇଞ୍ଚର ଗୋଟିଏ ଗୋଲାକୃତି ଔଷଧ ଉପରେ ମୋନାଲିସାର ଆକର୍ଷଣୀୟ ଚିତ୍ର ଅଙ୍କନ କରି ବିଶ୍ୱ ରେକର୍ଡ କରିଛନ୍ତି। ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟର ଫାଇନ୍ ଆର୍ଟ ବିଭାଗର ଛାତ୍ର ହେଉଛନ୍ତି ସବତ୍। ଗତ କିଛି ବର୍ଷ ହେବ ସେ ଏଭଳି ଏକ ରେକର୍ଡ କରିବା ପାଇଁ ପ୍ରଚେଷ୍ଟା କରି ଆସୁଥିଲେ। ତେବେ ଏନେଇ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥିବା ସେ କହିଛନ୍ତି। ବାରମ୍ବାର ଅଭ୍ୟାସ ଓ କଠିନ ପରିଶ୍ରମ କରିବା ପରେ ହିଁ ସେ ଏଭଳି ଚମତ୍କାରିତା ଦେଖାଇବାରେ ସଫଳ ହୋଇପାରିଛନ୍ତି। ତେବେ ଚିତ୍ରରେ ରଙ୍ଗ ଚୟନ କରିବା ତାଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥିଲା। କାରଣ ଅନେକ ସମୟରେ ସେ ଚିତ୍ର ପାଇଁ ଯେଉଁ ରଙ୍ଗ ବାଛୁଥିଲେ, ଔଷଧ ଉପରେ ପଡ଼ିବା ମାତ୍ରେ ତାହା ମିଳାଇ ଯାଉଥିଲା। ଅବଶ୍ୟ ଅନେକ ପ୍ରୟାସ ପରେ ସେ ଏହି କୃତିତ୍ୱ ହାସଲ କରିଛନ୍ତି। ଶେଷରେ ସେ ବିଶ୍ୱ ରେକର୍ଡ ପାଇଁ ଆବେଦନ କରି ସେଥିରେ ସଫଳ ହେଲେ। ଏହାବଦ୍ ସବତ୍‌ଙ୍କୁ ଏସିଆ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଦ୍ୱାରା ସମ୍ମାନିତ କରାଯାଇଛି।

# ଖାଇବା ସମୟରେ କରନ୍ତୁନି ଏହି ଭୁଲ୍

**ସୁସ୍ଥ ଓ ନୀରୋଗ ରହିବା ପାଇଁ ନିୟମିତ ପୌଷ୍ଟିକ ତତ୍ତ୍ୱଯୁକ୍ତ ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି। ଅନେକ ସମୟରେ ବହୁ ଜଣ ପୌଷ୍ଟିକ ଓ ଭିଟାମିନ୍ ଯୁକ୍ତ ଖାଦ୍ୟ ଖାଇବା ପରେ ବି ସେମାନଙ୍କ ଦେହରେ ଲାଗି ନ ଥାଏ। ଏହାବାଦ୍ ଆଉ କିଛି ଲୋକଙ୍କଠାରେ ପାଚନ ଜନିତ ସମସ୍ୟା ଦେଖାଯାଇଥାଏ। ଖାଇବା ପାଇଁ ମଧ୍ୟ କିଛି ନୀତି ନିୟମ ରହିଛି, ଏହାକୁ ପାଳନ ନ କରିବା ଦ୍ୱାରା ବିଭିନ୍ନ ପ୍ରକାର ସମସ୍ୟାର ସାମ୍ନା କରିବାକୁ ପଡ଼େ।**

- ଖାଇବା ସମୟରେ ପାଣି ପିଇବା ଅନୁଚିତ। ଏହାଦ୍ୱାରା ଖାଇବା ପାଇଁ ଆବଶ୍ୟକ ହେଉଥିବା ଲାଳ ଓ ପାଚକ ରସ ସଠିକ୍ ମାତ୍ରାରେ ତିଆରି ହୋଇପାରେ ନାହିଁ। ଏହାଦ୍ୱାରା ଖାଦ୍ୟ ହଜମ ହେବାରେ ସମସ୍ୟା ସୃଷ୍ଟି ହୋଇଥାଏ। ଏହାବାଦ୍ ପୌଷ୍ଟିକ ତତ୍ତ୍ୱଗୁଡ଼ିକର ମଧ୍ୟ ଠିକ୍‌ଭାବେ ଅବଶୋଷଣ ହୋଇପାରେନାହିଁ। ତେଣୁ ସୁସ୍ଥ ଓ ନୀରୋଗ ରହିବା ପାଇଁ ସର୍ବଦା ଖାଇବାର ଅଧଘଣ୍ଟା ପୂର୍ବରୁ କିମ୍ବା ଅଧଘଣ୍ଟା ପରେ ପାଣି ପିଇବା ଜରୁରି। ଯଦି ଖାଇବା ସମୟରେ ଅଧିକ ଶୋଷ ଲାଗୁଛି ତେବେ ପାଣି ବଦଳରେ ଢୋକେ ଦହି ପିଇପାରିବେ।
- ଅଧିକାଂଶ ଲୋକ ଖାଇବା ସମୟରେ କାକୁଡ଼ି ଖାଇଥାନ୍ତି। କିନ୍ତୁ ଏହି ଅଭ୍ୟାସ ସ୍ୱାସ୍ଥ୍ୟପାଇଁ ଆଦୌ ହିତକର ନୁହେଁ, କାରଣ ଖାଇବା ସମୟରେ କାକୁଡ଼ି ତଥା କଞ୍ଚା ପରିବା ଖାଇବା ଦ୍ୱାରା ଏଥିରେ ରହିଥିବା ପାଣି ହଜମ କରିବାରେ ସମସ୍ୟା ସୃଷ୍ଟି କରେ। ତେଣୁ ଖାଇବା ପୂର୍ବରୁ କଞ୍ଚା ପରିବା ଖାଇଲେ, ଶର୍କରା ସ୍ତର ନିୟନ୍ତ୍ରଣରେ ରହିଥାଏ।
- ଖାଇବା ସହିତ ଫଳ ଖାଉଥିଲେ ବା ଖାଇବା ପରେ ମିଠା ଖାଉଥିଲେ, ଶରୀର ପାଇଁ ହିତକର ଜୀବାଣୁଙ୍କ ସଂଖ୍ୟା ହ୍ରାସ ପାଏ। ତେଣୁ ଖାଇବା ସମୟରେ କୌଣସି ଫଳ ଖାଇବା ଅନୁଚିତ। ବରଂ ଖାଇବାର ଦୁଇ ଘଣ୍ଟା ପରେ ଫଳ ଖାଇପାରିବେ।
- ଖାଇବାକୁ ଇଚ୍ଛା ହେଉ ନ ଥିଲେ, ଜବରଦସ୍ତ ଖାଦ୍ୟ ଗ୍ରହଣ କରିବା ଅନୁଚିତ। ଏହାଦ୍ୱାରା ଚେହେରା ଲାଗେନି। ସେହିପରି ନକାରାତ୍ମକ ଚିନ୍ତାଧାରା ନେଇ ଖାଦ୍ୟ ଗ୍ରହଣ କଲେ, ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇ ନ ଥାଏ।
- ଅଧିକାଂଶ ଲୋକ ଠିଆ ହୋଇ ଖାଇବାକୁ ଭଲ ପାଆନ୍ତି, କିମ୍ବା କେହି କେହି ଢଙ୍ଗରେ ପୋଷାକ ପିନ୍ଧି ନ ଥିବାରୁ ଠିକ୍ ଭାବେ ବସି ଖାଇପାରନ୍ତିନି, ତେଣୁ ଖାଇବା ସମୟରେ ଶାରୀରିକ ଭାବଭଙ୍ଗୀ ଠିକ୍ ନ ରହିଲେ, ଏହା ଶରୀର ପାଇଁ ହିତକର ହୋଇ ନ ଥାଏ। ଯଥାସମ୍ଭବ ଏହି ଅଭ୍ୟାସକୁ ବଦଳାନ୍ତୁ।



### ପର୍ଥ ଟେଷ୍ଟରେ ମିଚେଲ ମାର୍ଶ ଶ୍ରେଷ୍ଠ ଖେଳାଳି

# ପାକିସ୍ତାନ ୩୬୦ ରନରେ ପରାସ୍ତ

ପର୍ଥ,୧୭ ।୧୨(ଏଜେନ୍ସି)

ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ଗୋଟିଏ ଦିନ ବାକିଥାଇ ବୃହତ୍ ୩୬୦ ରନରେ ବିଜୟ ହାସଲ କରିଛି । ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି । ପ୍ରଥମ ପାଳିରେ ୯୦ ଓ ଦ୍ୱିତୀୟରେ ଅପରାଜିତ ୬୩ ରନ ସଂଗ୍ରହ କରିବା ସହ ମୋଟ ୪ ୱିକେଟ ଅକ୍ତିଆର କରିଥିବା ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚେଲ ମାର୍ଶ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଦ୍ୱିତୀୟ ଟେଷ୍ଟ ମେଲବୋର୍ଣ୍ଣରେ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ ।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୧୧୩.୨ ଓଭରରେ ୪୮୭ ରନକରି ଅଲଆଉଟ ହୋଇଥିଲା । ଜବାବରେ ପାକିସ୍ତାନ ୧୦୧.୫ ଓଭରରେ ୨୭୧ ରନକରି ଅଲଆଉଟ ହୋଇ ୨୧୬ ରନ ପଛରେ ପଡିଥିଲା । ଦ୍ୱିତୀୟ ପାଳି ଆରମ୍ଭ କରି ଅଷ୍ଟ୍ରେଲିଆ ରବିବାର ୫ ୱିକେଟ ହରାଇ ୨୩୩ ରନ କରି ପାଳି ଘୋଷଣା କରିଥିଲା । ଫଳରେ ପାକିସ୍ତାନ ସମ୍ମୁଖରେ ୪୫୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ପାକିସ୍ତାନ ମିଚେଲ ମାର୍ଶ ଓ ଜୋଶ ହାଜଲେଉଡଙ୍କ ଦ୍ରୁତ ବୋଲିଂର ସମ୍ମୁଖୀନ ହୋଇ ନପାରି ୩୦.୨ ଓଭରରେ ମାତ୍ର ୮୯ ରନକରି ଅଲ ଆଉଟ ହୋଇ ଆତ୍ମସମର୍ପଣ କରିଥିଲା । ଦଳର ୮ ବ୍ୟାଟର ଦୁଇ ଅଙ୍କ ସ୍ପର୍ଶ କରିପାରି ନଥିଲେ । ସାଉଦ ସକିଲ ସର୍ବାଧିକ ୨୪, ବାବର ଆଜମ ୧୪, ଇମାମ ଉଲ ହକ ୧୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ । ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ମିଚେଲ ଷ୍ଟାର୍କ ଓ ଜୋଶ ହାଜଲେଉଡ ୩ଟି ଲେଖାଏ, ନାଥନ ଲିଅନ ୨ ଓ ଅଧିନାୟକ ପ୍ୟାଟ କମିନ୍ସ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ ।

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୮୪/୨ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଚତୁର୍ଥ ଦିବସରେ ପାଳି ଘୋଷଣା କରିଥିଲା । ଓଭରନାଇଟ୍ ବ୍ୟାଟର ଉସ୍‌ମାନ ଖୱାଜା ୩୪ ଓ ଷ୍ଟିଭ ସ୍ମିଥ୍ ୪୩ ରନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୯୦ ଓ ୪୫ ରନକରି ଆଉଟ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ ୧୪ ରନକରି ଆଉଟ ହୋଇଥିବା ବେଳେ ମିଚେଲ ମାର୍ଶ ୬୩ ରନକରି ଅପରାଜିତ ରହିଥିଲେ । ପାକିସ୍ତାନ ପକ୍ଷରୁ ବୋଲିଂରେ ଖୁରାମ ଶାହାଜାଦ ୩, ଶାହିନ ଶାହା ଆଫ୍ରିଦି ଓ ଆମୀର ଜମାଲ ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ ।




### ୫୦୦ ୱିକେଟ ପୂରଣ କଲେ ଲିଅନ

ଅଷ୍ଟ୍ରେଲୀୟ ଅଭିଜ୍ଞ ସ୍ପିନର ନାଥନ ଲିଅନ ଟେଷ୍ଟ ଫର୍ମାଟରେ ୫୦୦ ୱିକେଟ ପୂରଣ କରି ଏକ ସ୍ୱତନ୍ତ୍ର କ୍ଲବରେ ଯୋଗ ଦେଇଛନ୍ତି । ବିଶ୍ୱରେ ଅଷ୍ଟମ ବୋଲର ତଥା ଚତୁର୍ଥ ସ୍ପିନର ଭାବେ ସେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି । ଏହି ଟେଷ୍ଟରେ ୩୬ ବର୍ଷୀୟ ଲିଅନ ୫ ୱିକେଟ ଅକ୍ତିଆର କରି ମୋଟ ୫୦୧ ୱିକେଟ ହାସଲ କରିଛନ୍ତି । ଏପର୍ଯ୍ୟନ୍ତ ସେ ୧୨୩ଟି ଟେଷ୍ଟ ଖେଳିଛନ୍ତି । ୮୦୦ ୱିକେଟ ନେଇ ମୁଥିଆ ମୁରଲିଧରନ ଏହି ତାଲିକାର ଶୀର୍ଷରେ ରହିଛନ୍ତି ।

### ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ

# ପ୍ରମୋଦଙ୍କୁ ଏକକ, ମିଶ୍ରିତ ଯୁଗଳରେ ରୌପ୍ୟ

ଭୁବନେଶ୍ୱର,୧୭ ।୧୨(ସମିସ)

ଦୁବାଇର ବିହାଇଣ୍ଡ ଷ୍ଟାଡିୟମରେ ଅନୁଷ୍ଠିତ ୫ମ ଫାଜା ଦୁବାଇ ପାରା ବ୍ୟାଡମିଣ୍ଟନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ତାରକା ଖେଳାଳି ପ୍ରମୋଦ ଭଗତ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି । ସେ ପୁରୁଷ ଏକକ ଓ ମିଶ୍ରିତ ଯୁଗଳ ଫାଇନାଲରେ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି । ଏସ୍‌ଏଲ୍-୩ ଏକକ ଫାଇନାଲରେ ପ୍ରମୋଦ ୧୭-୨୧, ୮-୨୧ରେ ଇଂଲଣ୍ଡର ଡାନିଏଲ ବେଥେଲଙ୍କଠାରୁ ପରାସ୍ତ ହୋଇ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ । ସେହିପରି ପ୍ରମୋଦ ଓ ମନୀଷା ରାମଦାଶ ଫାଇନାଲରେ ଇଣ୍ଡୋନେସିଆର ହିକ୍‌ମାତ ରାନଦାନୀ ଓ ଲିଆନି ରାତ୍ରି ଓକ୍‌ଟିଲାଙ୍କଠାରୁ ୧୪-୨୧, ୧୧-୨୧ରେ ପରାସ୍ତ ହୋଇଥିଲେ ।



● ରାଜ୍ୟସ୍ତରୀୟ ତମାଣ୍ଡୋ କପ୍

## ସେମିରେ କିଶୋର କ୍ଲବ




ଭୁବନେଶ୍ୱର, ୧୭ ।୧୨ (ସମିସ): ତମାଣ୍ଡୋ ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ପ୍ରତିଯୋଗିତାରେ ୪ର୍ଥ ଦଳ ଭାବେ ଭୁବନେଶ୍ୱରର କିଶୋର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି । ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଲଢ଼େଇରେ କିଶୋର କ୍ଲବ ଟାଇବ୍ରେକରରେ ୬-୫ ଗୋଲରେ ବରଗଡ଼ର ୟୁନାଇଟେଡ୍ ଫୁଟ୍‌ବଲ କ୍ଲବକୁ ହରାଇଥିଲା । ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଡ୍ର’ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା । ସାଇବର୍ ସେଲ୍ ଏସିପି ରଜତ କୁମାର ରାୟ ଓ ତମାଣ୍ଡୋ ଥାନା ଅଧିକାରୀ ସୁବ୍ରତ ମେହେର ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଏ. କହ୍ନେୟାଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ । ମ୍ୟାଚକୁ ଏମ୍‌ଏସ୍ ବେଗ୍, ବିଜୟ ମଙ୍ଗରାଜ, ଶିବ ସାମନ୍ତରାୟ ଓ ଶିବଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିଲେ । ସୋମବାର କିଶୋର କ୍ଲବ ଓ କଟକର ମା ମଙ୍ଗଳା କ୍ଲବ ମଧ୍ୟରେ ସେମିଫାଇନାଲ ଖେଳାଯିବ ।

● ହାଡିବନ୍ଧୁ- ସତ୍ୟବାଦୀ ସ୍ମାରକୀ କ୍ରିକେଟ

## ଶହିଦନଗର ଏକାଦଶ ଚାମ୍ପିଅନ




ଭୁବନେଶ୍ୱର,୧୭ ।୧୨(ସମିସ): ସ୍ଥାନୀୟ କପିଳପ୍ରସାଦ ସୁନ୍ଦରପଦା ଖେଳ ପଡିଆଠାରେ ଗତ କିଛିଦିନ ଧରି ଚାଲିଥିବା ପଞ୍ଚଦଶ ହାଡିବନ୍ଧୁ- ସତ୍ୟବାଦୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ଶହିଦନଗର ଏକାଦଶ ଏଥର ଚାମ୍ପିଅନ ହୋଇଛି । ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଶହିଦନଗର ୪୨ ରନରେ ଗବର ଏକାଦଶକୁ ହରାଇ ଟାଇଟଲ ଜିତିଛି । ପ୍ରଥମେ ବ୍ୟାଟିଂ କରି ଶହିଦନଗର ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୨ ରନ ସଂଗ୍ରହ କରିଥିଲା । ଦଳ ତରଫରୁ ଭାବନୀ ଶଙ୍କର ସାହୁ ଅପରାଜିତ ୬୩, ଉତ୍ତମ ମହାନ୍ତି ୪୦ ରନ କରିଥିଲେ । ଜବାବରେ ଗବର ୧୫୦ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା । ଦଳର ଆକମଲ ଖାନ୍ ସର୍ବାଧିକ ୪୫ ରନ କରିଥିଲେ । ଶହିଦନଗରର ଶୁଭ୍ରଜିତ ମୁଳିଆ ସର୍ବାଧିକ ୫ ୱିକେଟ ନେଇଥିଲେ । ଶୁଭ୍ରଜିତ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ବିଜୟୀ ଦଳର ଜୁନେଦ ଖାନ୍ ଶ୍ରେଷ୍ଠ ବ୍ୟାଟର ସମେତ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଗବର ଏକାଦଶର ସାଇ ଓମ୍ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ । ଏକଶ ଚନ୍ଦ୍ର ପ୍ରଧାନ ଓ ଚିତ୍ତରଞ୍ଜନ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ ।

● ସମର ସ୍ମାରକୀ ସ୍କୁଲ ଓପନ ଚେସ୍

## ଲଳିତ ରଞ୍ଜନ ଟାଇଟଲ ଜିତିଲେ



ଭୁବନେଶ୍ୱର,୧୭।୧୨(ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ତୃତୀୟ ସମର ସ୍ମାରକୀ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଖେଳାଯାଇଥିବା ଏହି ପ୍ରତିଯୋଗିତାରେ କଟକ ଓଲ୍ଡ ଷ୍ଟିୱାର୍ଟ ସ୍କୁଲ୍‌ର ଲଳିତ ରଞ୍ଜନ ସାହୁ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି । ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ଆଦର୍ଶ କୁମାର ବେରିହା, ମଦର୍ସ ପବ୍ଲିକ୍ ସ୍କୁଲ୍‌ର ଆଦିତ୍ୟ ଶଙ୍କର ବେହେରା, ବ୍ରହ୍ମେଶ୍ୱର ହାଇସ୍କୁଲର ଅଞ୍ଜଳି ମିଶ୍ର ଓ ରସୁଲଗଡ଼ ଭେଙ୍କଟେଶ୍ୱର ପବ୍ଲିକ୍ ସ୍କୁଲ୍‌ର ସାତ୍ୱିକ ପଟ୍ଟନାୟକ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ଖେଳଶେଷରେ ଖୋର୍ଦ୍ଧ ଜିଲ୍ଲା ଭିଜିଲାନ୍ସ ଡିଏସ୍‌ପି ବ୍ରଜକିଶୋର ସାହୁ ଓ କେଶୁରା ରୟାଲ ପବ୍ଲିକ୍ ସ୍କୁଲର ସର୍ବେଶ୍ୱର ସାମଲ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ତଥା ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ ।

### ଅଲ୍ଟିମେଟ୍ ଖୋ ଖୋ ଲିଗ୍

## ଅନିକେତଙ୍କ ମୁମ୍ବାଇ ଖିଲାଡିସ୍‌ର ନେତୃତ୍ୱ



ପୁନିତ ବାଲାନ (ମଝି)ଙ୍କ ସହ ଅଧିନାୟକ ଅନିକେତ (ଡାହାଣ) ଓ ଉପଅଧିନାୟକ ମହେଶ (ବାମ) ।

ଭୁବନେଶ୍ୱର, ୧୭ ।୧୨ (ସମିସ)

ଲୋକପ୍ରିୟ ଫ୍ରାଞ୍ଚାଇଜଭିତ୍ତିକ ଖୋ ଖୋ ପ୍ରତିଯୋଗିତା ‘ଅଲ୍ଟିମେଟ୍ ଖୋ ଖୋ’ର ଦ୍ୱିତୀୟ ସଂସ୍କରଣ ଡିସେମ୍ବର ୨୪ରୁ କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି । ଏଥିଲାଗି ମୁମ୍ବାଇ ଖିଲାଡିସ୍ ଦଳ ଗୋଟିଏ ସପ୍ତାହ ହେବ ଭୁବନେଶ୍ୱରରେ ଏହାର ଜୋର୍‌ଦାର୍ ପ୍ରସ୍ତୁତି ଚଳାଇଛି । ଏହି ଅବସରରେ ଫ୍ରାଞ୍ଚାଇଜ ପକ୍ଷରୁ ଆଗାମୀ ସଂସ୍କରଣ ପାଇଁ ଅନିକେଟ୍ ପୋଟେଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି । ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁମ୍ବାଇ ଖିଲାଡିସ୍ ଫ୍ରାଞ୍ଚାଇଜ ପକ୍ଷରୁ ଏହାର ମାଲିକ ପୁନିତ୍ ବାଲାନ ଅଧିନାୟକ ଓ ଉପଅଧିନାୟକଙ୍କ ନାମ ଘୋଷଣା କରିଥିଲେ । ମହେଶ ସିନ୍ଧେଙ୍କୁ ଉପ-ଅଧିନାୟକ ଭାର ପ୍ରଦାନ କରାଯାଇଛି । ମହେଶ ଗତବର୍ଷ ଗ୍ରାଉଣ୍ଡରେ ୧୫.୩୩ ମିନିଟ୍ ଅତିବାହିତ କରି ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଥିଲେ ।

## କ୍ରୀଡ଼ାକୁ ପ୍ରୋତ୍ସାହନ କରିବାରେ ନବୀନ ଦେଶର ଏକମାତ୍ର ମୁଖ୍ୟମନ୍ତ୍ରୀ: ପୁନିତ୍

ଭୁବନେଶ୍ୱର, ୧୭ ।୧୨ (ସମିସ): ‘ଅଲ୍ଟିମେଟ୍ ଖୋ ଖୋ’ ଦଳ ମୁମ୍ବାଇ ଖିଲାଡିସର ମାଲିକ ତଥା ପୁନିତ ବାଲାନ ଗ୍ରୁପ୍ (ପିବିଜି)ର ଅଧ୍ୟକ୍ଷ ପୁନିତ ବାଲାନ କହିଛନ୍ତି, ‘ଗତ ସଂସ୍କରଣରେ ଅନିକେତଙ୍କ ପ୍ରଦର୍ଶନ ଅତୁଳନୀୟ ରହିଥିଲା । ତାଙ୍କ ନିକଟରେ ନେତୃତ୍ୱ ନେବାର ଦକ୍ଷତା ରହିଛି । ରଣନୀତିକ ଦୃଷ୍ଟିରୁ ଓ ମୁମ୍ବାଇର ସ୍ଥାନୀୟ ଖେଳାଳି ହୋଇଥିବାରୁ ତାଙ୍କୁ ଅଧିନାୟକ ଭାର ପ୍ରଦାନ କରାଗଲା ।’ ସେହିଭଳି ଓଡ଼ିଶାର କ୍ରୀଡ଼ାଭିତ୍ତିଭୂମିକୁ ନେଇ ପୁନିତ୍ ବେଶ୍ ବିମୋହିତ ହୋଇଛନ୍ତି । ନବୀନ ପଟ୍ଟନାୟକ ହେଉଛନ୍ତି ଦେଶର ଏକମାତ୍ର ମୁଖ୍ୟମନ୍ତ୍ରୀ ଯିଏକି କ୍ରୀଡ଼ାକୁ ପ୍ରୋତ୍ସାହିତ କରିଆସୁଛନ୍ତି । ତାଙ୍କରି ପ୍ରୋତ୍ସାହନ ଯୋଗୁ ହକି ଆଜି ତା’ର ପୂର୍ବ ଗୌରବ ଫେରିପାଇଛି ବୋଲି ପୁନିତ୍ କହିଛନ୍ତି । ପୁନିତ ବାଲାନ ଗ୍ରୁପ୍ ଖୋ ଖୋ ବ୍ୟତୀତ ୱାର୍ଲ୍ଡ ଟେନିସ ଲିଗ୍, ଗ୍ଲୋବାଲ ଚେସ୍ ଲିଗ୍, ପ୍ରିମିୟର ଟେନିସ ଲିଗ୍, ପ୍ରିମିୟର ହ୍ୟାଣ୍ଡବଲ୍ ଲିଗ୍, ଅଲ୍ଟିମେଟ୍ ଟେବଲ୍ ଟେନିସ, ପ୍ରୋ ପଞ୍ଜା ଲିଗ୍, ମହାରାଷ୍ଟ୍ର ଟି-୨୦ ଲିଗ୍ ଓ ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍‌ରେ ଦଳ କିଣିଛି ।

# ବାଲେଶ୍ୱରର ସୁନିଲଙ୍କ ସଂଘର୍ଷପୂର୍ଣ୍ଣ ଯାତ୍ରା

ଭୁବନେଶ୍ୱର, ୧୭ ।୧୨ (ସମିସ)

ଚଳିତ ବର୍ଷ ‘ଅଲ୍ଟିମେଟ୍ ଖୋ ଖୋ’ରେ ମୁମ୍ବାଇ ଖିଲାଡିସ୍ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ବାଲେଶ୍ୱରର ସୁନିଲ ପାତ୍ର ସ୍ଥାନ ପାଇଛନ୍ତି । ଖେଳାଳି ନିଲାମିରେ ମୁମ୍ବାଇ ଫ୍ରାଞ୍ଚାଇଜ ତାଙ୍କୁ ୧.୫ ଲକ୍ଷ ଟଙ୍କାରେ କ୍ରୟ କରିଥିଲା । ଘରୋଇ ମାଟିରେ ଏତେ ବଡ଼ ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ଖେଳିବାକୁ ଯାଉଥିବାରୁ ବାଲେଶ୍ୱର ସଦର ଅଞ୍ଚଳର ‘ପ୍ଲେଇଙ୍ଗ ଷ୍ଟାର୍’ କ୍ଲବର ସୁନିଲ ବେଶ୍ ଉତ୍ସାହିତ ରହିଛନ୍ତି । କଟକରେ ଖେଳାଯିବାକୁ ଥିବା ଅଲ୍ଟିମେଟ୍ ଖୋ ଖୋ’ରେ ଶ୍ରେଷ୍ଠ ପ୍ରଦର୍ଶନ କରି ଆଗାମୀ ଦିନରେ ଜାତୀୟ ବରିଷ୍ଠ ଦଳ ପକ୍ଷରୁ ଖେଳିବାକୁ ୧୬ ବର୍ଷୀୟ ସୁନିଲ ନଜର ରଖିଛନ୍ତି । ପ୍ଲେଇଙ୍ଗ ଷ୍ଟାର୍ କ୍ଲବରୁ ମୁମ୍ବାଇ ଖିଲାଡିସ୍ ଭଳି ବଡ଼ ଦଳରେ ଖେଳିବାର ସୁଯୋଗ ପାଇବା ପର୍ଯ୍ୟନ୍ତ ସୁନିଲଙ୍କ ଯାତ୍ରା ବେଶ୍ ସଂଘର୍ଷ ରହିଥିଲା । ତାଙ୍କୁ ଯେତେବେଳେ ୪ ବର୍ଷ ହୋଇଥିଲା ବାପାଙ୍କୁ ହରାଇଥିଲେ । ଏହାପରେ ମା ପର ଘରେ କାମ କରି ତାଙ୍କ ୫ ଭାଇ ଭଉଣୀଙ୍କୁ ପଢ଼ାଇଥିଲେ । ୨୦୧୮ରେ ୬ଷ୍ଠ ଶ୍ରେଣୀରେ ପଢୁଥିବାବେଳେ ସ୍କୁଲ ଶିକ୍ଷକ ଆକାଶ ରଣା ପ୍ରଥମେ ସୁନିଲଙ୍କ ଦକ୍ଷତାକୁ ଦେଖି ତାଙ୍କୁ ଖୋ ଖୋ ଖେଳିବାକୁ ଉତ୍ସାହିତ କରିଥିଲେ । ଏହାପରେ ସୁନିଲ ଆଉ ପଛକୁ ଫେରି ଚାହିଁ ନ ଥିଲେ । ପରେ ସେ ଜିଲ୍ଲା, ରାଜ୍ୟ ଓ ଭାରତୀୟ କନିଷ୍ଠ ଦଳ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରି ଏକାଧିକ ପଦକ ଜିତିସାରିଛନ୍ତି । ସୁନିଲ ବର୍ତ୍ତମାନ ଶ୍ରୀରାମଚନ୍ଦ୍ର ସଂସ୍କୃତ ଟୋଲ୍‌ରେ ଯୁକ୍ତଦୁଇ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି । ମୁମ୍ବାଇ ଖିଲାଡିସ୍‌ରୁ ପ୍ରାପ୍ତ ହେବାକୁ ଥିବା ଅର୍ଥ ସେ ତାଙ୍କ ମା’ଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି । ଉଲ୍ଲେଖଯୋଗ୍ୟ, ସୁନିଲ ଖେଳୁଥିବା କ୍ରିଷ୍ଟିଆନ ହାଇସ୍କୁଲ ପଛ ‘ପ୍ଲେଇଙ୍ଗ ଷ୍ଟାର’ କ୍ଲବର ଆଉ ୩ଜଣ ଖେଳାଳି ଜଗନ୍ନାଥ ମୁର୍ମୁ (ରାଜସ୍ଥାନ ୱାରିୟର୍ସ), ସିଦ୍ଧେଶ୍ୱର ଟୁଡୁ (ଓଡ଼ିଶା ଜଗରନଟ୍ସ) ଓ ଲିପୁନ ମୁଖୀ (ତେଲଗୁ ଯୋଦ୍ଧାସ) ଆଗାମୀ ଅଲ୍ଟିମେଟ୍ ଖୋ ଖୋରେ ବିଭିନ୍ନ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ ।




### ଖେଲୋ ମାଷ୍ଟର ଗେମ୍ସ

## ପଦକ ଜିତିଲେ ପାର୍ବତୀ, ଗୋପାଳ

କଟକ,୧୭।୧୨(ସମିସ): ନୂଆଦିଲ୍ଲୀ ଅକ୍ଷରଧାମସ୍ଥିତ ସିଡବ୍ଲ୍ୟୁଜି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ତୃତୀୟ ଜାତୀୟ ଖେଲୋ ମାଷ୍ଟର ଗେମ୍ସରେ ଦୁଇ ଓଡ଼ିଆ ପ୍ରତିଯୋଗୀ ପଦକ ଜିତିଛନ୍ତି । ଦୁଇଟି ଇଭେଣ୍ଟରେ ଭାଗ ନେଇଥିବା ପାର୍ବତୀ ସେଠୀଙ୍କୁ ଦ୍ୱୈତ ସଫଳତା ମିଳିଛି । ସେ ଡିସକସ୍ ଥ୍ରୋ’ରେ ସ୍ୱର୍ଣ୍ଣ ଓ ସଟ୍‌ପୁଟ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ସେହିଭଳି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଗୋପାଳ ପଣ୍ଡା ୬୦ବର୍ଷରୁ ଅଧିକ ବୟସ ବର୍ଗର ଦୁଇ ଇଭେଣ୍ଟରେ ଅଂଶଗ୍ରହଣ କରି ଦୁଇଟି ପଦକ ଜିତିଛନ୍ତି । ୪ ଗୁଣା ୧୦୦ ମିଟର ରିଲେରେ ରୌପ୍ୟ ଏବଂ ୧୧୦ମିଟର ବାଧାଦୌଡ଼ରେ ଗୋପାଳଙ୍କୁ କାଂସ୍ୟ ପଦକ ମିଳିଛି । ଏହି ପ୍ରତିଯୋଗିତାରେ ମୋଟ ୫ଜଣ ଓଡ଼ିଆ ପ୍ରତିଯୋଗୀ ଭାଗ ନେଇଥିଲେ ।




### ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ

## ଟାଇଟଲ ଜିତିଲା କଟକ ବିଡ଼ାନାସୀ



ଭୁବନେଶ୍ୱର, ୧୭।୧୨ (ସମିସ)

କଟକର ବିଡାନାସୀ କ୍ଲବ୍ ୧-୦ ଗୋଲରେ କିଟ୍-କିସ୍ ଦଳକୁ ପରାସ୍ତ କରି ଦ୍ୱିତୀୟ ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ସିଟି କ୍ଲବ୍ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା । ଏହି ପ୍ରତିଯୋଗିତାରେ ସୀମାରଣୀ ହେମ୍ବ୍ରମଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ଶ୍ୱେତପଦ୍ମା ସାହୁଙ୍କୁ ଶ୍ରେଷ୍ଠ ଗୋଲରକ୍ଷକ ଭାବେ ମନୋନୀତ କରାଯାଇଛି । ରେଫରି ଟି ମୋହନ ରାଓ, ସୁଜିତ ପାତ୍ର, ଶିବ ଦେହୁରୀ ଓ ସୁଜିତ ପାଇକରାୟ ଖେଳ ପରିଚାଳନା କରିଥିଲେ । ଖେଳ ଶେଷରେ ଆୟୋଜିତ ଉତ୍ସବରେ ରୁଚି ମସଲା ଏମ୍‌ଡି ଶରତଚନ୍ଦ୍ର ସାହୁ, ଭୁବନେଶ୍ୱର ଦୌଡ଼କୁଦ ସଂଘ ସମ୍ପାଦକ ଏସ୍‌ଆର ପରିଜା, ପାଇକ ସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ମୁକ୍ତିକାନ୍ତ ଦାଶ, ସହଦେବ ରାଉତ, ସିଟି କ୍ଲବ୍ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଚାମ୍ପିଅନ ଦଳକୁ ୧୫,୦୦୦ ଓ ରନର୍ସ ଅପ୍ ଦଳକୁ ୧୦,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା ।

## ପ୍ରଥମ ଦିନିକିଆ: ଡି/ଏଲ୍‌ରେ ନ୍ୟୁଜିଲାଣ୍ଡ ଜିତିଲା

ଡୁନେଡିନ,୧୭ ।୧୨(ଏଜେନ୍ସି)

ବାଂଲାଦେଶ ବିପକ୍ଷ ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିନିକିଆ ମ୍ୟାଚରେ ଘରୋଇ ନ୍ୟୁଜିଲାଣ୍ଡ ଡିଏଲ୍‌ଏସ୍ ପଦ୍ଧତିରେ ୪୪ ରନରେ ବିଜୟ ହାସଲ କରିଛି । ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହେବା ଫଳରେ ମ୍ୟାଚ୍‌କୁ ୩୦ ଓଭରରେ ସୀମିତ ରଖାଯାଇଥିଲା । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୭ ୱିକେଟ ହରାଇ ୨୩୯ ରନ ସଂଗ୍ରହ କରିଥିଲା । ଜବାବରେ ବାଂଲାଦେଶ ୯ ୱିକେଟ ହରାଇ ୨୦୦ ରନରେ ସୀମିତ ରହି ପରାସ୍ତ ହୋଇଥିଲା । ବାଂଲାଦେଶ ତରଫରୁ ଆନମୁଲ ହକ ୪୩, ଅଫିଫ୍ ହୋସେନ ୩୮ ରନ କରିଥିଲେ । ବୋଲିଂରେ ନ୍ୟୁଜିଲାଣ୍ଡର ଆଦମ ମିଲ୍‌ନେ, ଇଶ ସୋଧୀ ଓ ଜୋଶ କ୍ଲାର୍କସନ ୨ଟି ଲେଖାଏ ୱିକେଟ ନେଇଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ତରଫରୁ ଓପନର ୱିଲ୍ ୟଙ୍ଗ୍ ୧୦୫ ରନର ଶତକୀୟ ପାଳି ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଅଧିନାୟକ ଟମ୍ ଲାଥମ ୯୨ ରନ ସଂଗ୍ରହ କରିଥିଲେ ।

● ଭଗବାନପୁର-ପାତ୍ରପଡ଼ା କ୍ରିକେଟ୍

## ମେଣ୍ଢାଶାଳ, ବାଙ୍କୁଆଳ ବିଜୟୀ

ଭୁବନେଶ୍ୱର, ୧୭ ।୧୨ (ସମିସ)

ଭଗବାନପୁର ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୬ତମ ଭଗବାନପୁର-ପାତ୍ରପଡ଼ା ଜିଲ୍ଲାସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତାର ୨ୟ ଦିବସ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମେଣ୍ଢାଶାଳ ଓ ବାଙ୍କୁଆଳ ବିଜୟ ଲାଭ କରିଛନ୍ତି । ପ୍ରତିଯୋଗିତାର ୩ୟ ଲିଗ୍ ମ୍ୟାଚ ମେଣ୍ଢାଶାଳ ସହ ପଳାଶପୁର ମଧ୍ୟରେ ଖେଳାଯାଇଥିଲା । ଏଥିରେ ପ୍ରଥମେ ବ୍ୟାଟିଂ କରି ମେଣ୍ଢାଶାଳ ୧୬ ଓଭରରେ ୮ ୱିକେଟ୍ ହରାଇ ୧୨୩ ରନ କରିଥିଲା । ଜବାବରେ ପଳାଶପୁର ୧୫.୨ ଓଭରରେ ୧୧୭ ରନରେ ଅଲ୍‌ଆଉଟ୍ ହୋଇ ୬ ରନରେ ପରାସ୍ତ ହୋଇଥିଲା । ୩ ୱିକେଟ୍ ନେଇଥିବା ବିଜୟୀ ଦଳର ଅମୀୟରଞ୍ଜନ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ସେହିଭଳି ଦିବସର ୨ୟ ମ୍ୟାଚରେ ବାଙ୍କୁଆଳ ୫ ୱିକେଟରେ କାଇପଦରକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି କାଇପଦର ୮୬ ରନରେ ସୀମିତ ରହିଥିଲା । ଏହାକୁ ପିଛା କରି ବାଙ୍କୁଆଳ ୫ ୱିକେଟ୍‌ରେ ବିଜୟ ଲାଭ କରିଥିଲା । ୪ ଓଭରରେ ୧୯ ରନ ବ୍ୟୟରେ ୪ ୱିକେଟ୍ ନେଇଥିବା ଗୌତମ ସ୍ୱାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।




**ଅର୍ଶଦୀପଙ୍କୁ ୫ ୱିକେଟ, ଆଭେଷଙ୍କୁ ୪**

# ଦ. ଆଫ୍ରିକାକୁ ୮ ୱିକେଟରେ ହରାଇଲା ଭାରତ

ଜୋହାନ୍ସବର୍ଗ, ୧୭।୧୨(ଏଜେନ୍ସି)

ଅର୍ଶଦୀପ ସିଂ ଓ ଆଭେଷ ଖାନଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୮ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ନ୍ୟୁ ୱାଣ୍ଡରର୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅର୍ଶଦୀପ ୫ଟି ଓ ଆଭେଷ ୪ଟି ୱିକେଟ ନେବା ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୭.୩ ଓଭରରେ ମାତ୍ର ୧୧୬ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଜବାବରେ ଏଠାରେ ଦିନିକିଆ ପଦାର୍ପଣ କରିଥିବା ସାଇ ସୁଦର୍ଶନଙ୍କ ଅପରାଜିତ ୫୫ ଓ ଶ୍ରେୟସ ଆୟରଙ୍କ ୫୨ ରନ୍ ସହାୟତାରେ ଭାରତ ୨୦୦ ବଲ ବାକିଥାଇ ଓ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା । ଦକ୍ଷିଣ ଆଫ୍ରିକା ପାଳିରେ ପ୍ରଥମ ୪ ୱିକେଟ ସମେତ ୩୭ ରନ୍ ଦେଇ ମୋଟରେ ୫ଟି ୱିକେଟ ନେଇଥିବା ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ୍ ସିଂଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଏହି ବିଜୟ ଫଳରେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ପୋର୍ଟ ଏଲିଜାବେଥରେ ଆସନ୍ତା ୧୯ ତାରିଖ ମଙ୍ଗଳବାର ଖେଳାଯିବ ।

**ସୁଦର୍ଶନ, ଶ୍ରେୟସଙ୍କ ଅର୍ଦ୍ଧଶତକ**

ଏହି ମ୍ୟାଚ୍‌ରେ ଭାରତର ଶ୍ରେଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିଲା । ବିଶେଷ କରି ରୋହିତ ଶର୍ମା, ବିରାଟ କୋହଲି, ଶୁବମାନ ଗିଲ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସାମି ଓ ରବୀନ୍ଦ୍ର ଜାଡେଜାଙ୍କ ପରି ଖେଳାଳିଙ୍କୁ ଦିନିକିଆ ସିରିଜ୍ ଲାଗି ମନୋନୀତ କରାଯାଇ ନାହିଁ । ଏମାନଙ୍କ ଅନୁପସ୍ଥିତିରେ ବିଶ୍ୱର ନଂ-୧ ଦିନିକିଆ ଦଳ ଭାରତର ପ୍ରଦର୍ଶନରେ କିଛି ପ୍ରଭାବ ପକାଇପାରି ନାହିଁ । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ମାତ୍ର ୧୧୬ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଜବାବରେ ୧୧୭ ରନ୍‌ର ବିଜୟଲକ୍ଷ୍ୟକୁ ଭାରତ ୨୩ ରନ୍‌ରେ ଓପନର ଋତୁରାଜ ଗାଏକ୍‌ୱାଡ୍‌ଙ୍କ ୱିକେଟ ହରାଇଥିଲା । ସେ ମାତ୍ର ୫ ରନ୍ କରି ୱିଆନ ମୁଲଡରଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ । ତାଙ୍କ ଆଉଟ ପରେ ଏଠାରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳୁଥିବା ତାମିଲନାଡୁର ବାମହାତୀ ଓପନର ସାଇ ସୁଦର୍ଶନ ଓ ଅଭିଜ୍ଞ ଶ୍ରେୟସ ଆୟର ଦ୍ୱିତୀୟ ୱିକେଟ ଭାଗୀଦାରିରୁ ୭୩ ବଲ୍‌ରେ ୮୮ ରନ୍ ଉଠାଇ ଭାରତକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ । ଏହି ସମୟରେ ଆଣ୍ଡିଲ ଫେଲୁକୱାଓଙ୍କ ବିପକ୍ଷରେ ଦ୍ରୁତ ରନ୍ ସଂଗ୍ରହ କରିବା ଚକ୍କରରେ ଶ୍ରେୟସ ଆଉଟ ହୋଇଯାଇଥିଲେ । ସେ ୪୫ ବଲ୍ ଖେଳି ୬ ଚୌକା ଓ ୧ ଛକା ସହ ୫୨ ରନ୍ କରିଥିଲେ । ତାଙ୍କ ଆଉଟ ପରେ ସୁଦର୍ଶନ ଓ ତିଳକ ବର୍ମା ଆଉ କିଛି କ୍ଷତି ହେବାକୁ ନ ଦେଇ ଭାରତକୁ ୮ ୱିକେଟରେ ସହଜ ବିଜୟ ଦେଇଥିଲେ । ସୁଦର୍ଶନ ୪୩ ବଲ୍‌ରେ ୯ ଚୌକା ସହ ୫୫ ରନ୍ କରି ଅପରାଜିତ ରହିବା ସହ ତାଙ୍କ ପଦାର୍ପଣ ମ୍ୟାଚ୍‌କୁ ସ୍ମରଣୀୟ କରିପାରି ଥିଲେ । ବର୍ମା ୧ ରନ୍‌ରେ ଅପରାଜିତ ରହିଥିଲେ ।

**ଅର୍ଶଦୀପ, ଆଭେଷଙ୍କ ଘାତକ ବୋଲିଂ**

ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ୍ ମାର୍କରାମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ଭାରତର ଫାଷ୍ଟ ବୋଲର ଅର୍ଶଦୀପ ସିଂଙ୍କ ସୁଇଂ ଓ ସିମ୍ ଆଗରେ ଦକ୍ଷିଣ ଆଫ୍ରିକାର ଜଣଙ୍କ ପରେ ଜଣେ ବ୍ୟାଟ୍ସମ୍ୟାନ ଆଉଟ ହୋଇଯାଇଥିଲେ । ସେ ପ୍ରଥମ ୪ଜଣ ଖେଳାଳିଙ୍କୁ ଆଉଟ କରିବା ପରେ ଦଳ ୫୨ ରନ୍‌ରେ ଚତୁର୍ଥ ୱିକେଟ ହରାଇଥିଲା ।




ଅର୍ଶଦୀପଙ୍କୁ ଭଲ ସହାୟତା ଦେଇଥିଲେ ଅନ୍ୟତମ ଫାଷ୍ଟ ବୋଲର ଆଭେଷ ଖାନ୍ । ସେ ପରବର୍ତ୍ତୀ ୨ଟି ୱିକେଟ ଗୋଟିଏ ଓଭର (୧୧ଶ)ରେ ଲାଗ ଲାଗ୍ ଅକ୍ତିଆର କରିବା ଫଳରେ ଦଳ ୫୨ ରନ୍‌ରେ ୬ ୱିକେଟ ହରାଇ ବିପଦରେ ପଡ଼ିଥିଲା । ୧୩ତମ ଓଭରର ଶେଷ ବଲ୍‌ରେ ଘରୋଇ ଦଳର ଶେଷ ବ୍ୟାଟର ଡେଭିଡ୍ ମିଲରଙ୍କୁ ଆଉଟ କରି ଆଭେଷ ଖାନ୍ ସମସ୍ତ ପ୍ରତିବନ୍ଧକକୁ ହଟାଇଦେଇଥିଲେ । ଏହାର ଦୁଇ ଓଭର ପରେ କେଶବ ମହାରାଜ ତାଙ୍କର ଚତୁର୍ଥ ଶିକାର ବନିଥିଲେ । ୧୭ତମ ଓଭରରେ ଦକ୍ଷିଣ ଆଫ୍ରିକା ୭୩ ରନ୍‌ରେ ୮ମ ୱିକେଟ ହରାଇବା ପରେ ଆଣ୍ଡିଲ ଫେଲୁକୱାଓ କିଛିଟା ଦ୍ରୁତ ରନ୍ କରିଥିଲେ । ଅର୍ଶଦୀପ ଦ୍ୱିତୀୟ ପାଳିରେ ବୋଲିଂ କରିବାକୁ ଆସି ଫେଲୁକୱାଓଙ୍କୁ ୩୩ ରନ୍‌ରେ ଓ ଏହାର ଗୋଟିଏ ଓଭର ପରେ କୁଲଦୀପ ଯାଦବ ପ୍ରତିପକ୍ଷ ବ୍ୟାଟର ନାନ୍ଦ୍ରେ ବର୍ଗରଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକା ପାଳି ଶେଷ କରିଦେଇଥିଲେ । ଭାରତ ପକ୍ଷରୁ ଅର୍ଶଦୀପ ୩୭ ରନ୍‌ରେ ୫ଟି ଓ ଆଭେଷ ଖାନ୍ ୨୭ ରନ୍‌ରେ ୪ଟି ୱିକେଟ ଅକ୍ତିଆର କରି ଦିନିକିଆ ଜୀବନରେ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ । ଏମାନଙ୍କ ଚମତ୍କାର ବୋଲିଂ ଯୋଗୁଁ ଭାରତ ସହଜରେ ମ୍ୟାଚ୍ ଜିତିନେଇଥିଲା ।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା : ୧୧୬/୧୦,** ୨୭.୩ ଓଭର (ଆଣ୍ଡିଲ ଫେଲୁକୱାଓ-୩୩, ଟୋନି ଡି ଜୋର୍ଜି-୨୮, ଅର୍ଶଦୀପ ସିଂ-୫/୩୭, ଆଭେଷ ଖାନ୍-୪/୨୭) ।

**ଭାରତ : ୧୧୭/୨,** ୧୬.୪ ଓଭର (ସାଇ ସୁଦର୍ଶନ-୫୫*, ଶ୍ରେୟସ ଆୟର-୫୨, ଫେଲୁକୱାଓ-୧/୧୫, ମୁଲଡର-୧/୨୬) ।

## କିଶାନଙ୍କୁ ଟେଷ୍ଟରୁ ଅବ୍ୟାହତି

ନୂଆଦିଲ୍ଲୀ, ୧୭।୧୨(ଏଜେନ୍ସି): ବ୍ୟକ୍ତିଗତ କାରଣ ଯୋଗୁଁ ୱିକେଟରକ୍ଷକ ଇଶାନ କିଶାନଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍‌ରୁ ଅବ୍ୟାହତି ଦିଆଯାଇଛି । ଏହି ସିରିଜ୍‌ରୁ ଓହରିଯିବା ଲାଗି ବିସିସିଆଇକୁ କିଶାନ ଅନୁରୋଧ କରିଥିଲେ । ଯାହା ଫଳରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି । ତାଙ୍କ ସ୍ଥାନରେ ଦ୍ୱିତୀୟ ୱିକେଟରକ୍ଷକ ଭାବେ କେଏସ୍ ଭରତଙ୍କୁ ସାମିଲ କରାଯାଇଛି । ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଡିସେମ୍ବର ୨୬ରୁ ଆରମ୍ଭ ହେବ । ସେଞ୍ଚୁରିଅନରେ ପ୍ରଥମ ଟେଷ୍ଟ ଓ କେପ୍‌ଟାଉନ୍‌ରେ ଜାନୁଆରୀ ୩ରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ । **ଭାରତୀୟ ଟେଷ୍ଟ ଦଳ :** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, ଋତୁରାଜ ଗାଏକ୍ୱାଡ, ଲୋକେଶ ରାହୁଲ (ୱିକେଟରକ୍ଷକ), ରବିଚନ୍ଦ୍ରନ ଅଶ୍ୱିନ, ରବିନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ ବୁମ୍‌ରା (ଉପଅଧିନାୟକ), ମହମ୍ମଦ୍ ସିରାଜ, ମୁକେଶ କୁମାର, ପ୍ରସିଦ୍ଧ କ୍ରିଷ୍ଣା ଓ କେଏସ୍ ଭରତ (ୱିକେଟରକ୍ଷକ) ।

## ଦିନିକିଆରେ କୋଟକ ମୁଖ୍ୟ ପ୍ରଶିକ୍ଷକ

ନୂଆଦିଲ୍ଲୀ, ୧୭।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ରୁ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ଓ ତାଙ୍କ ଟିମ୍‌କୁ ଅବ୍ୟାହତି ଦିଆଯାଇଛି । ସେମାନଙ୍କୁ କେବଳ ଟେଷ୍ଟ ସିରିଜ୍ ଉପରେ କାମ କରିବାକୁ କୁହାଯାଇଛି । ଯାହା ଫଳରେ ଡିସେମ୍ବର ୨୨ରୁ ଆରମ୍ଭ ହେବାକୁ ଥିବା ୩ ଦିନିଆ ଅଭ୍ୟାସ ମ୍ୟାଚ୍‌ରେ ସେ ଦାୟିତ୍ୱ ତୁଲାଇବେ । ତାଙ୍କ ସ୍ଥାନରେ ସିତାଂଶୁ କୋଟକଙ୍କୁ ଦିନିକିଆ ସିରିଜ୍ ଲାଗି ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ କରାଯାଇଛି । ରାଜୀବ ଦତ୍ତଙ୍କୁ ବୋଲିଂ ଓ ଅଜୟ ରାତ୍ରାଙ୍କୁ ଫିଲ୍ଡିଂ ପ୍ରଶିକ୍ଷକ ଭାବେ ରଖାଯାଇଛି । ଟେଷ୍ଟ ଦଳର ଖେଳାଳିମାନେ ଦକ୍ଷିଣ ଆଫ୍ରିକାରେ ପହଞ୍ଚି ସାରିଛନ୍ତି । ଏ ସମସ୍ତଙ୍କୁ ମିଶାଇଲେ ଏବେ ଦକ୍ଷିଣ ଆଫ୍ରିକାରେ ୭୫ ଜଣ ଭାରତୀୟ ଖେଳାଳି ଅଛନ୍ତି । ଏଣୁ ଦଳରେ ପରିବର୍ତ୍ତନ କରିବା ସହଜ ହେଉଛି । ଟେଷ୍ଟ ଦଳରୁ ମହମ୍ମଦ୍ ସାମିଙ୍କୁ ବ୍ୟକ୍ତିଗତ କାରଣରୁ ବାଦ ଦିଆଯାଇଛି । ଦୀପକ ଚହରଙ୍କ ମଧ୍ୟ ବ୍ୟକ୍ତିଗତ କାରଣ ଲାଗି ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି ।

**● ଇଣ୍ଡିଆନ ସୁପର ଲିଗ୍**

## ହାଇଦ୍ରାବାଦ୍‌କୁ ହରାଇଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୧୭ ।୧୨(ସମିସ): ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୧୦ମ ସଂସ୍କରଣରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୩-୦ ଗୋଲରେ ହାଇଦ୍ରାବାଦ୍ ଏଫ୍‌ସିକୁ ପରାସ୍ତ କରିଛି । ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଆଧିପତ୍ୟ ବିସ୍ତାର କରି ଖେଳିଥିଲା । ଦଳ ତରଫରୁ ତାରକା ଫିଜି ଷ୍ଟ୍ରାଇକର ରଏ କ୍ରିଷ୍ଣା ୩୫ ଓ ଇଞ୍ଜୁରି ଟାଇମ୍‌ର ୫ମ ଅର୍ଥାତ ୯୫ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ । ସେହିପରି ମୌରତଦା ଫଲ ୪୦ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିବା ବେଳେ ହାଇଦ୍ରାବାଦ ଗୋଲ୍ ଦେବାରେ ବିଫଳ ହୋଇଥିଲା । ଏଥିସହ ଓଡ଼ିଶା ୯ ମ୍ୟାଚ୍ ଖେଳି ୫ ବିଜୟ, ୨ ଡ୍ର ଓ ୨ ପରାଜୟ ସହ ୧୭ ପଏଣ୍ଟ ହାସଲ କରି ମୁମ୍ବାଇ ସିଟିକୁ ପଛରେ ପକାଇବା ସହ ତାଲିକାର ଚତୁର୍ଥ ସ୍ଥାନକୁ ଉଠିଛି ।

**● ଜାତୀୟ ବରିଷ୍ଠ କାନୋସ୍ପ୍ରିଣ୍ଟ**

## ଦୁଇ ଦିନରେ ଓଡ଼ିଶାକୁ ୧୫ ପଦକ

କଟକ,୧୭।୧୨(ସମିସ): ମଧ୍ୟପ୍ରଦେଶର ଭୋପାଳଠାରେ ଚାଲିଥିବା ଜାତୀୟ ବରିଷ୍ଠ କାନୋସ୍ପ୍ରିଣ୍ଟ ପ୍ରତିଯୋଗିତାରେ ଓଡ଼ିଶାକୁ ଅଭୁତପୂର୍ବ ସଫଳତା ମିଳିଛି । ପ୍ରତିଯୋଗିତାର ପ୍ରଥମ ଦୁଇ ଦିନରେ ଓଡ଼ିଶା ପ୍ରତିଯୋଗୀମାନେ ୧୫ ପଦକ ଜିତିଛନ୍ତି । ଏହା ମଧ୍ୟରେ ୪ ସ୍ୱର୍ଣ୍ଣ, ୯ ରୌପ୍ୟ ଏବଂ ଦୁଇଟି କାଂସ୍ୟ ପଦକ ରହିଛି । ରବିବାର ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୨ଟି ସ୍ୱର୍ଣ୍ଣ ଏବଂ ୫ଟି ରୌପ୍ୟକୁ ମିଶାଇ ଓଡ଼ିଶାକୁ ମୋଟ୍ ୭ଟି ପଦକ ମିଳିଥିଲା । ସମସ୍ତ ଇଭେଣ୍ଟ ୫୦୦ ମିଟର ବିଶିଷ୍ଟ ଖେଳାଯାଇଥିଲା । ମହିଳା କାନୋଇଂ-୪ରେ ରଶ୍ମୀତା, ସଚ୍ଚିମା, ସୋଫିଆ ଓ ମଧୁସ୍ମିତା, ପୁରୁଷ କାନୋଇଂ-୪ରେ ନାଓବି, ମୋମୋଚା, ଏଲ ବୋରିଷ ଓ ପି ବୋରିଷ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ମହିଳା କାୟାକିଂ-୨ରେ ଫୁଲମଣୀ ଓ ବିଦ୍ୟାଦେବୀ, ମହିଳା କାନୋଇଂ-୨ରେ ସଚ୍ଚିମା ଓ ରଶ୍ମୀତା ସାହୁ, ମହିଳା କାୟାକିଂ-୪ରେ ବିଦ୍ୟାଦେବୀ, ପି ରୋଜି, ଶ୍ରୁତି ଓ ଫୁଲମଣୀ ଖାଖା, ପୁରୁଷ କାୟାକିଂ-୨ରେ ସାଗର କୁମାର ଓ କିଶାନ ସିଂହ, ପୁରୁଷ କାନୋଇଂ-୧ରେ ଅଭିନାଶ ସିଂଘମ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି ।

## ରାଜ୍ୟ ଜି- ଜିତ୍‌ସୁ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର,୧୭ ।୧୨(ସମିସ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ରାଜ୍ୟ ଜି-ଜିତସୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବିଭିନ୍ନ ଜିଲ୍ଲାରୁ ଏଥିରେ ୧୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସର୍ବାଧିକ ପଦକ ହାସଲ କରି ଖୋର୍ଦ୍ଧା ପ୍ରଥମ ସ୍ଥାନ, କଟକ ଦ୍ୱିତୀୟ ଓ ପୁରୀ ତୃତୀୟ ସ୍ଥାନରେ ରହିଥିଲା । ଜି- ଜିତସୁ କୋଚ୍ ତଥା ରେଫରି ଏମଆର ସାହିଦ ଓ ବିଶ୍ୱ ଜି-ଜିତସୁ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଥିବା ଅନୁପମା ସ୍ୱାଇଁ ରବିବାର ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । କ୍ରୀଡ଼ା ବିଭାଗ ଓଏସଡି ସନାତନ ସାହୁ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ ।

## କୁଚ୍‌ବିହାର ଟ୍ରଫିରେ ଓଡ଼ିଶା ପରାସ୍ତ

ବଲାଙ୍ଗିର,୧୭।୧୨(ସମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ରବିବାର ଶେଷହୋଇଥିବା ୧୯ ବର୍ଷରୁ କମ୍ ବାଳକ କୁଚ୍ ବିହାର ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ଏକ ପାଳି ୨୮୯ ରନ୍‌ରେ ଛତିଶଗଡ଼ ନିକଟରୁ ପରାଜିତ ହୋଇଛି । ଏହି ମ୍ୟାଚ୍‌ରେ ବିକଳ୍ପ ତିୱାରୀଙ୍କ ୧୩୨ ଓ ଆଶିଷ କୁମାର ଦହରିଆଙ୍କ ୧୨୫ ରନ୍ ସହାୟତାରେ ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ପ୍ରଥମ ପାଳିରେ ୫୫୭ ରନ୍ କରିଥିଲା । ଜବାବରେ ଓଡ଼ିଶା ଦଳ ପ୍ରଥମ ପାଳିରେ ମାତ୍ର ୪୨ ରନ କରି ଫଲୋଅନ୍ ହୋଇଥିଲା । ଫଲୋଅନ ପରେ ଓଡ଼ିଶା ଦ୍ୱିତୀୟ ପାଳିରେ ୨୨୬ ରନ୍ କରିବାକୁ ସମର୍ଥ ହୋଇଥିଲା । ଦଳ ପକ୍ଷରୁ ଶ୍ରେୟାଂଶ ଭରଦ୍ୱାଜ୍ ୭୦ ଓ ଆଶୀର୍ବାଦ ସ୍ୱାଇଁ ୩୭ ରନ୍ କରିଥିଲେ ।

**ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ**

## ଭାରତୀୟ ପ୍ରତିଯୋଗୀଙ୍କୁ ୨ ଟାଇଟଲ୍

କଟକ,୧୭।୧୨(ସମିସ)

ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ-୨୦୨୩ ତଥା ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ମର୍ଯ୍ୟାଦଜନକ ଟୁର୍ଣ୍ଣାମେଣ୍ଟରେ ୨୭ ରାଷ୍ଟ୍ରର ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗ



ନେଇଥିଲେ । ମୋଟ ୫ଟି ଇଭେଣ୍ଟରୁ ଭାରତୀୟ ପ୍ରତିଯୋଗୀ ଦୁଇଟି ଇଭେଣ୍ଟରେ ଟାଇଟଲ ଜିତିଛନ୍ତି ।

ପୁରୁଷ ଏକକ ଇଭେଣ୍ଟରେ ଭାରତର ସତୀଶ କୁମାର ୨୧-୧୮, ୧୯-୨୧, ୨୧-୧୪ ଗେମ୍‌ରେ ସାଥୀ ଖେଳାଳି ଆୟୁଷ ସେଟ୍ଟୀଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି । ସତୀଶଙ୍କର ଏହା ୬ଷ୍ଠ ବିଡବ୍ଲ୍ୟୁଏଫ ଟାଇଟଲ୍ । ସେହିପରି ମହିଳା ଏକକ ଇଭେଣ୍ଟରେ ଜାପାନର ନୋଜୋମି ଓକୁହାରା ୨୧-୭, ୨୧-୨୩, ୨୨-୨୦ ଗେମ୍‌ରେ ହଂକଂର ଲୋ ସିନ ୟାନ ହାପିଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି । ପୁରୁଷ ଯୁଗଳ ଫାଇନାଲରେ ଭାରତୀୟ ଯୋଡ଼ି କ୍ରୀଷ୍ଣା ପ୍ରସାଦ ଓ ସାଇ ପ୍ରତୀକ ୧-୨ ସେଟ୍‌ରେ ଚାଇନିଜ ତାଇପେଇ ଲିନ ବିଙ୍ଗ ୱି ଓ ସୁ ଚିଙ୍ଗ ହେଙ୍ଗ ଯୋଡ଼ିଙ୍କ ନିକଟରୁ ହାରି ଉପବିଜେତା ରହିଛନ୍ତି । ତେବେ ମିଶ୍ରିତ ଯୁଗଳ ଇଭେଣ୍ଟରେ ଭାରତର ଧ୍ରୁବ କପିଳା ଓ ତନୀଷା କ୍ରାଷ୍ଟୋ ଯୋଡ଼ି ୧୭-୨୧, ୨୧-୧୯, ୨୩-୨୧ ଗେମ୍‌ରେ ସିଙ୍ଗାପୁରର ହି ୟଙ୍ଗ କାଇ ଏବଂ ତାନ ୱିନ ହାନ୍ ଜେସିକାଙ୍କୁ ହରାଇ ଟ୍ରଫି ଜିତିଛନ୍ତି । ମହିଳା ଯୁଗଳ ଇଭେଣ୍ଟରେ ମଧ୍ୟ ଭାରତ ତନୀଷା କ୍ରାଷ୍ଟୋ ଏବଂ ଅଶ୍ୱିନୀ ପୋନ୍ନାପାଙ୍କ ଯୋଡ଼ି ୧୪-୨୧, ୧୭-୨୧ ଗେମ୍‌ରେ ଇଣ୍ଡୋନେସିଆର ମେଲିସା



ଟ୍ରିଆସ ଏବଂ ରାଚେଲ ଆଲିସିଆଙ୍କ ନିକଟରୁ ହାରି ରନର୍ସଅପ୍ ରହିଥିଲେ । ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସିଏମ୍‌ସି ମେୟର ସୁବାସ ସିଂ, ସିଏମ୍‌ସି କମିସନର ନିଖିଳ ପବନ କଲ୍ୟାଣ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

**ଓସିଏର ନିଷ୍ପତ୍ତି**

## ‘ବାରବାଟୀର ହେବ ନବକଳେବର’

କଟକ,୧୭।୧୨(ସମିସ)

ଐତିହାସିକ ବାରବାଟୀ ଷ୍ଟାଡିୟମ ନୂଆ ରୂପ ନେବ । ୬୦୦ରୁ ୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ରାଜ୍ୟର ଏକମାତ୍ର ଏହି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ନବକଳେବର କରାଯିବ । ୭୦ବର୍ଷର ପୁରୁଣା ବାରବାଟୀ ଷ୍ଟାଡିୟମ । ଆବଶ୍ୟକ ପଡ଼ିଲେ ବିଭିନ୍ନ ଗ୍ୟାଲେରୀକୁ ଭାଙ୍ଗି ଦିଆଯିବ । ଜାନୁୟାରୀ ମାସ ଭିତରେ ନବୀକରଣର ପ୍ରିଲିମିନାରୀ ପ୍ରୋଜେକ୍ଟ ରିପୋର୍ଟ(ପିପିଆର) ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାଖଲ କରାଯିବ । ଅନୁମତି ମିଳିବା ପରେ ଡିଟେଲ୍ସ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର) ପ୍ରସ୍ତୁତ କରାଯିବ । ଆଗାମୀ ଦିନରେ ବାରବାଟୀ ଷ୍ଟାଡିୟମର ରୂପରେଖ ସମ୍ପୂର୍ଣ୍ଣ ବଦଳିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।

ଓସିଏ ସଭାପତି ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବୈଠକରେ ରାଜ୍ୟରେ କ୍ରିକେଟର ବିକାଶ ଦିଗରେ ବିଶେଷ ଭାବେ ଆଲୋଚନା ହୋଇଥିଲା । ଓସିଏ ନିକଟକୁ ବାରବାଟୀ ଷ୍ଟାଡିୟମର ମାଲିକାନା କିପରି ଆସିବ ସେ ଦିଗରେ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବୈଠକରେ କୁହାଯାଇଛି । ଏହି ବୈଠକରେ ବାରବାଟୀ ଷ୍ଟାଡିୟମର ନବୀକରଣ ଦିଗରେ ଆଲୋଚନା ହୋଇଛି । ବାରବାଟୀର ନବୀକରଣ କରାଯିବ କି ଏକ ନୂତନ ଷ୍ଟାଡିୟମ ତିଆରି ହେବ ବୋଲି ସଦସ୍ୟମାନଙ୍କ ମତ ଲୋଡା ଯାଇଥିଲା । ବାରବାଟୀର ନବୀକରଣ ନିମନ୍ତେ ସମସ୍ତ ସଦସ୍ୟ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି । ଓସିଏ, ଓଡ଼ିଶା ଅଲିମ୍ପିକ ଆସୋସିଏସନ ଓ ରାଜ୍ୟ ସରକାରଙ୍କ ସହଯୋଗରେ ବାରବାଟୀର ନବକଳେବର କରାଯିବ । ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।




PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୦୦ ● ପାଉଣ୍ଡ ୧୦୫.୨୪
- ୟୁରୋ ୯୦.୬୫ ● ୟେନ୍ ୦.୫୮

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୩୦୦ (ଭୁବନେଶ୍ୱର)
- ରୁପା : ୭୯,୭୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୪୮୩.୦୦
- ନିଫ୍ଟି ୨୧,୪୫୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ଅର୍ଥବ୍ୟବସ୍ଥାକୁ ନେଇ ଦୁଇ ଅର୍ଥନୀତିଜ୍ଞଙ୍କ ଭିନ୍ନ ଆକଳନ

**ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି):**

ବିଶ୍ୱର ବହୁ ପ୍ରମୁଖ ପ୍ରତିପତିଶାଳୀ ରାଷ୍ଟ୍ରଙ୍କ ଅର୍ଥନୀତି ତୁଳନାରେ ଭାରତର ସାଂପ୍ରତିକ ଅର୍ଥ ବ୍ୟବସ୍ଥା ସୁଦୃଢ ରହିଛି ବୋଲି ବହୁ ଆନ୍ତର୍ଜାତିକ ସଂସ୍ଥା ରିପୋର୍ଟ ପ୍ରକାଶ କରିଛନ୍ତି। ଏହାବ୍ୟତୀତ ଚଳିତ ଆର୍ଥିକ ବର୍ଷ ଏବଂ ଆଗାମୀ ଦିନରେ ମଧ୍ୟ ଭାରତର ଅଭିବୃଦ୍ଧି ସନ୍ତୋଷଜନକ ହେବା ନେଇ ଏହି ସଂସ୍ଥା ଆକଳନ କରିଛନ୍ତି। ଏହିକ୍ରମରେ ଭାରତକୁ ୨୦୨୫ ସୁଦ୍ଧା ୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଉଦ୍ୟମ ଜାରି ରହିଛି। କିନ୍ତୁ ଏଥିପାଇଁ ଭାରତକୁ ୨୦୨୬ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ନିତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିୟା କହିଛନ୍ତି।୨୦୨୬ରେ ଭାରତୀୟ ଅର୍ଥନୀତି ୫ ଟ୍ରିଲିଅନ ଡଲାର ଛୁଇଁବା ସହିତ ୨୦୨୭ରେ ଏହା ୫.୫ ଟ୍ରିଲିଅନ ଡଲାର ହେବ ବୋଲି ସେ କହିଛନ୍ତି। ପାନଗାରିୟା କହିଛନ୍ତି ଭାରତ ୨୦୨୬ରେ ୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ ହେବା ସହିତ ବିଶ୍ୱର ତୃତୀୟ ବଡ଼ ଅର୍ଥନୀତି ହେବ।ଆସନ୍ତା ୩ ବର୍ଷ ମଧ୍ୟରେ ଜର୍ମାନୀ କିମ୍ବା ଜାପାନ ଅର୍ଥନୀତିର ଆକାର ୫ ଟ୍ରିଲିଅନ ଡଲାର ଟପିବା ସମ୍ଭାବନା ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ପ୍ରମୁଖ ଅର୍ଥନୀତିଜ୍ଞ ତଥା ପୂର୍ବତନ ଆରବିଆଇ ଗଭର୍ଣ୍ଣର ରଘୁରାମ ରାଜନ ଭିନ୍ନ ମତପୋଷଣ କରିଛନ୍ତି। ସେ କହିଛନ୍ତି ଯେ, ୨୦୨୫ ସୁଦ୍ଧା ଭାରତ ୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ ହେବା ସମ୍ଭବ ନୁହେଁ। ଦେଶର ସାଂପ୍ରତିକ ଆର୍ଥିକ ଅଭିବୃଦ୍ଧି ହାରକୁ ନେଇ ସେ ଏଭଳି କହିଥିଲା ବେଳେ ୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ହେଲେ ଭାରତର ବାର୍ଷିକ ପ୍ରକୃତ ଅଭିବୃଦ୍ଧି ହାର ୧୨ରୁ ୧୫ ପ୍ରତିଶତ ରହିବା ଆବଶ୍ୟକ ବୋଲି କହିଛନ୍ତି। କେବଳ ସେତିକି ନୁହେଏ ବିଭିନ୍ନ କାରଣକୁ ନେଇ ଭାରତ ୨୦୪୭ ସୁଦ୍ଧା ଏକ ମଧ୍ୟମ ଅର୍ଥନୀତି ହୋଇ ରହିବ ବୋଲି ମଧ ରାଜନ ଆକଳନ କରିଛନ୍ତି। ଏହି ସମୟ ସୁଦ୍ଧା ଦେଶର ବୟସ୍କଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିବ ଏବଂ ଏଥିପାଇଁ ଅର୍ଥନୀତି ଉପରେ ବିଶେଷ ଚାପ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ଭାରତୀୟ ଅର୍ଥନୀତି ମଧ୍ୟମ ସ୍ଥିତିରେ ରହିବ ବୋଲି ସେ କହିଛନ୍ତି। ରାଜନଙ୍କ ମନ୍ତବ୍ୟକୁ କେତେକ ମହଲ ବିରୋଧ କରିଥିବାବେଳେ ଆଉ କେତେକ ସମର୍ଥନ କରିଛନ୍ତି।



"୨୦୪୭ ସୁଦ୍ଧା ଭାରତ ମଧ୍ୟମ ଅର୍ଥନୀତି ହୋଇ ରହିବ : **ରଘୁରାମ ରାଜନ**"



"୨୦୨୬ ସୁଦ୍ଧା ଭାରତ ହେବ ୫ ଟ୍ରିଲିଅନ ଡଲାର ଅର୍ଥନୀତି: **ଅରବିନ୍ଦ ପାନଗାରିୟା**"

# ବିଶ୍ୱର ବୃହତ୍ତମ ବ୍ୟବସାୟ ସ୍ଥଳ 'ସୁରତ ଡାଇମଣ୍ଡ ବୋର୍ସ' ଉଦ୍‌ଘାଟିତ



**ସୁରତ,୧୭।୧୨(ଏଜେନ୍ସି):** ହୀରା ନଗରୀ ଭାବେ ପରିଚିତ ଗୁଜରାଟର ସୁରତ ସହରରେ ବିଶ୍ୱର ସର୍ବବୃହତ କାର୍ଯ୍ୟ ପରିସର 'ସୁରତ ଡାଇମଣ୍ଡ ବୋର୍ସ(ଏସଡିବି) ରବିବାର ଉଦ୍‌ଘାଟିତ ହୋଇଛି। ପ୍ରାୟ ୬୭ ଲକ୍ଷ ବର୍ଗଫୁଟ୍ ପରିମିତ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ବହୁତଳ ଏବଂ ସମନ୍ୱିତ ଅଟ୍ଟାଳିକାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଛନ୍ତି। ଏହି ଅଟ୍ଟାଳିକା ଆମେରିକାର ପ୍ରତିରକ୍ଷା ବିଭାଗର ମୁଖ୍ୟ କାର୍ଯ୍ୟାଳୟ ପେଣ୍ଟାଗନ ଠାରୁ ମଧ୍ୟ ବଡ଼ ବୋଲି କୁହାଯାଇଛି। ଏହା ହୀରା ସମେତ ଅନ୍ୟାନ୍ୟ ଅଳଙ୍କାର ବ୍ୟବସାୟ ପାଇଁ ବିଶ୍ୱର ବୃହତ୍ତମ ଆନ୍ତର୍ଜାତିକ କେନ୍ଦ୍ର ହେବ ।ଏଠାରେ ଉଭୟ 'ରଫ୍' ଓ 'ପଲିସ୍‌ଡ୍' ହୀରା ବିକ୍ରୟ ହେବ। ଏହି ବ୍ୟାବସାୟିକ ସ୍ଥଳରେ ରପ୍ତାନି- ଆମଦାନୀ କାରବାର ପାଇଁ ଅତ୍ୟାଧୁନିକ 'କଷ୍ଟମ୍‌ସ୍ କ୍ଲିଅରାନ୍ସ ହାଉସ୍', ଖାଉଟି ଅଳଙ୍କାର ବ୍ୟବସାୟ ଲାଗି 'ଜୁଏଲାରୀ ମଲ୍' ସହିତ ଆନ୍ତର୍ଜାତିକ ବ୍ୟାଙ୍କିଙ୍ଗ୍ ଓ ସେଫ୍ ଭଲଟ୍‌ସ୍ ସୁବିଧା ରହିବ। ଉଲ୍ଲେଖଯୋଗ୍ୟ ଯେ, ଏହି ଅଟ୍ଟାଳିକାର ନିର୍ମାଣ କାର୍ଯ୍ୟ ୨୦୧୫ ଫେବୃଆରୀରେ ଆରମ୍ଭ ହୋଇ ୨୦୨୨ରେ ଶେଷ ହୋଇଥିଲା। ଗତ ଅଗଷ୍ଟ ମାସରେ 'ଗିନିଜ୍ ୱାର୍ଲଡ୍ ରେକର୍ଡ' ଏହି ଅଟ୍ଟାଳିକାକୁ ବିଶ୍ୱର ବୃହତ୍ତମ ଅଟ୍ଟାଳିକା ମାନ୍ୟତା ଦେଇଥିଲା। ଏହି ଅଟ୍ଟାଳିକା ନିର୍ମାଣ ଲାଗି ହାରାହାରି ୩,୫୦୦ କୋଟି ଟଙ୍କା ବ୍ୟୟ କରାଯାଇଥିଲା ବେଳେ ଏଥିରେ ୪,୫୦୦ ବ୍ୟାବସାୟିକ ଅଫିସ ପାଇଁ ସୁବିଧା ରହିଛି।

# ୟୁଜିସି ସ୍ୱୀକୃତି ପାଇ ନଥିବା ବିଦେଶୀ ବିଶ୍ୱବିଦ୍ୟାଳୟ ଡିଗ୍ରୀ ଗ୍ରହଣୀୟ ହେବନି




**ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି):** ଭାରତରେ ପରିଚାଳିତ ହେଉଥିବା ଯେଉଁ ବିଦେଶୀ ବିଶ୍ୱବିଦ୍ୟାଳୟ କିମ୍ବା ଶିକ୍ଷାନୁଷ୍ଠାନ ୟୁଜିସି(ୟୁନିଭର୍ସିଟି ଗ୍ରାଣ୍ଟ କମିସନ) ଅନୁମୋଦନ ପାଇ ନଥିବେ ସେହି ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରଦତ୍ତ ଡିଗ୍ରୀ ଗ୍ରହଣୀୟ ହେବ ନାହିଁ ବୋଲି ୟୁଜିସି କର୍ତ୍ତୃପକ୍ଷ କହିଛନ୍ତି। ବର୍ତ୍ତମାନ ଭାରତରେ ବିଦେଶୀ ଶିକ୍ଷାନୁଷ୍ଠାନଙ୍କ ସଂଖ୍ୟା ବଢି ଚାଲିଥିଲା ବେଳେ ସ୍ଥାନୀୟ ବହୁ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନ ସେମାନଙ୍କ ସହ ସହଭାଗିତାରେ ଶିକ୍ଷା ପ୍ରଦାନ କରୁଛନ୍ତି। କିନ୍ତୁ ବହୁ ବିଦେଶୀ ଶିକ୍ଷାନୁଷ୍ଠାନ ଔପଚାରିକ ଭାବେ ୟୁଜିସି କର୍ତ୍ତୃପକ୍ଷଙ୍କ ଠାରୁ ଅନୁମୋଦନ ନ ନେଇ ଶିକ୍ଷାଦାନ କରିବା ନାଁରେ ବ୍ୟବସାୟ ଚଳାଇଥିବା ଜଣାପଡ଼ିବା ପରେ ୟୁଜିସି କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏକ ବିଜ୍ଞପ୍ତି ମାଧ୍ୟମରେ ସମସ୍ତଙ୍କ ଲାଗି ଏହା ଅବଗତ କରାଯାଇଛି ବୋଲି ୟୁଜିସି ପକ୍ଷରୁ କୁହାଯାଇଛି।

# ରେଳବାଇ ଗୁଡ୍ସ ସେଡ୍ ଶ୍ରମିକଙ୍କ 'ମନ୍ଥନ ୨୦୨୩' ଆୟୋଜିତ




**ଭୁବନେଶ୍ୱର,୧୭।୧୨(ସମିସ):** ଭାରତୀୟ ରେଳ ମାଲଗୋଦାମ ଶ୍ରମିକ ସଂଘ ପକ୍ଷରୁ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ସହଯୋଗିତାରେ ନୂଆଦିଲ୍ଲୀରେ "ମନ୍ଥନ ୨୦୨୩' ସମ୍ମିଳନୀ ଆୟୋଜନ କରାଯାଇଛି। ସରକାରୀ ସୁବିଧା ପାଇବା ଲାଗି ରେଳବାଇ ଗୁଡ୍ସ ସେଡ୍ ଶ୍ରମିକମାନଙ୍କ ଦୀର୍ଘଦିନର ଦାବି ପୂରଣ ହେବା ପରିପ୍ରେକ୍ଷୀରେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି।ଏହି ଅବସରରେ ସଂଖ୍ୟାଲଘୁ ବ୍ୟାପା।ର ରାଷ୍ଟ୍ରମନ୍ତ୍ରୀ ଜନ୍ ବାର୍ଲା, ପ୍ରସାର ଭାରତୀ ବୋର୍ଡ ସଦସ୍ୟ (ଅର୍ଥ) ତଥା ମୁଖ୍ୟ ଶ୍ରମ ଆୟୁକ୍ତ ଡି ପି ଏସ ନେଗି, ଉପ ଶ୍ରମକଲ୍ୟାଣ ଆୟୁକ୍ତ ଓମ୍ ପ୍ରକାଶ ସିଂହ, ସରକାରୀ ଶ୍ରମ ଆୟୁକ୍ତ ଅମ୍ରିତେଶ, ଶ୍ରମ ପ୍ରବର୍ତ୍ତନ ଅଧିକାରୀ ଡକ୍ଟର ଅବଦୁଲ କାଦିର, ଉପ ସିଏଲସି ଡକ୍ଟର ଆର ଜି ମିନା, ସୁଶିଲ କୁମାର ଓ ଏନଏଚଆରସିର ରେଜିଷ୍ଟ୍ରାର ବ୍ରିଜବୀର ସିଂହ ଅତିଥି ଭାବେ ଯୋଗ ଦେଇଥିଲେ।ଭାରତୀୟ ରେଳ ଗୁଡ୍ସ ସେଡ୍ ଶ୍ରମିକ ସଂଘର ରାଷ୍ଟ୍ରୀୟ ସଭାପତି ତଥା ଭାରତ ସରକାରଙ୍କ ଖାଦ୍ୟ ମନ୍ତ୍ରଣାଳୟର ରାଜ୍ୟସ୍ତରୀୟ ପରାମର୍ଶଦାତା କମିଟିର ସଦସ୍ୟ, ଆଞ୍ଚଳିକ ରେଳ ଉପଭୋକ୍ତା ପରାମର୍ଶଦାତା କମିଟିର ସଦସ୍ୟ, ଟେଲିକମ୍ ପରାମର୍ଶଦାତା କମିଟିର ସଦସ୍ୟ ତଥା ଜଣାଶୁଣା ସମାଜସେବୀ ଡ. ପରିମଳକାନ୍ତି ମଣ୍ଡଳ, ସଂଗଠନର ଉପାଧ୍ୟକ୍ଷ ଏମଆର ସିନ୍ଧୁଖରଚକରବୋରୀ, କେନ୍ଦ୍ରୀୟ କମିଟି ସଦସ୍ୟ ଏବଂ ଭାରତର ବିଭିନ୍ନ ରାଜ୍ୟରେ ଥିବା ରେଳ ଗୁଡ୍ସ ସେଡ୍ର ଶ୍ରମିକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।ଏହି ଅବସରରେ ଅନୁଷ୍ଠାନର ରାଷ୍ଟ୍ରୀୟ ସଭାପତି ଡ.ମଣ୍ଡଳ କହିଲେ ଯେ, "ବ୍ରିଟିଶ ଶାସନକାଳରୁ ଏହି ରେଳ ଗୁଡ୍ସ ସେଡ୍ ଶ୍ରମିକଙ୍କ ଶୋଷଣ ବିରୋଧରେ ବିଆରଏମଜିଏସୟୁର ଦୀର୍ଘ ସଂଘର୍ଷର ଫଳସ୍ୱରୂପ ଏହି ଶ୍ରମିକମାନେ ବିଭିନ୍ନ ସରକାରୀ ସୁବିଧା ପାଇଛନ୍ତି। ଏବେ ଦେଶର ପ୍ରାୟ ୧୦ ଲକ୍ଷ ରେଳ ଗୁଡ୍ସ ସେଡ୍ ଶ୍ରମିକ ସର୍ବନିମ୍ନ ମଜୁରି, ବୀମା, ପେନସନ ଓ ପାନୀୟ ଜଳ, ବିଶ୍ରାମଗୃହ, ଗୁଡ୍ସ ସେଡରେ ଶୌଚାଳୟ ସହିତ ସରକାରଙ୍କ ଦ୍ୱାରା ଉପକୃତ ହୋଇଛନ୍ତି। କର୍ମକ୍ଷେତ୍ରରେ ଏକ ସୁସ୍ଥ ଏବଂ ସୁରକ୍ଷିତ କାର୍ଯ୍ୟ ପରିବେଶ ବଜାୟ ରଖିବା ପାଇଁ ରେଳ ବାଇ ଗୁଡସ୍ ସେଡ୍ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ସ୍କିଲ୍ ଇଣ୍ଡିଆ ସହଯୋଗ ଯୋଗାଇ ଦେଉଛି।ଭାରତୀୟ ରେଳବାଇ ଏହି ଶ୍ରମିକମାନଙ୍କୁ ରେଳ କର୍ମଚାରୀ ଭାବରେ ସ୍ୱୀକୃତି ନଦେବା ପର୍ଯ୍ୟନ୍ତି ସଂଘର୍ଷ ଜାରି ରହିବ ବୋଲି ସେ କହିଛନ୍ତି।

# ଆଜିଠାରୁ ସ୍ୱର୍ଣ୍ଣବଣ୍ଡ ଆବେଦନ



**ନୂଆଦିଲ୍ଲୀ ,୧୭।୧୨(ଏଜେନ୍ସି):** ଆସନ୍ତାକାଲି ଠାରୁ ( ଡିସେମ୍ବର ୧୮ ତାରିଖ) ସୋଭରେନ ଗୋଲ୍ଡ ବଣ୍ଡ ପାଇଁ ଆବେଦନ ଆରମ୍ଭ ହେବାକୁ ଯାଉଛି। ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ଯୋଜନା ଚାଲୁ ରହିବ ଏବଂ ଏହି ଯୋଜନାରେ ସାମିଲ ହେବାକୁ ଚାହୁଁଥିବା ଗ୍ରାହକମାନେ ଏଥିପାଇଁ ଆବେଦନ କରିପାରିବେ। ସ୍ୱର୍ଣ୍ଣବଣ୍ଡ ଯୋଜନାରେ ୧ ଗ୍ରାମ ସୁନା ପିଛା ମୂଲ୍ୟ ୬୧୯୯ ଟଙ୍କା ଧାର୍ଯ୍ୟ କରାଯାଇଛି। ଯେଉଁମାନେ ଅନଲାଇନରେ ଆବଦେନ କରିବେ ଏବଂ ଡିଜିଟାଲ ମାଧ୍ୟମରେ ଅର୍ଥ ପୈଠ କରିବେ ସେମାନଙ୍କୁ ୫୦ ଟଙ୍କା ରିହାତି ମିଳିବ। ସେମାନେ ୧ ଗ୍ରାମ ପିଛା ୬୧୪୯ ଟଙ୍କାରେ ସୁନା କିଣିବାକୁ ସୁଯୋଗ ପାଇବେ। ଯେଉଁମାନେ ଅଫଲାଇନ ବ୍ୟବସ୍ଥାରେ ଏହି ଯୋଜନାରେ ସାମିଲ ହେବାକୁ ଚାହୁଁଥିବେ ସେମାନେ ତାଲିକାଭୁକ୍ତ ବାଣିଜ୍ୟକ ବ୍ୟାଙ୍କ(ସ୍ମଲ ଫାଇନାନ୍ସ ବ୍ୟାଙ୍କ, ପେମେଣ୍ଟ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ବ୍ୟତୀତ), ଷ୍ଟକ ହୋଲଡିଂ କର୍ପୋରେସନ , କ୍ଲିୟରିଂ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ, ନିର୍ଦ୍ଦିଷ୍ଟ ଡାକଘର ଏବଂ ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ ସୁନା କ୍ରୟ କରିପାରିବେ । ଜଣେ ନିବେଶକ ସର୍ବନିମ୍ନ ୧ ଗ୍ରାମ ମୂଲ୍ୟର ବଣ୍ଡ କିଣିପାରିବେ । ଏହାପରେ ଡିସେମ୍ବର ୨୮ ତାରିଖରେ ନିବେଶକାରୀଙ୍କୁ ଏହି ବଣ୍ଡ ଜାରି କରାଯିବ ବୋଲି ସୂଚନା ଦିଆଯାଇଛି।

# ଶ୍ୟାମ ଷ୍ଟିଲକୁ ଗ୍ରୀନ୍‌ପ୍ରୋ ପ୍ରମାଣପତ୍ର




**ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି):** ଟିଏମ୍‌ଟି ବାର୍ ଉତ୍ପାଦନ ଶିଳ୍ପରେ ଅଗ୍ରଣୀ ରହିଥିବା ଶ୍ୟାମ ଷ୍ଟିଲ୍‌କୁ ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ଏବଂ ଗ୍ରୀନ୍ ପ୍ରଡକ୍ଟସ୍ ଆଣ୍ଡ ସର୍ଭିସେସ୍ କାଉନସିଲ ପକ୍ଷରୁ ଗ୍ରୀନପ୍ରୋ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀ ଦ୍ୱାରା ଉତ୍ପାଦିତ ଏଫଇ ୫୦୦ଡି ଏବଂ ଏଫଇ ୫୫୦ଡି ଭଳି ଦୁଇଟି ଉତ୍ପାଦ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିବା କମ୍ପାନୀ କହିଛି। ଏହି ଉଲ୍ଲେଖନୀୟ ସ୍ୱୀକୃତି ପାଇଁ ଶ୍ୟାମ ଷ୍ଟିଲ୍ ପକ୍ଷରୁ ଖୁସି ବ୍ୟକ୍ତ କରାଯିବା ସହିତ ଦୀର୍ଘସ୍ଥାୟୀ ଏବଂ ଉନ୍ନତମାନର ଉତ୍ପାଦ ଯୋଗାଣ ନିମନ୍ତେ କମ୍ପାନୀର ପ୍ରତିବଦ୍ଧତା ଅତୁଟ ରହିବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମବଙ୍ଗର ଅଙ୍ଗଦପୁର କାରଖାନାରେ ଏଫ୍‌ଇ ୫୦୦ଡି ଏବଂ ମେଜିଆସ୍ଥିତ କାରଖାନାରେ ଏଫ୍‌ଇ ୫୫୦ଡି ବାର୍ ଉତ୍ପାଦନ କରାଯାଉଛି।

# ଉନ୍ନତ ଫିଚର ସହ ରିଅଲ୍‌ମି ସି୬୭-୫ଜିର ଶୁଭାରମ୍ଭ



**ମୁମ୍ବାଇ,୧୭।୧୨(ଏଜେନ୍ସି):** ରିଅଲ୍ମି ପକ୍ଷରୁ ଏହାର ଚାମ୍ପିଅନ୍ ସିରିଜ୍‌ରେ ପ୍ରଥମ ୫ଜି ସ୍ମାର୍ଟଫୋନ୍ ସି୬୭-୫ଜିର ଶୁଭାରମ୍ଭ ଘୋଷଣା କରାଯାଇଛି। ୫ଜି ଚାର୍ଜିଙ୍ଗ୍ ଚାମ୍ପିଅନ୍ ରିଅଲ୍ମି ସି୬୭ ୫ଜି, ୫ଜି କନେକ୍ଟିଭିଟି ସହିତ ଆସୁଛି ଏବଂ ଏଥିରେ ଶକ୍ତିଶାଳୀ କ୍ୟାମେରା ସହିତ ଫାଷ୍ଟ ଚାର୍ଜିଙ୍ଗ୍, ବୃହତ୍ ବ୍ୟାଟେରୀ,ଆକର୍ଷଣୀୟ ଡିଜାଇନ୍,୫ଜି ଚିପ୍ସେଟ୍, ମଲ୍ଟିଟାସ୍କିଙ୍ଗ ପାଇଁ ପର୍ଯ୍ୟାପ୍ତ ରାମ୍ ଆଦି ସୁବିଧା ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।ଏଫ୍‌ଏଚ୍ଡି+ ଡିସ୍ପ୍ଲେ ସହ ୧୨୦ଏଚ୍ଜେଡ୍ ଅଲ୍ଟ୍ରା ସ୍ମୁଥ୍ ଡିସ୍ପ୍ଲେ ଏବଂ ଏକ ନିମଜ୍ଜିତ ଅନୁଭୂତି ପାଇଁ ଡିଜାଇନ୍ କରାଯାଇଥିବା ୯୧.୪% ସ୍କ୍ରିନ୍-ଟୁ-ବଡି ରେସିଓ ରହିଛି। ଏଥିରେ ଏକ ଉନ୍ନତ ଭିଜନ ଡିଜାଇନ୍‌ରେ ମିନି କ୍ୟାପ୍ସୁଲ୍ ୨.୦ ମଧ୍ୟ ରହିଛି। ଏହି ସ୍ମାର୍ଟଫୋନ୍‌ରେ ଫାଷ୍ଟ ଚାର୍ଜିଙ୍ଗ୍ ପାଇଁ ବିଶାଳ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ସହିତ ୩୩ୱାଟ୍ ସୁପର ଭିଓଓସି ଚାର୍ଜିଙ୍ଗ୍ ସଲ୍ୟୁଶନ ରହିଛି ଯାହା କେବଳ ୨୯ ମିନିଟ୍‌ରେ ୧ରୁ ୫୦% ପର୍ଯ୍ୟନ୍ତ ଚାର୍ଜ ହୋଇଥାଏ। ରିଅଲ୍ମି ସି୬୭ ୫ଜି ମିଡିଆଟେକ୍ ଡାଇମେନ୍ସିଟି ୬୧୦୦+ ୫ଜି ଚିପ୍ସେଟ୍ ଦ୍ୱାରା ପରିଚାଳିତ।ଏହି ସ୍ମାର୍ଟଫୋନ୍ ୬ଜିବି ପର୍ଯ୍ୟନ୍ତ ରାମ୍ ଓ ୧୨୮ଜିବି ଷ୍ଟୋରେଜ୍ ସହ ପେୟାର ହୋଇଥିବା ବେଳେ ୬ ଜିବି ପର୍ଯ୍ୟନ୍ତ ଡାଇନାମିକ୍ ରାମ୍ ବକଳ୍ପ ସହିତ ଆସୁଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ୬୦୬.୮୬ ବିଲିୟନ ଡଲାର ଛୁଇଁଲା ବୈଦେଶିକ ମୁଦ୍ରା ଭଣ୍ଡାର



**ମୁମ୍ବାଇ,୧୭।୧୨(ଏଜେନ୍ସି):** ବିଗତ କିଛି ସପ୍ତାହ ହେଲା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଇଥିଲା ବେଳେ ଗତ ସପ୍ତାହରେ ଏଥିରେ ୨.୮୨ ବିଲିୟନ ଡଲାର ବୃଦ୍ଧି ହୋଇଛି । ଏହାଦ୍ୱାରା ଡିସେମ୍ବର ୮ ତାରିଖ ସୁଦ୍ଧା ଶେଷ ହୋଇଥିବା ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାର ପରିମାଣ ୬୦୬.୮୬ ବିଲିୟନ ଡଲାରରେ ପହଞ୍ଚିଛି ।ଭାରତୀୟ ରଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ବଶେଷ ତଥ୍ୟରେ ଏହା ପ୍ରକାଶ କରାଯାଇଛି। ଏହା ପୂର୍ବ ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାର ପରିମାଣରେ ୬.୧୦୭ ବିଲିୟନ ଡଲାର ବୃଦ୍ଧି ଘଟି ଏହା ୬୦୦ ବିଲିୟନ ଡଲାର ଟପିଥିଲା। ଏହାବ୍ୟତୀତ ଏହି ସପ୍ତାହ ଶେଷ ସୁଦ୍ଧା ମୁଦ୍ରା ଭଣ୍ଡାରର ଏକ ପ୍ରମୁଖ ଅଂଶ ଭାବେ ବୈଦେଶିକ ମୁଦ୍ରା ସମ୍ପତ୍ତି (ଏଫସିଏ) ୩.୦୮୯ ବିଲିୟନ ଡଲାର ବଢି ୫୩୬.୬୯୯ ବିଲିୟନ ଡଲାର ହୋଇଛି । କିନ୍ତୁ ଏହି ସମୟ ମଧ୍ୟରେ ଦେଶର ଗଛିତ ସୁନା ଭଣ୍ଡାର ମୂଲ୍ୟ ୧୯.୪ କୋଟି ଡଲାର ହ୍ରାସ ପାଇ ୪୭.୧୩ ବିଲିୟନ ଡଲାର ରହିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ,୨୦୨୧ ଅକ୍ଟୋବରରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଶୀର୍ଷ ସ୍ତର ଛୁଇଁବା ସହ ୬୪୫ ବିଲିୟନ ଡଲାରରେ ପହଞ୍ଚିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବୈଶ୍ୱିକ ସ୍ତରରେ ସୃଷ୍ଟି ହୋଇଥିବା ଆର୍ଥିକ ଅସ୍ଥିରତାକୁ ନେଇ ଡଲାର ତୁଳନାରେ ଟଙ୍କା ସ୍ଥିତି ମଜଭୁତ କରିବା ପାଇଁ ଆରବିଆଇ ଦ୍ୱାରା ମୁଦ୍ରା ଭଣ୍ଡାର ଉପଯୋଗ କରାଯାଇଥିଲା ।

# ଜିଓ'ର ୩ ନୂତନ 'ଜିଓଟିଭି ପ୍ରିମିୟମ ପ୍ଲାନ୍' ଉନ୍ମୋଚିତ

**ମୁମ୍ବାଇ,୧୭।୧୨(ଏଜେନ୍ସି):**

ନୂଆବର୍ଷ ପୂର୍ବରୁ ଜିଓ ନିଜ ଗ୍ରାହକଙ୍କ ପାଇଁ ମନୋରଞ୍ଜନ ସମ୍ଭାର ଆଣିଦେଇଛି । ଜିଓଟିଭି ପ୍ରିମିୟମ ପ୍ଲାନ୍ ନାମରେ ମାଗଣା ଓଟିଟି ଆପ୍ ସବସ୍କ୍ରିପସନ୍ ସହ କମ୍ପାନୀ ୩ଟି ନୂଆ ମୋବାଇଲ୍ ପ୍ଲାନ୍‌ର ଶୁଭାରମ୍ଭ କରିଛି । ଏହି ପ୍ଲାନ୍ ଗୁଡିକରେ ଜିଓ ସିନେମା ପ୍ରିମିୟମ, ଡିଜନି ପ୍ଲସ ହଟ୍‌ଷ୍ଟାର୍, ଜି୫, ସୋନି-ଲିଭ ଭଳି ଜାତୀୟ ସ୍ତରର ଓଟିଟି ଏବଂ ପ୍ରାଇମ ଭିଡିଓ (ମୋବାଇଲ), ଲାୟନ୍ସଗେଟ୍ ପ୍ଲେ, ଡିସକଭରି ପ୍ଲସ,ଡକୁ-ବେ ଭଳି ଅନ୍ତର୍ଜାତୀୟ ଓଟିଟି ସବସ୍କ୍ରିପସନ ସହିତ ସନ୍ ନେକ୍ସଟ, ହୋଇଚୋଇ, ପ୍ଲାନେଟ୍ ମରାଠୀ, ଚୌପାଲ, ଏପିକଅନ୍ ଓ କଞ୍ଚା ଲଙ୍କା ଭଳି ଲୋକପ୍ରିୟ ଆଞ୍ଚଳିକ ଓଟିଟି ଆପ୍ ସମେତ ପ୍ରାୟ ୧୪ଟି ଓଟିଟି ଆପ୍ ସବସ୍କ୍ରିପସନ୍ ବିନା କୌଣସି ଅତିରିକ୍ତ ମୂଲ୍ୟରେ ଉପଲବ୍ଧ ହେବ ।ଓଟିଟି ଆପ୍ ଜରିଆରେ ଜାତୀୟ, ଅନ୍ତର୍ଜାତୀୟ ଓ ଆଞ୍ଚଳିକ ଭାଷାର ବିଷୟବସ୍ତୁ ଦେଖିବାକୁ ମିଳିବ । ଏହି ପ୍ଲାନ୍ ସହ ଯୋଡ଼ି ହୋଇଥିବା ତଥା ମାଗଣାରେ ଉପଲବ୍ଧ ହେଉଥିବା

## ଉପଲବ୍ଧ ହେବ ଓଟିଟି ଆପ୍ ସବ୍‌ସ୍କ୍ରିପ୍‌ସନ୍

ଓଟିଟି ଆପଗୁଡ଼ିକର ସବସ୍କ୍ରିପସନର ମୂଲ୍ୟ ପାଖାପାଖି ୧୦୦୦ ଟଙ୍କା। ୩୯୮ ଟଙ୍କିଆ ପ୍ଲାନରେ ଗ୍ରାହକଙ୍କୁ ୧୨ଟି ଓଟିଟି ଆପ୍, ୧୧୯୮ ଟଙ୍କା ଏବଂ ୪୪୯୮ ଟଙ୍କାର ପ୍ଲାନରେ ୧୪ଟି ଓଟିଟି ଆପ୍ ମାଗଣାରେ ମିଳିବ । ପ୍ରତ୍ୟେକ ପ୍ଲାନରେ ଗ୍ରାହକଙ୍କୁ ପ୍ରତିଦିନ ୨ ଜିବି ହାଇ-ସ୍ପିଡ଼ ଡାଟା ମିଳିବ । ୩୯୮ ଟଙ୍କିଆ ପ୍ଲାନର ବୈଧତା ୨୮ ଦିନ ରହିଥିବା ବେଳେ ୧୧୯୮ ଟଙ୍କିଆ ପ୍ଲାନର ବୈଧତା ୮୪ ଦିନ ଏବଂ ୪୪୯୮ ଟଙ୍କିଆ ପ୍ଲାନ ବୈଧତା ୩୬୫ ଦିନ ରହିଛି ।ଜିଓଟିଭି ପ୍ରିମିୟମ ପ୍ଲାନ୍ ରିଚାର୍ଜ କଲେ ଅଲଗା ଅଲଗା ଏକାଧିକ ଓଟିଟି ସବସ୍କ୍ରିପସନ କିଣିବାର ସମସ୍ୟା ଦୂର ହେବ । ଜିଓଟିଭି ଆପ୍‌ରେ ସାଇନ୍ ଇନ୍ କରିବା ପରେ ଓଟିଟି ଆପ୍ ପାଇଁ ଅଲଗା ଲଗଇନ୍ ଓ ପାସୱାର୍ଡ ବନାଇବା ଓ ମନେ ରଖିବାର ଆବଶ୍ୟକତା ପଡ଼ିବ ନାହିଁ । ୪୪୯୮ ଟଙ୍କାର ବାର୍ଷିକ ପ୍ଲାନରେ ୱାନ-କ୍ଲିକ୍ କଷ୍ଟମର କେୟାର କଲ୍ ବ୍ୟାକ୍ ସୁବିଧା ମଧ ଉପଲବ୍ଧ ରହିଛି ।

